DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୮/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, August 8/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 254 | ମୂଲ୍ୟ ₹୭/-



## ଗିଲ୍ ଉତ୍ତରାଞ୍ଚଳ ଅଧିନାୟକ

ଆସନ୍ତା ସିଜନ୍ ଦୁଲୀପ ଟ୍ରଫି ପାଇଁ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଉତ୍ତରାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି।

୧୪

୦୨

## ଇନ୍ସପେକ୍ଟର ସାଜିବେ ମନୋଜ

କ୍ରାଇମ ଥ୍ରୀଲର ୱେବ୍ ସିରିଜ୍ 'ଇନ୍ସପେକ୍ଟର ଜେଣ୍ଡେ'ରେ ଅଭିନେତା ମନୋଜ ବାଜପେୟୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ।




# ହସ୍ତତନ୍ତ ଓଡ଼ିଆ ଅସ୍ମିତାର ପ୍ରମୁଖ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୮ (ଅନୁରାଧା ମହାରଣା)

### ହସ୍ତତନ୍ତ ମେଳା 'ଏକତା' ଉଦ୍‌ଘାଟିତ

- ମାଧୁରୀ ଦୀକ୍ଷିତ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ୍ ଆମ୍ବାସାଡର
- ହସ୍ତତନ୍ତ ଦିବସର ମାସ୍କଟ 'ରେଶା' ଉନ୍ମୋଚିତ

ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ପ୍ରମୁଖ ସ୍ତମ୍ଭ। ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ, ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ। ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟରୁ ଆରମ୍ଭ କରି ବର୍ତ୍ତମାନର ବିଶ୍ୱ ଫ୍ୟାଶନ ପ୍ଲାଟ୍‌ଫର୍ମ ପର୍ଯ୍ୟନ୍ତ, ଆମର ବୟନ ସର୍ବଦା ଉତ୍କର୍ଷ, ଆଧ୍ୟାତ୍ମିକତା ଓ ସଂସ୍କୃତିର ଜୟଗାନ କରିଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଗୁରୁବାର ସ୍ଥାନୀୟ ଜନତା ମଇଦାନଠାରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ନେନେଙ୍କୁ ଏକ ବର୍ଷ ☞ପୃଷ୍ଠା-୪





ହସ୍ତତନ୍ତ ମେଳା 'ଏକତା'କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ବୁଣାକାରଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ନେନେ, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭାଗୀୟ କମିଶନର ଗୁହା ପୁନମ ତାପସ କୁମାର।

# ଜଷ୍ଟିସ୍ ବର୍ମାଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୭।୮

### ଟଙ୍କା ଜବତ ଘଟଣା

ବାସଭବନ ପରିସରରୁ ବିପୁଳ ପରିମାଣ ଟଙ୍କା ଜବତ ମାମଲାରେ ଇନ୍-ହାଉସ୍ ତଦନ୍ତ ରିପୋର୍ଟକୁ ଅବୈଧ ଘୋଷଣା ପାଇଁ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା କରିଥିବା ରିଟ୍ ଆବେଦନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଫଳରେ ତାଙ୍କ ବିରୋଧରେ ମହାଭିଯୋଗ ଆସିବା ବାଟ ପରିଷ୍କାର ହୋଇଯାଇଛି। ବିଚାରପତିଙ୍କୁ ବହିଷ୍କାର ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସୁପାରିସ୍ କରିବା କ୍ଷମତା ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କର ରହିଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ରାୟ ଜଷ୍ଟିସ୍ ବର୍ମାଙ୍କ ପାଇଁ ବଡ଼ ଝଟକା ହୋଇଛି।

ପୂର୍ବତନ ସିଜେଆଇଙ୍କ ଦ୍ୱାରା ନିଯୁକ୍ତ ଇନ୍-ହାଉସ୍ କମିଟି ଏହାର ତଦନ୍ତ ରିପୋର୍ଟରେ ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ ଦର୍ଶାଇଥିଲେ। ତଦନ୍ତ ପ୍ରକ୍ରିୟାକୁ ଅତ୍ୟନ୍ତ ସାବଧାନତାର ସହ ଅନୁସରଣ କରାଯାଇଥିବା ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ବର୍ମାଙ୍କ ଆଚରଣ ଆତ୍ମବିଶ୍ୱାସ ବଢ଼ାଉ ନ ଥିବାରୁ ତାଙ୍କ ଆବେଦନ ଗ୍ରହଣୀୟ ହେବା ଉଚିତ ନୁହେଁ ବୋଲି ଜଷ୍ଟିସ୍ ଦୀପଙ୍କର ☞ପୃଷ୍ଠା-୪

# ଲାଗୁହେଲା ଟ୍ରମ୍ପ୍ ଟାରିଫ୍

### ଭାରତୀୟ ଅର୍ଥନୀତିକୁ କ୍ଷତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସମେତ ବିଶ୍ୱର ପ୍ରାୟ ୭୦ ଦେଶ ଉଦ୍ଦେଶ୍ୟରେ ଘୋଷଣା କରିଥିବା ଉଚ୍ଚ ଟାରିଫ୍ ଗୁରୁବାର ଭାରତୀୟ ସମୟ ପୂର୍ବାହ୍ନ ୯ଟାରୁ ଲାଗୁ ହୋଇଛି। ଜୁଲାଇ ୩୧ରେ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ ଘୋଷଣା କରିଥିବାବେଳେ ଅଗଷ୍ଟ ୬ରେ ଅତିରିକ୍ତ ୨୫% ଟାରିଫ୍ କଷିଛନ୍ତି। ନୂଆ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଅନୁସାରେ ଭାରତରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀ ଉପରେ ମୋଟ ୫୦% ଟାରିଫ୍ ଲାଗିବ। ଗୁରୁବାର ୨୫% ଟାରିଫ୍ ଲାଗୁ ହୋଇଥିବାବେଳେ ୨୧ ଦିନ ପରେ ୫୦% ଟାରିଫ୍ କାର୍ଯ୍ୟକାରୀ ହେବ। ରୁଷିଆଠାରୁ ଭାରତ ତୈଳ କିଣିବା ଜାରି ରଖିଥିବାରୁ ଏପରି ଟାରିଫ୍ କଷାଯାଇଛି ବୋଲି ଟ୍ରମ୍ପ୍ ଦର୍ଶାଇଛନ୍ତି। ବିଶ୍ୱର ବହୁ ଦେଶ ଅନେକ ବିଲିୟନ୍ ଡଲାର ଆମେରିକାଠାରୁ ଲାଭ ଉଠାଇଥିବାବେଳେ ଏଣିକି ସମ୍ପୃକ୍ତ ଦେଶଗୁଡ଼ିକରୁ ଆମେରିକାକୁ ଆର୍ଥିକ ସ୍ରୋତ ବହିବା ଆରମ୍ଭ ହୋଇଛି ବୋଲି ସେ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ କହିଛନ୍ତି। ଅନ୍ୟପକ୍ଷେ ଏହି ପାରସ୍ପରିକ ଟିକସ ବିଶ୍ୱବ୍ୟାପୀ ଅର୍ଥନୀତିକୁ ପ୍ରଭାବିତ କରିବ ଏବଂ ଭାରତ ଏଥିଯୋଗୁ ଅଧିକ କ୍ଷତିଗ୍ରସ୍ତ ହେବ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ବିଶେଷକରି ଭାରତର ବୟନଶିଳ୍ପ, ରାସାୟନିକ ଉଦ୍ୟୋଗ, କୃଷି, ଫାର୍ମା, ଜେମ୍ସ ଆଣ୍ଡ ଜୁଏଲେରୀ, ଲେଦର ଆଦି କ୍ଷେତ୍ର ବ୍ୟାପକ କ୍ଷତି ସହିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି। ଅନ୍ୟପକ୍ଷେ ବିରୋଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ଓ ଆର୍ଥିକ ନୀତିକୁ ସମାଲୋଚନା କରିଛନ୍ତି। ମୋଦି କ୍ଷମତାକୁ ଆସିବା ପରଠୁ ଭାରତକୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦେଉଥିବା କହିଆସୁଛନ୍ତି। କିନ୍ତୁ ବିଗତ ୧୧ ବର୍ଷରେ ଆତ୍ମନିର୍ଭରଶୀଳତାର ଲକ୍ଷ୍ୟ ହାସଲ ହୋଇ ନ ଥିବାରୁ ବର୍ଦ୍ଧିତ ଟାରିଫ୍ ଭାରତୀୟ ଅର୍ଥନୀତିକୁ ନିମ୍ନଗାମୀ କରିବା ଆଶଙ୍କା ଉପୁଜିଛି। ଏଭଳି ସ୍ଥଳେ ମୋଦି ଚାଇନା ଗସ୍ତ କରି ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରିବର୍ତ୍ତେ ପ୍ରଥମେ ଆମେରିକା ରାଷ୍ଟ୍ରପତିଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା ମାଧ୍ୟମରେ ସ୍ଥିତିରେ ସୁଧାର ଆଣିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ୱାଶିଂଟନ୍/ନୂଆଦିଲ୍ଲୀ,୭।୮

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଦେଶର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ଉଚ୍ଚ ପାଲଟା ଟିକସ ଲଗାଇଛନ୍ତି, ଯାହାକି ଗୁରୁବାର ମଧ୍ୟରାତ୍ରି(ଆମେରିକା ସମୟ)ରୁ କାର୍ଯ୍ୟକାରୀ ହୋଇଛି। ଆମେରିକାକୁ ବିଦେଶୀ ପୁଞ୍ଜି ଆଗମନକୁ ପ୍ରୋତ୍ସାହନ ଓ ଦେଶରେ ବାଣିଜ୍ୟିକ ନିଅଣ୍ଟ ସ୍ଥିତିରେ ସୁଧାର ଆଣିବା ଲକ୍ଷ୍ୟରେ ସେ ଏହି ପଦକ୍ଷେପ ନେଇଛନ୍ତି। ଭାରତ ପାଇଁ ଗୁରୁବାରଠାରୁ ୨୫% ଟାରିଫ୍ ଲାଗୁ ହୋଇଥିବାବେଳେ ଅଗଷ୍ଟ ୨୭ରେ ଏହା ୫୦%କୁ ବୃଦ୍ଧି ପାଇବ। ଟାରିଫ୍ ତାଲିକାରେ ରହିଥିବା ଅନ୍ୟ ଦେଶଗୁଡ଼ିକ ପାଇଁ ଆମଦାନୀ ଶୁଳ୍କ ୧୦%ରୁ ୪୦% ପର୍ଯ୍ୟନ୍ତ ରହିଛି। ଟ୍ରମ୍ପ୍ ଜାପାନ ଓ ଦକ୍ଷିଣ ☞ପୃଷ୍ଠା-୪

## କୃଷକଙ୍କ ସ୍ୱାର୍ଥ ସହ ସାଲିସ କରିବୁନି: ମୋଦି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ବିରୋଧରେ ଟାରିଫ୍ ଯୁଦ୍ଧ ଘୋଷଣା କରିବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ କଡ଼ା ସନ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ ସେ ବ୍ୟକ୍ତିଗତ ମୂଲ୍ୟ ଦେବାକୁ ପ୍ରସ୍ତୁତ। କିନ୍ତୁ କୃଷକ ଓ ମତ୍ସ୍ୟଜୀବୀମାନଙ୍କ ସ୍ୱାର୍ଥ ସହ ଭାରତ କେବେହେଲେ ସାଲିସ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀର ଏମ୍‌ଏସ୍ ସ୍ୱାମୀନାଥନ୍ ସେଣ୍ଟେନାରି ଇଣ୍ଟରନ୍ୟାଶନାଲ କନ୍‌ଫରେନ୍ସକୁ ଗୁରୁବାର ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କୃଷକ ଓ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ଆମର ସର୍ବୋଚ୍ଚ ପ୍ରାଥମିକତା। ସେ ଜାଣନ୍ତି ଯେ, ତାଙ୍କୁ ବ୍ୟକ୍ତିଗତ ଭାବେ ବଡ଼ ମୂଲ୍ୟ ଦେବାକୁ ପଡ଼ିବ। ଦେଶର କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିପାଇଁ ସେ ପ୍ରସ୍ତୁତ ଅଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସହ ମୋଦି ବନ୍ଧୁତାର ଅନେକ ନିଦର୍ଶନ ଅତୀତରେ ଦେଖିବାକୁ ମିଳିଥିବାବେଳେ ଏବେ ସେଥିରେ ତିକ୍ତତା ସୃଷ୍ଟି ହୋଇଛି। ଆଗକୁ ଏହି ସମ୍ପର୍କ ଆହୁରି ଖରାପ ହୋଇପାରେ ବୋଲି ମୋଦି ଆଶଙ୍କା କରି ଏପରି ମନ୍ତବ୍ୟ ଦେଇଥିବା ମନେକରାଯାଉଛି।

# ଖୁବ୍‌ଶୀଘ୍ର ଭାରତ ଆସିପାରନ୍ତି ପୁଟିନ୍

ମସ୍କୋ,୭।୮

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଖୁବ୍‌ଶୀଘ୍ର ଭାରତ ଆସିପାରନ୍ତି ବୋଲି ମସ୍କୋ ଗସ୍ତରେ ଥିବା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଗୁରୁବାର କହିଛନ୍ତି। ଗସ୍ତ ତାରିଖ ଚୂଡ଼ାନ୍ତ ହୋଇ ନାହିଁ। ତଥାପି ଚଳିତବର୍ଷ ଶେଷ ଭାଗରେ ପୁଟିନ୍ ଭାରତ ଆସିବେ ବୋଲି ବିଭିନ୍ନ ସୂତ୍ରରୁ କୁହାଯାଇଛି। ରୁଷିଆ ସହ ଭାରତର ବାଣିଜ୍ୟ ସମ୍ପର୍କକୁ ନେଇ ନୂଆଦିଲ୍ଲୀ ଓ ୱାଶିଂଟନ ମଧ୍ୟରେ ଉତ୍ତେଜନା ବଢ଼ିଚାଲିଥିବାବେଳେ ପୁଟିନ୍‌ଙ୍କ ଭାରତ ଗସ୍ତ ନେଇ ଖବର ପ୍ରକାଶ ପାଇଛି। ଭାରତ ରୁଷିଆରୁ ତେଲ କିଣା ଜାରି ରଖିଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଠାରୁ ଆମଦାନୀ ସାମଗ୍ରୀ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ବୁଧବାର ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ। ରୁଷିଆ ୟୁକ୍ରେନ୍ ସହ ଯୁଦ୍ଧ ବନ୍ଦ କରିବାକୁ ☞ପୃଷ୍ଠା-୪





# ବିଦ୍ୟୁତ୍ ନାହିଁ, ବିଲ୍ ୧୦ ହଜାର

ମୋହନା,୭।୮ (ମନ୍ମଥ ମିଶ୍ର)

ଏକ ଗରିବ ପରିବାରର ଘରକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ, ମାତ୍ର ବିଲ୍ ଆସିଛି ୧୦ ହଜାର ୪୭୦ ଟଙ୍କା। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଢେପାଗୁଡ଼ା ପଞ୍ଚାୟତ ଗୋଠକେଲି ଗାଁରେ। ଗାଁର ସୁରେନ୍ଦ୍ର ମଲ୍ଲିକଙ୍କ ଗତ ପ୍ରାୟ ୧୫ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଛି। ଘରେ କେବଳ ତାଙ୍କ ସ୍ତ୍ରୀ ଓ ପୁଅ ରହୁଛନ୍ତି। ସ୍ତ୍ରୀ ଇତିମଧ୍ୟରେ ଅନ୍ଧୁଣି ହୋଇଯାଇଛନ୍ତି। ଘରକୁ ଆଦୌ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ବେଳେ ମୃତ ସୁରେନ୍ଦ୍ର ମଲ୍ଲିକଙ୍କ ନାଁରେ ଅକ୍ଟୋବର ୨୦୨୧ରେ ୧୦ ହାଜର ୪୭୦ ଟଙ୍କା ବକେୟା ରହିଥିବା ବିଲ୍ ଆସିଛି। ସେହି ବକେୟା ବିଲ୍ ଆଦାୟ କରିବାକୁ କର୍ମଚାରୀମାନେ ବାରମ୍ବାର ଆସି ମାଗୁଛନ୍ତି। ମାଆ ପୁଅଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ମିଳିଥିଲେ ହେଁ ସେଥିରେ ବିଦ୍ୟୁତ୍ ସଂଯୋଗ ନାହିଁ। ବକେୟା ବିଲ୍ ମାଗି ଆସିବା ବେଳେ ବାରମ୍ବାର ବିଭାଗୀୟ କର୍ମଚାରୀଙ୍କୁ ଘରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ, କିଭଳି ବିଲ୍ ପୈଠ କରିବୁ ବୋଲି ପରିବାର ଲୋକେ କହୁଛନ୍ତି। ହେଲେ ଶୁଣିବାକୁ କେହି ନାହାନ୍ତି। ଏ ନେଇ ଚନ୍ଦ୍ରଗିରି ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ୨୦୦୯ରେ କୁଟୀର ଜ୍ୟୋତି ଯୋଜନାରେ ସୁରେନ୍ଦ୍ର ମଲ୍ଲିକଙ୍କ ନାମରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ରେକର୍ଡରେ ଉଲ୍ଲେଖ ରହିଛି। ଯଦି ବିନା ମିଟର ଓ ବିନା ବିଦ୍ୟୁତ୍ ସଂଯୋଗରେ ବିଲ୍ ଆସିଛି, ତେବେ ଏ ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନିଆଯିବ। ତାଙ୍କ ଘରେ ବିଦ୍ୟୁତ୍ ସଂଯୋଗ କରାଯିବ।



ସୁରେନ୍ଦ୍ରଙ୍କ ସ୍ତ୍ରୀ ଓ ପୁଅ।

# ଶୀଘ୍ର ପୂରଣ ହେବ ୨୨,୮୯୬ ଗ୍ରୁପ୍ 'ସି' ପଦ

ଭୁବନେଶ୍ୱର,୭।୮ (ରବିନାରାୟଣ ଜେନା)

ରାଜ୍ୟରେ ଖାଲି ପଡ଼ିଥିବା ସମସ୍ତ ସରକାରୀ ପଦବୀ ପୂରଣ ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ୬୫ହଜାର ପଦ ପୂରଣ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ଇତିମଧ୍ୟରେ ୨୮ହଜାର ୩୯୨ ପଦ ପୂରଣ ହୋଇସାରିଥିବାବେଳେ ଅବଶିଷ୍ଟ ୨୫ହଜାର ୯୫୩ପଦ ପୂରଣ ଏବେ ପ୍ରକ୍ରିୟା ଭିତରେ ରହିଛି। ତେବେ ୧୦ଟି ବିଭାଗର ୨୨ହଜାର ୮୯୬ଟି ସି' ବର୍ଗର ପଦ ଖାଲିପଡ଼ିଛି। ଏଥିପାଇଁ କ୍ଷମତା ସମ୍ପନ୍ନ(ଏମ୍ପାୱାର)କମିଟିର ଅନୁମୋଦନ ଆବଶ୍ୟକ। ତୁରନ୍ତ ଉକ୍ତ ୧୦ଟି ବିଭାଗକୁ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ



# ଭୋଟ ଚୋରି ପ୍ରମାଣ ଦେଲେ ରାହୁଲ

**ନୂଆଦିଲ୍ଲୀ,୭।୮**

ନିକଟରେ ଅନୁଷ୍ଠିତ କେତେକ ନିର୍ବାଚନରେ ଭାଜପାକୁ ଜିତାଇବା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ) ଅସାଧୁ ଉପାୟ ଅବଲମ୍ବନ କରିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏଭଳି ଅଭିଯୋଗ ଆଣିବା ସହ ଏହାର ପ୍ରମାଣ ଦେଇଛନ୍ତି। ଭାଜପା ସହ ମିଶି କମିଶନ କେବଳ ଗୋଟିଏ ନିର୍ବାଚନମଣ୍ଡଳୀରେ ଲକ୍ଷାଧିକ ଭୋଟ ଚୋରି କରିଥିବାର ଦସ୍ତାବିଜ ରାହୁଲ ଗଣମାଧମ ଆଗରେ ଉପସ୍ଥାପନ କରିଛନ୍ତି। ଭୋଟ ଜାଲିଆତି, ନକଲି ଠିକଣା, ଗୋଟିଏ ଠିକଣାରେ ଅନେକ ଭୋଟର, ଅବୈଧ ଫଟୋ ଓ ଫର୍ମ ନଂ. ୬ର ଦୁରୁପଯୋଗରେ ଇସିଙ୍କ ସମ୍ପୃକ୍ତି ଥିବା ସେ ଦର୍ଶାଇଛନ୍ତି। ବିରୋଧୀ ଦଳଗୁଡ଼ିକ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଜାଲିଆତି ଅଭିଯୋଗ ଆଣୁଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ଦେଇଥିବା ପ୍ରମାଣ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।



ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ଇସି-ଭାଜପା ସଲାସୁତୁରାରେ ମହାରାଷ୍ଟ୍ର, କର୍ଣାଟକରେ ବ୍ୟାପକ ଜାଲିଆତି ଅଭିଯୋଗ

**ନୂଆଦିଲ୍ଲୀ,୭।୮**

୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବ୍ୟାପକ ଭୋଟ ଚୋରି ହୋଇଥିବା ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଶାସକ ଭାଜପା ସହ ମିଶି ଭାରତର ନିର୍ବାଚନ କମିଶନ (ଇସିଆଇ) ଭୋଟ ଜାଲିଆତି ଚଳାଇଥିଲେ। ଏଥିସହିତ କର୍ଣାଟକର ମହାଦେବପୁରା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ବ୍ୟାପକ ଜାଲିଆତି କରାଯାଇଥିବାର ପ୍ରମାଣ ରହିଥିବା ରାହୁଲ କହିବା ସହ ଦେଶରେ ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ଏଆଇସିସି ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତକରି ରାହୁଲ କହିଛନ୍ତି, କଂଗ୍ରେସ ପକ୍ଷରୁ ଏକ ଟିମ୍ ନିୟୋଜିତ କରାଯାଇ ୬ ମାସ ମଧ୍ୟରେ ଭୋଟ ଚୋରିରୁ ବଳିଷ୍ଠ ପ୍ରମାଣ ସଂଗ୍ରହ କରାଯାଇଛି। ମହାରାଷ୍ଟ୍ର ନିର୍ବାଚନରେ ଅନିୟମିତତାକୁ ନେଇ ତାଙ୍କ ଦଳର ଦୀର୍ଘଦିନରୁ ସନ୍ଦେହ ଥିଲା, ଯାହା ଚୂଡ଼ାନ୍ତ ଫଳାଫଳରୁ ସ୍ପଷ୍ଟ ହୋଇଯାଇଥିଲା। ନିର୍ବାଚନ କମିଶନ ମେଶିନ୍ ଦ୍ୱାରା ପଢ଼ାଯାଇପାରୁଥିବା ଭୋଟର ତାଲିକା ଦେବାକୁ ମନା କରିଦେଇଥିବାରୁ ଏହାର ଭାଜପା ସହ ମଧୁଚନ୍ଦ୍ରିକା ରହିଥିବା ନେଇ ଦଳ ନିଶ୍ଚିତ ହୋଇଥିଲା। ଇସି ଯଦି ଗତ ୧୦ରୁ ୧୫ ବର୍ଷର ମେଶିନ୍ ରିଡେବ୍ଲ ତଥ୍ୟ ଓ ସିସିଟିଭି ଫୁଟେଜ୍ ନ ଦିଅନ୍ତି, ତେବେ ସେମାନେ ଜାଲିଆତିରେ ସାମିଲ ଥିବା ରାହୁଲ କହିଛନ୍ତି। ଏବେ ଗଣତନ୍ତ୍ର ଆଉ ନାହିଁ। ତେଣୁ ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ଲୋକ ସଭା ନିର୍ବାଚନ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ୫ ମାସ ମଧ୍ୟରେ ଭୋଟର ତାଲିକାରେ ୧ କୋଟିରୁ ଉର୍ଦ୍ଧ୍ୱ ନୂଆ ଭୋଟରଙ୍କୁ ଯୋଡ଼ାଯାଇଥିଲା, ଯାହାକି ଗତ ୫ ବର୍ଷ ମଧ୍ୟରେ ଯୋଡ଼ିହୋଇଥିବା ନୂଆ ଭୋଟରଙ୍କ ସଂଖ୍ୟାଠାରୁ ଅଧିକ। ଅପରାହ୍ନ ୫ଟା ୩୦ ପରେ ବହୁସଂଖ୍ୟାରେ ଭୋଟର ମତଦାନ କରିବାକୁ ନେଇ ମଧ୍ୟ ଗମ୍ଭୀର ପ୍ରଶ୍ନ ଉଠୁଥିବା ରାହୁଲ କହିଛନ୍ତି।

ଅନ୍ୟପକ୍ଷରେ ଭୋଟ ଜାଲିଆତି ନେଇ ରାହୁଲ ଆଣିଥିବା ଅଭିଯୋଗକୁ ଜାଣିଶୁଣି ଯୋଜନାବଦ୍ଧ ଭାବେ ଅଣାଯାଇଥିବା ଧୋକା ବୋଲି ଭାଜପା କହିଛି। ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ କଂଗ୍ରେସରେ ସୁବ୍ୟବସ୍ଥିତ ଆକ୍ରମଣ ଗଣତନ୍ତ୍ର ଏବଂ ସମ୍ବିଧାନ ବିରୋଧରେ ବଡ଼ ଧରଣର ଷଡ଼ଯନ୍ତ୍ର ବୋଲି ଶାସକ ଦଳ ଅଭିଯୋଗ କରିଛି। ନିର୍ବାଚନୀ ବିଜୟକୁ ଜାଲିଆତି କହି ରାହୁଲ ଦେଶବାସୀଙ୍କ ବିବେକପୂର୍ଣ୍ଣ ନିଷ୍ପତ୍ତିର ଅପମାନ କରୁଛନ୍ତି। ଏଭଳି ଦାୟିତ୍ୱହୀନ ଓ ନିର୍ଲଜ ଆଚରଣ ନିମନ୍ତେ କଂଗ୍ରେସକୁ ଭୋଟରମାନେ କ୍ରମାଗତ ଭାବେ ପ୍ରତ୍ୟାଖ୍ୟାନ କରିଚାଲିବେ ବୋଲି ଭାଜପା କହିଛି।

## ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ ପାଇଁ ମୋଦି, ନଡ୍ଡାଙ୍କୁ କ୍ଷମତା ଦେଲା ଏନ୍‌ଡିଏ

**ନୂଆଦିଲ୍ଲୀ,୭।୮**

ଶାସକ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ ଲାଗି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ କ୍ଷମତା ଦେଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଭାଜପା ଓ ଏହାର ସହଯୋଗୀ ଦଳଗୁଡ଼ିକର ପ୍ରମୁଖ ନେତାଙ୍କ ବୈଠକ ବସି ଏନେଇ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅମିତ୍ ଶାହା, ଜେ.ପି. ନଡ୍ଡାଙ୍କ ସମେତ ଜେଡିୟୁରୁ ଲଲନ ସିଂ, ଶିବସେନାରୁ ଶ୍ରୀକାନ୍ତ ଶିନ୍ଦେ, ଟିଡିପିରୁ ଲାଭୁ ଶ୍ରୀକ୍ରିଷ୍ଣା ଦେବରାୟଲୁ, ଏଲ୍‌ଜେପି(ରାମବିଳାସ)ରୁ ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ପଦରୁ ଜଗଦୀଶ ଧନ୍‌କରଙ୍କ ଇସ୍ତଫା ପରେ ସେପ୍ଟେମ୍ବର ୯ରେ ଉକ୍ତ ପଦବୀ ନିମନ୍ତେ ନିର୍ବାଚନ ହେବାକୁଯାଉଛି। ଏଥିପାଇଁ ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ରହିଛି। ଏବେ ଲୋକ ସଭାରେ ଗୋଟିଏ ଏବଂ ରାଜ୍ୟ ସଭାରେ ୬ଟି ଆସନ ଖାଲି ପଡ଼ିଥିବାରୁ ଉପରାଷ୍ଟ୍ରପତି ନିର୍ବାଚନରେ ଉଭୟ ସଦନରୁ ୭୮୧ ସଦସ୍ୟ ଭାଗନେବେ। ସଂଖ୍ୟାଗରିଷ୍ଠତା ପାଇଁ ୩୯୧ ଜଣଙ୍କ ସମର୍ଥନର ଆବଶ୍ୟକତା ଥିବାବେଳେ ଶାସକ ଏନ୍‌ଡିଏ ପାଖରେ ୪୨୨ ସଦସ୍ୟଙ୍କ ସମର୍ଥନ ରହିଛି।

## ୪ ନାବାଳକଙ୍କ ଉପରେ ଟ୍ରକ୍ ମାଡ଼ିଗଲା

**ଗଡ଼ଚିରୋଲି,୭।୮**

ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ଗୁରୁବାର ସକାଳେ ଏକ ଟ୍ରକ୍ ମାଡ଼ିଯିବାରୁ ୪ ଜଣ ନାବାଳକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଭୋର ୫ଟା ସମୟରେ ଆର୍ମୋରି-ଗଡ଼ଚିରୋଲି ହାଇୱେରେ ଏହି ଦୁର୍ଘଟଣା ଘଟିଛି। ୧୨ରୁ ୧୬ ବର୍ଷ ବୟସବର୍ଗର ଏହି ନାବାଳକମାନେ କଟ୍‌ଲି ଗ୍ରାମ ନିକଟବର୍ତ୍ତୀ ରାସ୍ତା ପାର୍ଶ୍ୱରେ ବସିଥିବାବେଳେ ଟ୍ରକ୍ ସେମାନଙ୍କୁ ଧକ୍କାଦେଇଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ୨ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥବାରୁ ସେମାନଙ୍କୁ ନାଗପୁରକୁ ଏୟାରଲିଫ୍ଟ କରିବା ବ୍ୟବସ୍ଥା ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଓ ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଘୋଷଣା କରିଛନ୍ତି।

## ଖାତକୁ ଖସିଲା ସେନା ଟ୍ରକ୍: ୩ ଯବାନ ମୃତ

**ଉଦ୍ଧମପୁର, ୭।୮**

ଜମ୍ମୁ-କଶ୍ମୀରର ଉଦ୍ଧମପୁର ଜିଲାର ବସନ୍ତଗଡ଼ସ୍ଥିତ କଦୱା ଅଞ୍ଚଳରେ ଗୁରୁବାର ସକାଳେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏକ ଟ୍ରକ୍ ନିୟନ୍ତ୍ରଣ ହରାଇ ୨୦୦ ଫୁଟ ଗଭୀର ଖାତକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ୩ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଯବାନ ଆହତ ହୋଇଛନ୍ତି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ତୁରନ୍ତ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତ ଯବାନଙ୍କୁ ଉଦ୍ଧାରକରି ବସନ୍ତଗଡ଼ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଡାକ୍ତର କହିଛନ୍ତି। ଗୁରୁତର ଥିବା ସିଆର୍‌ପିଏଫ୍ ଯବାନଙ୍କୁ ଖୁବ୍‌ଶୀଘ୍ର ଉଦ୍ଧମପୁର ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ତଥା ଉଦ୍ଧମପୁର ଏମ୍‌ପି ଜିତେନ୍ଦ୍ର ସିଂ ସାମାଜିକ ଗଣମାଧମ 'X'ରେ ସୂଚନା ଦେଇଛନ୍ତି।

## ୨୫ କୁକୁରଙ୍କୁ ଗୁଳିକରି ହତ୍ୟା

**ଜୟପୁର, ୭।୮**

ରାଜସ୍ଥାନର ଝୁନ୍‌ଝୁନୁ ଜିଲାର ଡୁମରା ନିବାସୀ ଶେଓଚନ୍ଦ ବାଭରିଆ ନାମକ ଜଣେ ବ୍ୟକ୍ତି ୨ ଦିନ ମଧ୍ୟରେ ୨୫ କୁକୁରଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସେ ବନ୍ଧୁକ ଧରି ଗାଁ ରାସ୍ତାରେ ଖୋଲାଖୋଲି ଭାବେ ବୁଲୁଥିବା ସହ ଦେଖିବା ମାତ୍ରେ କୁକୁରଗୁଡ଼ିକୁ ଗୁଳିକରି ହତ୍ୟା କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗ୍ରାମର ବିଭିନ୍ନ ରାସ୍ତାରେ ଏବଂ କ୍ଷେତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନେକ କୁକୁରଙ୍କ ମୃତଦେହ ପଡ଼ିରହିଥିବା ନେଇ ଭିଡିଓରେ ଦେଖାଯାଉଛି। ଡୁମ୍‌ରା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ କୁକୁରମାନେ ଜୀବନ ବିକଳରେ ଏଣେତେଣେ ଦୌଡ଼ି ପଳାଉଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ଏବଂ ଅଭିଯୁକ୍ତ ବାଭରିଆଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଝୁନ୍‌ଝୁନ୍ ଏସ୍‌ପି ବ୍ରିଜେଶ ଜ୍ୟୋତି ଉପାଧ୍ୟାୟ କହିଛନ୍ତି। ଗତ ୧ ଏବଂ ୨ ତାରିଖରେ ଡୁମ୍‌ରା ଗ୍ରାମ ସହ ନିକଟବର୍ତ୍ତୀ କୁମାୱସ୍ ଗ୍ରାମର ୨୫ କୁକୁରଙ୍କୁ ବାଭରିଆ ଗୁଳିକରି ହତ୍ୟା କରିଥିବା ନେଇ ଜ୍ୟୋତି ସୂଚନା ଦେଇଛନ୍ତି। ଏହି ଘଟଣାକୁ ସ୍ଥାନୀୟ ଲୋକଙ୍କ ସମେତ ଅନେକ ପଶୁପ୍ରେମୀ ନିନ୍ଦା କରିଛନ୍ତି।


ଉତ୍ତରକାଶୀର ଧରାଲିରେ ବାଦଲଫଟା ବର୍ଷାଜନିତ ବନ୍ୟାରେ ନିଖୋଜ ଥିବା ଲୋକମାନଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଉଛି।

## ଉତ୍ତରକାଶୀରୁ ୪୬୦ ଉଦ୍ଧାର

**ଡେରାଡୁନ୍, ୭।୮ (ପି.ଟି.)**

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଧରାଲି ଗ୍ରାମରେ ବାଦଲଫଟା ବର୍ଷା ଯୋଗୁ ହୋଇଥିବା ପ୍ରଳୟଙ୍କାରୀ ବନ୍ୟାକୁ ୨ ଦିନ ବିତିଯାଇଥିଲେ ସୁଦ୍ଧା ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁବାର ପାଗରେ ଉନ୍ନତି ଆସିବା ଯୋଗୁ ଉଦ୍ଧାର କାର୍ଯ୍ୟକୁ ତୀବ୍ର କରାଯାଇଥିଲା। ଗୁରୁବାର ଉତ୍ତରକାଶୀ ଜିଲାର ବିଭିନ୍ନ ସ୍ଥାନରେ ଫସି ରହିଥିବା ୨୭୪ ଜଣଙ୍କୁ ଭାରତୀୟ ବାୟୁସେନାର ଚିନୁକ୍ ଏବଂ ଏମ୍‌ଆଇ-୧୭ ହେଲିକପ୍ଟର ସାହାଯ୍ୟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କେବଳ ବୁଧବାର ବନ୍ୟା ପ୍ରଭାବିତ ଧରାଲି ଗ୍ରାମରୁ ୧୯୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଫଳରେ ୨ ଦିନ ମଧ୍ୟରେ ଉତ୍ତରକାଶୀ ଜିଲାର ବିଭିନ୍ନ ସ୍ଥାନରେ ଫସି ରହିଥିବା ୪୬୦ରୁ ଅଧିକ ଜଣଙ୍କୁ ଉଦ୍ଧାର କରାଯାଇଛି। ଏବେ ମଧ୍ୟ ୫୦ ନାଗରିକ ଏବଂ ୧୦ ଯବାନ ନିଖୋଜ ଥିବା ନେଇ ଭାରତୀୟ ସେନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ନିଖୋଜ ବ୍ୟକ୍ତିଙ୍କ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ଆଶଙ୍କା କରିଛନ୍ତି। ସ୍ଥାନୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ବିପର୍ଯ୍ୟୟରେ ମଙ୍ଗଳବାର ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବୁଧବାର ଆଉ ୨ ନାଗରିକଙ୍କର ମୃତଦେହ ମିଳିଥିଲା। ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ପାଇଁ ଚାଲିଥିବା ଅଭିଯାନରେ ଗୁରୁବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ(ଏନ୍‌ଡିଆର୍‌ଏଫ୍)ର ୬୯ ଜଣ ଉଦ୍ଧାରକାରୀ କର୍ମୀ ଏବଂ ସ୍ୱତନ୍ତ୍ର ତାଲିମପ୍ରାପ୍ତ ୨ କାଡାଭେର କୁକୁର ସାମିଲ ହୋଇଥିଲେ।

## ଶ୍ୱେତା ମେନନ୍‌ଙ୍କ ନାଁରେ ମାମଲା

**ଏର୍ଣ୍ଣାକୁଲମ,୭।୮**

ଅଶ୍ଳୀଳତାର ପ୍ରସାର କରୁଥିବା ଅଭିଯୋଗରେ ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ଶ୍ୱେତା ମେନନ୍‌ଙ୍କ ବିରୋଧରେ ବୁଧବାର କେରଳର ଏର୍ଣ୍ଣାକୁଲମ ସେଣ୍ଟ୍ରାଲ ପୋଲିସ ଷ୍ଟେଶନରେ ଏକ ମାମଲା ରୁଜୁ ହୋଇଛି। କେତେକ ଫିଲ୍ମ ଏବଂ ବିଜ୍ଞାପନରେ ଶ୍ୱେତା ଅଶ୍ଳୀଳତା ପ୍ରଦର୍ଶନ କରିଥିବାର ଦାବିକରି ସ୍ଥାନୀୟ ବାସିନ୍ଦା ମାର୍ଟିନ ମେନାଚାରୀ ଏର୍ଣ୍ଣାକୁଲମ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟରେ ଏକ ଅଭିଯୋଗ ଦାଖଲ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଶ୍ୱେତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ କୋର୍ଟ ଏର୍ଣ୍ଣାକୁଲମ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

## କପିଲ୍ ଶର୍ମାଙ୍କ କାନାଡା କାଫେକୁ ୨୫ ଗୁଳି

### ମାସକ ମଧ୍ୟରେ ଦ୍ୱିତୀୟ ଘଟଣା

**ନୂଆଦିଲ୍ଲୀ,୭।୮**

ହାସ୍ୟାଭିନେତା କପିଲ ଶର୍ମାଙ୍କ କାନାଡାର ସୁରିସ୍ଥିତ କାଫେ ଉପରେ ମାସକ ମଧ୍ୟରେ ଦ୍ୱିତୀୟ ଥର ଗୁଳିମାଡ଼ ହୋଇଛି। ଅନ୍ୟୂନ ୨୫ଥର ଗୁଳିମାଡ଼ ଶବ୍ଦ ଭିଡିଓରୁ ଶୁଣିବାକୁ ମିଳିଛି। ଗୁରପ୍ରୀତ ସିଂ ଓରଫ୍ ଗୋଲ୍ଡି ଧିଲୋଁ ଏବଂ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା ସୋସିଆଲ ମିଡିଆରେ ଦାବି କରିଛନ୍ତି। ଯଦି କପିଲ୍ ସେମାନଙ୍କ କଥା ନ ଶୁଣନ୍ତି ତେବେ ଖୁବ୍‌ଶୀଘ୍ର ମୁମ୍ବାଇରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେମାନେ ଏକ ଭିଡିଓ ଜରିଆରେ ଚେତାବନୀ ଦେଇଛନ୍ତି। ମୁମ୍ବାଇ ପୋଲିସ ସମେତ ଅନ୍ୟ ସୁରକ୍ଷା ସଂସ୍ଥାଗୁଡ଼ିକ ଘଟଣାର ଅନୁଧ୍ୟାନ କରୁଛନ୍ତି।




ସୂଚନାଯୋଗ୍ୟ, ଜୁଲାଇ ୧୦ରେ କପିଲ୍‌ଙ୍କ କାନାଡା କାଫେ ଉପରେ ପ୍ରଥମ ଆକ୍ରମଣ ହୋଇଥିଲା। ଏଥିରେ କୌଣସି କର୍ମଚାରୀ ଆହତ ହୋଇ ନ ଥିଲେ ମଧ୍ୟ କାଫେ ଝରକାରେ ଗୁଳିମାଡ଼ର ଚିହ୍ନ ରହିଥିଲା। ପ୍ରଥମ ଗୁଳିକାଣ୍ଡ ପାଇଁ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ)ର ଆତଙ୍କବାଦୀ ହରଜିତ ସିଂ ଲାଡି ନିଜକୁ ଦାୟୀ କରିଥିଲେ।

## ବିହାରରେ ଟ୍ରମ୍ପ୍‌ଙ୍କ ନାମରେ ଆବାସିକ ପ୍ରମାଣପତ୍ର ଆବେଦନ

**ସମସ୍ତିପୁର,୭।୮**

ବିହାରର ସମସ୍ତିପୁର ଜିଲାର ମହିଉଦ୍ଦିନ୍‌ନଗର ବ୍ଲକ୍ କାର୍ଯ୍ୟାଳୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନାମରେ ଜଣେ ବ୍ୟକ୍ତି ଆବାସିକ ପ୍ରମାଣପତ୍ର ପାଇଁ ଅନ୍‌ଲାଇନ ଆବେଦନ କରିଥିବା ମାମଲା ସାମ୍ନାକୁ ଆସିଛି। ଗତ ଜୁଲାଇ ୨୯ରେ କରାଯାଇଥିବା ଏହି ଆବେଦନରେ ଆବେଦକଙ୍କ ନାମ ଡୋନାଲ୍ଡ ଟ୍ରମ୍ପ୍ ଲେଖାଯାଇଥିବାବେଳେ ଆବେଦନ ଫର୍ମରେ ତାଙ୍କର ଏକ ଫଟୋ ମଧ୍ୟ ରହିଥିଲା। ଉକ୍ତ ଆବେଦନରେ ନକଲି ଠିକଣା, ଆଧାର ନମ୍ବର ଏବଂ ବିଭିନ୍ନ ଜରୁରୀ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ଆବେଦନକୁ ଖାରଜ କରାଯାଇଛି ଏବଂ ଅଧିକ ତଦନ୍ତ ପାଇଁ ଉକ୍ତ ମାମଲାକୁ ସାଇବର ଥାନାକୁ ହସ୍ତାନ୍ତର କରାଯାଇଛି ବୋଲି ସମସ୍ତିପୁର ଜିଲାପାଳ ସୂଚନା ଦେଇଛନ୍ତି।


## ଫ୍ରାନ୍ସରେ ଭୟାବହ ବନାଗ୍ନି

**ପ୍ୟାରିସ୍,୭।୮**

ଫ୍ରାନ୍ସର ଦକ୍ଷିଣ ଭାଗରେ ଭୟାବହ ବନାଗ୍ନି ମାଡ଼ିଚାଲିଛି। ଓଡ୍ ଅଞ୍ଚଳର ଲା ରିବାଉଟେ ନିକଟରେ ଜଙ୍ଗଲ ନିଆଁ ଯୋଗୁ ୧୬ ହଜାର ହେକ୍ଟରରୁ ଅଧିକ ଜମିର ଫସଲ ଉଜୁଡ଼ିଯାଇଛି। ସେଣ୍ଟ-ଲୌରେଣ୍ଟ-ଡେ-ଲା-କାବ୍ରେରିସ୍ ନିକଟରେ ବନାଗ୍ନିରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ସେହିପରି ଅଗ୍ନିଶମ ବାହିନୀର ୧୧ କର୍ମଚାରୀଙ୍କ ସମେତ ୧୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜଙ୍ଗଲ ନିଆଁର ପ୍ରକୋପରେ ସେଣ୍ଟ-ଲୌରେଣ୍ଟ-ଡେ-ଲା-କାବ୍ରେରିସ୍ ଗ୍ରାମର ଅନ୍ୟୂନ ୨୫ଟି ଘର ପୋଡ଼ିଯାଇଛି। ଫ୍ରାନ୍ସରେ ଗତ ୮୦ ବର୍ଷ ମଧ୍ୟରେ ଏହା ସବୁଠୁ ବଡ଼ ବନାଗ୍ନି ହୋଇଥିବାରୁ ଦେଶ ପାଇଁ ଏହା ଏକ ବଡ଼ ବିପର୍ଯ୍ୟୟ ବୋଲି ପ୍ରଧାନମନ୍ତ୍ରୀ ଫ୍ରାନ୍‌କୋଇସ୍ ବାୟରୁ ଅଭିହିତ କରିଛନ୍ତି।


ଦକ୍ଷିଣ ଫ୍ରାନ୍ସର ଓଡ୍ ଅଞ୍ଚଳସ୍ଥିତ ସେଣ୍ଟ-ଲୌରେଣ୍ଟ-ଡେ-ଲା-କାବ୍ରେରିସ୍‌ଠାରେ ଗୁରୁବାର ଜଣେ ଅଗ୍ନିଶମ କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି।

୧୯୪୯ ପରଠୁ ଦେଶ ଏଭଳି ବନାଗ୍ନିର ସମ୍ମୁଖୀନ ହୋଇ ନ ଥିବା ସେ କହିଛନ୍ତି। ଅଗ୍ନିଶମ ବାହିନୀର ପ୍ରାୟ ୫୦୦ ଗାଡ଼ି ଏବଂ ୨ ହଜାର କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଫ୍ରାନ୍ସରେ ଗ୍ରୀଷ୍ମଋତୁ ଚାଲିଥିବାବେଳେ ହିଟ୍‌ୱେଭ୍ ଓ ଜଳବାୟୁ ପରିବର୍ତ୍ତନ ଏପରି ବିପତ୍ତିକୁ ନିମନ୍ତ୍ରଣ କରିଥିବା ପରିବେଶବିତ୍ ମତ ଦେଇଛନ୍ତି।


ମନୋଜ ବାଜପେୟୀ

## ଇନ୍ସପେକ୍ଟର ସାଜିବେ ମନୋଜ

**ମୁମ୍ବାଇ:** ଅଭିନେତା ମନୋଜ ବାଜପେୟୀ ଅନେକ ବଲିଉଡ୍ ଫିଲ୍ମ ଏବଂ ୱେବ୍ ସିରିଜ୍‌ରେ ନିଜ ନିଖୁଣ ଅଭିନୟ ଦ୍ୱାରା ଦର୍ଶକଙ୍କର ଢେର ପ୍ରଶଂସା ସାଉଣ୍ଟିଛନ୍ତି। ଖୁବ୍‌ଶୀଘ୍ର 'ଇନ୍ସପେକ୍ଟର ଜେଣ୍ଡେ' ୱେବ୍‌ସିରିଜ ସହ ତାଙ୍କୁ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ଦେଖିବାକୁ ମିଳିବ। ଗୁରୁବାର ନିର୍ମାତାଙ୍କ ପକ୍ଷରୁ ଏହି କ୍ରାଇମ ଥ୍ରୀଲର ସିରିଜ୍‌ର ପ୍ରଥମ ପୋଷ୍ଟରକୁ ଜାରି କରାଯିବା ସହ ଏହାର ରିଲିଜ୍ ତାରିଖ ଉପରୁ ପରଦା ଉଠାଯାଇଛି। ନେଟ୍‌ଫ୍ଲିକ୍ସ ପକ୍ଷରୁ ଏନେଇ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ଖୁବ୍‌ଶୀଘ୍ର ଚୋର ଏବଂ ପୋଲିସର ଖେଳ ଆରମ୍ଭ ହେବାକୁ ଯାଉଛି। ଅଭିନେତା ମନୋଜ ବାଜପେୟୀ ଏବଂ ଜିମ୍ ସର୍ଭଙ୍କ କ୍ରାଇମ ଥ୍ରୀଲର ୱେବ ସିରିଜ୍ 'ଇନ୍ସପେକ୍ଟର ଜେଣ୍ଡେ' ଆସନ୍ତା ସେପ୍ଟେମ୍ବର ୫ରୁ କେବଳ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବାକୁ ଯାଉଛି। ଚିନ୍ମୟ ଡି. ମଣ୍ଡଲେକରଙ୍କ ନିର୍ଦ୍ଦେଶିତ ଏହି ସିରିଜ୍‌ରେ ମନୋଜଙ୍କୁ ଇନ୍ସପେକ୍ଟର ମଧୁକର ଜେଣ୍ଡେ ଏବଂ ଜିମ୍ ସର୍ଭଙ୍କୁ ଚତୁର ଏବଂ କୁଖ୍ୟାତ ସୁଇମ୍‌ସୁଟ୍ କିଲର କାର୍ଲ ଭୋଜରାଜ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିବ।

### ଫୁର୍‌ସତ

## ବିବାହର ଟିକେଟ ବିକି ନବ ଦମ୍ପତିଙ୍କ ୧.୧୬ କୋଟି ରୋଜଗାର

**ୱାଶିଂଟନ:** ସାମ୍ପ୍ରତିକ ସମୟରେ ବିବାହ ଅତ୍ୟନ୍ତ ବ୍ୟୟବହୁଳ ହେବା ସହ ଏହାର ଖର୍ଚ୍ଚ ବଢ଼ିଚାଲିଥିବାବେଳେ ଏକ ଆମେରିକୀୟ ନବ ଦମ୍ପତି ନିଜ ବିବାହର ଟିକେଟ୍ ବିକ୍ରି କରି ଏହାକୁ ଏକ ଇଭେଣ୍ଟରେ ପରିଣତ କରିଛନ୍ତି। ଏହି ପ୍ରକ୍ରିୟାରେ ଉଭୟେ ୧,୩୨,୫୫୦ ଡଲାର (ପ୍ରାୟ ୧.୧୬ କୋଟି ଟଙ୍କା)ରୁ ଅଧିକ ସଂଗ୍ରହ କରିଛନ୍ତି।

ଗତ ୧ ତାରିଖରେ ଆମେରିକାର ଇଡାହୋ ରାଜ୍ୟର ଇଗଲ ସହରରେ ୨ ଉଦ୍ୟୋଗପତି ମାର୍ଲି ଜ୍ୟାକ୍ସ (୩୪) ଓ ଷ୍ଟିଭ୍ ଜେ ଲାର୍ସନ (୩୭) ବିବାହ କରିଥିଲେ। ସେମାନେ ନିଜ ବିବାହର ଟିକେଟ୍ ବିକ୍ରି କରି ଏହାକୁ ଏକ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମରେ ପରିଣତ କରିଥିଲେ। ଏହି ବିବାହରେ ଅତିଥିମାନଙ୍କୁ ଦେୟଯୁକ୍ତ ପ୍ରବେଶ କରିବାକୁ ପଡ଼ିଥିଲା। ଉଭୟେ ମାର୍ଲି ଓ ଷ୍ଟିଭ୍ ଉଦ୍ୟୋଗପତି ହୋଇଥିବାରୁ ବ୍ୟବସାୟିକ କାର୍ଯ୍ୟକ୍ରମର ଆୟୋଜନ କରିବାରେ ସେମାନଙ୍କର ଅଭିଜ୍ଞତା ଥିଲା। ମାର୍ଲି କହିଛନ୍ତି, ସମ୍ପ୍ରତି ଆମେରିକାରେ ବିବାହ ଖର୍ଚ୍ଚ ବଢ଼ି ଚାଲିଛି। କେବଳ କେକ୍ କାଟିବା ସେବାର ମୂଲ୍ୟ ୬୫୦ ଡଲାର (ପ୍ରାୟ ୫୪ ହଜାର ଟଙ୍କା) ପର୍ଯ୍ୟନ୍ତ ରହିଛି। ସେ ଏବଂ ଷ୍ଟିଭ୍ ନିଜ ବିବାହକୁ ବୋଝରେ ପରିଣତ କରିବାକୁ ଚାହୁଁ ନ ଥିଲେ। ବିବାହରେ ଯୋଗଦେବାକୁ ଥିବା ଅତିଥିମାନେ ଉପହାର ଦେବା ବଦଳରେ କେବଳ ନିଜ ନିଜ ଖାଦ୍ୟର ଖର୍ଚ୍ଚ ବହନ କରନ୍ତୁ ବୋଲି ସେମାନେ ଚାହୁଁଥିବା ମାର୍ଲି କହିଛନ୍ତି। ତେଣୁ ତାଙ୍କ ବିବାହରେ ଯୋଗଦେବା ପାଇଁ ଏହି ଦମ୍ପତି ଅତିଥିମାନଙ୍କୁ ଟିକେଟ୍ କିଣିବାକୁ ନିମନ୍ତ୍ରଣ କରିଥିଲେ। ଟିକେଟ କିଣିବା ପାଇଁ ୨ଟି ଟାୟାର ରହିଥିଲା। ପ୍ରଥମ ଟାୟାରରେ ୫୭ ଡଲାର (ପ୍ରାୟ ୪,୭୫୦ ଟଙ୍କା) ମୂଲ୍ୟ ସହ ମୌଳିକ ଟିକେଟ୍ ଉପଲବ୍ଧ ଥିଲା, ଯାହା ସାହାଯ୍ୟରେ ଜଣେ ଅତିଥିଙ୍କୁ ବିବାହ ସମାରୋହ ଏବଂ ଭୋଜି ପାଇଁ ପ୍ରବେଶର ଅନୁମତି ମିଳିଥିଲା। ସେହିପରି ଦ୍ୱିତୀୟ ଟାୟାରରେ ୯୯୭ ଡଲାର (ପ୍ରାୟ ୮୩,୦୦୦ ଟଙ୍କା) ମୂଲ୍ୟ ସହ ଭିଆଇପି ଟିକେଟ୍ ଉପଲବ୍ଧ ଥିଲା, ଯାହା ସାହାଯ୍ୟରେ ୨ ଜଣ ଅତିଥିଙ୍କୁ ବିବାହ ଭୋଜି ସମେତ ବିଭିନ୍ନ ପ୍ରି ଏବଂ ପୋଷ୍ଟ ୱେଡ଼ିଂ କାର୍ଯ୍ୟକ୍ରମଗୁଡିକରେ ପ୍ରବେଶର ଅନୁମତି ମିଳିଥିଲା। ତେବେ ଏହି ଟିକେଟ କିଣାରୁ ନିକଟତମ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କୁ ବାଦ୍ ଦିଆଯାଇଥିଲା। କେବଳ ମାର୍ଲି ଏବଂ ଷ୍ଟିଭ୍‌ଙ୍କ ବୃତ୍ତିଗତ ଏବଂ ସୋସିଆଲ ମିଡିଆ ନେଟ୍‌ୱର୍କର ଲୋକମାନେ ଟିକେଟ କିଣି ଏହି ବିବାହ ଉତ୍ସବରେ ସାମିଲ ହୋଇଥିଲେ। ତେବେ ଏପରି ବିବାହକୁ ସୋସିଆଲ ମିଡିଆରେ ଅନେକେ ସମାଲୋଚନା କରିଛନ୍ତି। ଏହାର ଉତ୍ତରରେ ମାର୍ଲି ଏବଂ ଷ୍ଟିଭ୍ କହିଛନ୍ତି, ସେମାନେ ଏପରି ବିବାହ ଲାଭ ପାଇବା ପାଇଁ କରିନାହାନ୍ତି। ବିବାହ ଖର୍ଚ୍ଚ ବ୍ୟତୀତ ତାଙ୍କୁ ମିଳିଥିବା ଅତିରିକ୍ତ ୯୬, ୨୦୦ ଡଲାର (ପ୍ରାୟ ୮୫ ଲକ୍ଷ ଟଙ୍କା)କୁ ସେମାନେ କେନିଆରେ ଶିକ୍ଷା ଭିତ୍ତିଭୂମି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଭିଲେଜ୍ ଇମ୍ପାକ୍ଟ ନାମକ ଏକ ଅଣଲାଭକାରୀ ସଂସ୍ଥାକୁ ଦାନ କରିଛନ୍ତି।


ଷ୍ଟିଭ୍ ଜେ ଲାର୍ସନ ଓ ମାର୍ଲି ଜ୍ୟାକ୍ସ।


# ଖଣ୍ଡପଡ଼ା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ପରଲୋକ

ଖଣ୍ଡପଡ଼ା,୭।୮
(ଅଜୟ କୁମାର ମହାରଣା)


ନୟାଗଡ଼ ଜିଲା ଖଣ୍ଡପଡ଼ା ଗଡ଼ ରାଜା, ପ୍ରାକ୍ତନ ଉପବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ହୋଇଥିଲା। ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ସେ ଗତ ୧୫ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଏହି ଖବର ଜଣାପଡ଼ିବା ପରେ ଖଣ୍ଡପଡ଼ାରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଖଣ୍ଡପଡ଼ା ରାଜ ନଅରରେ ତାଙ୍କ ମୃତଦେହ ଲୋକମାନଙ୍କ ଦର୍ଶନ ପାଇଁ ରଖାଯାଇଛି। ଶୁକ୍ରବାର ଖଣ୍ଡପଡ଼ା ଉମାଦେବୀ ପୀଠ ନିକଟସ୍ଥ ରାଜ ପରିବାର ପାଇଁ ଉଦ୍ଦିଷ୍ଟ ଶ୍ମଶାନଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି।

ସ୍ୱର୍ଗତ ମର୍ଦ୍ଦରାଜ ୧୯୫୫ ଜାନୁଆରୀ ୪ରେ ଖଣ୍ଡପଡ଼ା ରାଜ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ରାୟପୁରରୁ ସ୍କୁଲ ଓ କଲେଜ ଶିକ୍ଷା ଶେଷ ପରେ ଖଣ୍ଡପଡ଼ା ଫେରିଥିଲେ । ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ୧୯୮୦ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ଏହାପରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ସାମିଲ ହୋଇଥିଲେ। ଏହାପରେ ୧୯୮୫ ମସିହାରେ କଂଗ୍ରେସ ଟିକେଟ୍‌ରୁ ଜିତି ସେ ୧୯୮୯ ମସିହାରେ ହେମାନନ୍ଦ ବିଶ୍ୱାଳଙ୍କ ମନ୍ତ୍ରିମଣ୍ଡଳରେ ପର୍ଯ୍ୟଟନ ମନ୍ତ୍ରୀ ହୋଇଥିଲେ । ୧୯୯୫ରେ କଂଗ୍ରେସ ଟିକେଟ୍‌ରୁ ବିଧାୟକ ଭାବେ ନିର୍ବାଚିତ ହେବା ପରେ ସେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ହୋଇଥିଲେ । ୩ ଥର ବିଧାୟକ ଥିବା ସିଂହ ମର୍ଦ୍ଦରାଜ ଦୀର୍ଘଦିନ ଧରି କଂଗ୍ରେସ ଦଳ ସହ ଜଡ଼ିତ ଥିଲେ।

ସିଂହ ମର୍ଦ୍ଦରାଜଙ୍କ ମରଶରୀରକୁ ଖଣ୍ଡପଡ଼ା ରାଜବାଟୀର ବୈଠକ ଗୃହରେ ରଖାଯାଇଛି । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ସାମନ୍ତରାୟ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ ଉପାଧ୍ୟକ୍ଷ



ବେଣୁଧର ପ୍ରଧାନ, ନୟାଗଡ଼ ଜିଲା ଭାଜପା ସଭାପତି ତାପସ କୁମାର ମାର୍ଥା, ବରିଷ୍ଠ ଭାଜପା ନେତା ସନ୍ତୋଷ ପ୍ରଧାନ, ରାଘବ ମଲିକ, ମହିଳା ଭାଜପା ନେତ୍ରୀ ଇଂ. ଅର୍ଚ୍ଚନା ଦାଶ, ନୟାଗଡ଼ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ, ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର, ଖଣ୍ଡପଡ଼ା ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା, ଜିଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀଙ୍କ ସମେତ ନିର୍ବାଚନମଣ୍ଡଳୀର ବହୁ ଜନପ୍ରତିନିଧି, ବୁଦ୍ଧିଜୀବୀ ସ୍ୱର୍ଗତ ସିଂହମର୍ଦ୍ଦରାଜଙ୍କ ଅନ୍ତିମ ଦର୍ଶନ କରିଛନ୍ତି । ଏହି ଖବର ପାଇ ବିଭିନ୍ନ ରାଜ ପରିବାରର ସଦସ୍ୟମାନେ ଖଣ୍ଡପଡ଼ାରେ ପହଞ୍ଚିଛନ୍ତି ।




# ୩୦ ରାଜ୍ୟରେ ପହଞ୍ଚିବ 'ଆଦି କର୍ମଯୋଗୀ ଅଭିଯାନ'

ଭୁବନେଶ୍ୱର,୭।୮
(ସୁଚିସ୍ମିତା ସାହୁ)

**ତୃଣମୂଳସ୍ତରରେ ପହଞ୍ଚିବ ଜନଜାତି କଲ୍ୟାଣ ଯୋଜନା**

**ରାଜ୍ୟରେ ଗଠନ ହେବ ୩ କ୍ୟାଡର**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାଗୁଡିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ 'ଆଦି କର୍ମଯୋଗୀ ଅଭିଯାନ' ଆରମ୍ଭ କରାଯାଇଛି। ଆଦି କର୍ମଯୋଗୀ ଅଭିଯାନ ଦେଶର ୩୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧ ଲକ୍ଷ ଆଦିବାସୀ ଗ୍ରାମ, ୩ହଜାର ବ୍ଲକ, ୫୫୦ରୁ ଅଧିକ ଜିଲାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୨ ଜିଲା, ୨୧୩ ବ୍ଲକ ଏବଂ ୭୬୨୩ ଗ୍ରାମରେ ଏହି ଅଭିଯାନ ପହଞ୍ଚିବ। ଅଭିଯାନର ସଫଳତା ଲାଗି କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ପ୍ରଶିକ୍ଷିତ କ୍ୟାଡର ପ୍ରସ୍ତୁତ କରାଯିବ। ଏହି କ୍ୟାଡର ମାଧ୍ୟମରେ ଜନଜାତି ସମ୍ପ୍ରଦାୟଙ୍କ ନିକଟରେ ସରକାରଙ୍କ ସେବା ପହଞ୍ଚିବ ବୋଲି ଭୁବନେଶ୍ୱରରେ ୭ଦିନ ଧରି ଚାଲିଥିବା ଚତୁର୍ଥ ଆଦି କର୍ମଯୋଗୀ ରିଜିଓନାଲ ପ୍ରୋସେସ ଲ୍ୟାବ କର୍ମଶାଳାରେ ସୂଚନା ଦିଆଯାଇଛି। ଏହି କର୍ମଶାଳାରେ ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାରୁ ପ୍ରତ୍ୟେକ ୮ଜଣ ଷ୍ଟେଟ ମାଷ୍ଟର ଟ୍ରେନର୍ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ଜିଲା ମାଷ୍ଟର ଟ୍ରେନର୍‌ଙ୍କୁ ନେଇ କର୍ମଶାଳାର ଆୟୋଜନ କରାଯିବ। ଜିଲା ମାଷ୍ଟର ଟ୍ରେନର୍ ବ୍ଲକସ୍ତରରେ ଟ୍ରେନିଂ ଦେବା ସହିତ ଏକ ସଶକ୍ତ କ୍ୟାଡର ଗଠନ କରିବେ। ଏହି କ୍ୟାଡରକୁ ତିନି ଭାଗରେ ବିଭକ୍ତ କରାଯାଇଛି। ସରକାରୀ କର୍ମଚାରୀଙ୍କୁ ନେଇ 'ଆଦି କର୍ମଯୋଗୀ', ଯୁବନେତା, ଶିକ୍ଷକ, ଡାକ୍ତର ଓ ସାମାଜିକ କର୍ମୀଙ୍କୁ ନେଇ 'ଆଦି ସହଯୋଗୀ' ଏବଂ ଜନଜାତି ନେତା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ 'ଆଦି ସାଥି' କ୍ୟାଡର ଗଠନ କରାଯିବ। ଭାରତ ଗ୍ରାମୀଣ ଜୀବିକା ଫାଉଣ୍ଡେସନର ସହାୟତାରେ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷିତ କରାଯାଇଛି। ୨୦ଲକ୍ଷ ତୃଣମୂଳସ୍ତରର କର୍ମକର୍ତ୍ତାଙ୍କୁ ପ୍ରସ୍ତୁତ କରିବା ସହିତ ଜନଜାତିଙ୍କ ବିକାଶ କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ରହିଛି। ଆଦି କର୍ମଯୋଗୀ ଅଭିଯାନ କେବଳ ଏକ ବିକାଶ କାର୍ଯ୍ୟକ୍ରମ ନୁହେଁ ବରଂ ଜନଜାତି ସମ୍ପ୍ରଦାୟଙ୍କ ନିକଟରେ ସରକାରଙ୍କୁ ପହଞ୍ଚାଇବା ପାଇଁ ଏକ ଆନ୍ଦୋଳନ ବୋଲି କୁହାଯାଉଛି।

# ୪ ବାଲି ବୋଝେଇ ଟ୍ରକ୍ ଜବତ, ୫ କୋର୍ଟ ଚାଲାଣ

ଖଇରା, ୭।୮ (ଉତ୍କଳବନ୍ଧୁ ପଣ୍ଡା)

ବେଆଇନ ଭାବେ ବାଲି ବୋଝେଇ କରିଯାଉଥିବା ୪ଟି ଟ୍ରକକୁ ବାଲେଶ୍ୱର ଜିଲା ଖଇରା ପୋଲିସ ଜବତ କରିବା ସହ ୪ଜଣ ଡ୍ରାଇଭର ଓ ଏମାନଙ୍କୁ ସୁରକ୍ଷା ଦେଇ ନେଉଥିବା ଜଣେ ବ୍ୟକ୍ତିଙ୍କୁ କୋର୍ଟଚାଲାଣ କରାଯାଇଛି। ଗୁରୁବାର ସକାଳେ ଆଗରପଡା– କୁପାରୀ ରାସ୍ତାରେ ଏହି ଗାଡିଗୁଡିକ ଖଇରା ଆସୁଥିବା ବେଳେ ଅମ୍ବିକା ଛକ ନିକଟରେ ଖଇରା ପୋଲିସ ଗାଡିଗୁଡିକୁ ଜବତ କରିଥିଲା। ବାଲି ଗାଡି ସହିତ ଶହ ଶହ ସଂଖ୍ୟାରେ ବେଆଇନ ଭାବେ ଚାଲିଥିବା ମେଟାଲ, ଚିପ୍ସ ଓ ବୋଲଡର ଗାଡି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

# ଯୁକ୍ତ୨ ସ୍ମାର୍ଟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର,୭।୮
(ସୁଚିସ୍ମିତା ସାହୁ)

**ଖାଲି ପଡ଼ିବ ଦେଢ଼ଲକ୍ଷରୁ ଅଧିକ ସିଟ୍**

ଯୁକ୍ତ୨ ସ୍ମାର୍ଟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୩,୪୧୧ଜଣ ଛାତ୍ରୀଛାତ୍ର ସ୍ମାର୍ଟ ନାମଲେଖା ପାଇଁ ଆବେଦନ କରିଥିବାବେଳେ ୨୫,୪୩୪ ଜଣ ମେଧାବୀଙ୍କୁ ଚୟନ କରାଯାଇଛି। କଳାରେ ସର୍ବାଧିକ ୧୪,୮୨୪ଜଣ ପିଲା ଥିବାବେଳେ ବିଜ୍ଞାନରେ ୬୯୩୮, ବାଣିଜ୍ୟରେ ୨୫୭୮, ସଂସ୍କୃତରେ ୩୧୦ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ୭୮୪ ଜଣ ପିଲା ଚୟନ ହୋଇଛନ୍ତି। ଚୟନ ହୋଇଥିବା ଛାତ୍ରୀଛାତ୍ର ଶୁକ୍ରବାରଠାରୁ ୧୬ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖାଇ ପାରିବେ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ଦୁଇଟି ରାଉଣ୍ଡ ପରେ ୩ଲକ୍ଷ ୭୧ହଜାର ୨୦୭ ଜଣ ପିଲା ନାମଲେଖାଇଛନ୍ତି। ମୋଟ୍ ୫ଲକ୍ଷ ୭୨ହଜାର ୭୧୫ଟି ସିଟ୍ ଥିବାବେଳେ ଆଉ ୨ଲକ୍ଷ ୧ହଜାର ୫୦୮ ସିଟ୍ ଫାଙ୍କା ରହିଛି। ସ୍ମାର୍ଟ ନାମଲେଖା ପାଇଁ ଚୟନ ହୋଇଥିବା ସମସ୍ତ ପିଲା ନାମଲେଖାଇଲେ ମଧ୍ୟ ଦେଢ଼ଲକ୍ଷରୁ ଅଧିକ ସିଟ୍ ଫାଙ୍କା ରହିବ।

SYNERGY
GROUP OF INSTITUTIONS
Since 1999 SYNERGY A Modern Day Gurukul
Celebrating 25 Glorious Years
Accredited by NBA, New Delhi
(Approved AICTE, New Delhi, Affiliated to BPUT, Odisha & Affiliated to SCTE&VT, Odisha)
Dhenkanal, (Dhenkanal Town)-759001 Bhubaneswar, Phulnakhara- 752101
ADMISSION OPEN
For Lateral Entry | B.Tech.| Diploma
Lateral Entry B.Tech (Both for Regular & Professionals)
Apply Now > Through the website synergyinstitute.net/admission
OUR ACADEMIC PARTNERS
coursera | Cyber Dojo | futureskills prime (A MeitY - NASSCOM Digital Skilling Initiative) | campus connect (An Infosys Industry Academia Partnership Program)
B.Tech. in Engineering
(Approved AICTE, New Delhi & Affiliated to BPUT, Odisha)
Computer Science & Engg. | Mechanical Engg
Electrical Engg | Civil Engg
Providing Professional Certificate Courses along with B.Tech Programs (Collaboration with COURSERA ).
Google IBM Meta INTUIT HubSpot salesforce
Diploma in Engineering
(Affiliated to SCTE&VT, Odisha)
Computer Science & Engg. | Mechanical Engg
Electrical Engg | Civil Engg | Mining Engg
B.Sc. NURSING
Approved by DMET, Health & Family Welfare Dept., Govt. of Odisha
B.Sc. (ALL HONS.)
(Recognised by Higher Education Department, Govt. of Odisha)
OUR RECRUITERS:
- Jindal Steel Power Limited
- TATA Steel
- KIA Motors
- Bajaj Motors
- TVS Motors
- Motherson's Polymer
- Radiant Appliances
- BEWL
- Royal Enfield
- Minda
- Shyam Metalics
- Ashokleyland
- Ceat Tyres
- Ambuja Cement.
- Gayatree Construction
- Dalmia Cement Ltd.
- Runguta Mines Ltd.
- JK Laxmi Cement
- Tareni Earth Movers
- Shakti Auto Components
Govt. Approved Course Fees
GOVT. SCHOLARSHIPS for the Meritorious / SC / ST / OBC / EWS Students.
We invite you to visit to our institute & discover our potentiality. SEEING IS BELIEVING
Contact Details DKL - 7978909283, 9337201611, 8093626591
BBSR - 9348352445, 9861575524, 9437169419



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିପିଆଇଏମ୍ ଭୁବନେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ନିର୍ବାଚନ କମିଶନଙ୍କୁ ଦାବିପତ୍ର , ସ୍ଥାନ: ଏଡିଏମ୍ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ୟୁନିସେଫ୍ ପକ୍ଷରୁ ଜାତୀୟ କୃମିନାଶକ ଦିବସ ପାଳନ, ସ୍ଥାନ: ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ସଭାକକ୍ଷ, ସମୟ: ଅପରାହ୍ନ ୨ଟା ୩୦।

## କଟକ

- ଆଦିତ୍ୟ ଭାରତ ଓ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ଦ୍ୱାରା ଆୟୋଜିତ ୧୦ଟି ଓଡ଼ିଆ ଗଳ୍ପର ହିନ୍ଦୀ ରୂପାନ୍ତର ଓ ଚିତ୍ରରୂପ କାର୍ଯ୍ୟକ୍ରମ ରୂପକ, ସ୍ଥାନ: ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପରିସର, ସମୟ: ସକାଳ ୯ଟା ୩୦।
- ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସିବିଏସ୍ଇ ବାସ୍କେଟ ବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ

- ନିମାପଡ଼ା ଏନ୍ଏସିର ସାଧାରଣ କାଉନସିଲ ବୈଠକ, ସ୍ଥାନ: ଏନ୍ଏସି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ବାଲେଶ୍ୱର ଓଷ୍ଟା ପକ୍ଷରୁ ଶୋଭାଯାତ୍ରା ଓ ପ୍ରତିବାଦ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଭାଜପାର ପ୍ରସ୍ତୁତି ବୈଠକ, ସ୍ଥାନ: ଦଳୀୟ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- କ୍ରାନ୍ତି ପତାକା ଉତ୍ତୋଳନ, ସ୍ଥାନ: ବିଦେଇପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମିଡ଼ିଆ ସେନସିଟାଇଜେସନ ୱର୍କସପ ଅନ୍ ମାସ ଡ୍ରଗ ଆଡମିନିଷ୍ଟ୍ରେସନ ୨୦୨୫-୨୬, ସ୍ଥାନ : କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସର କନ ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ସମ୍ପର୍କିତ ବିଏଲଓଙ୍କ ତାଲିମ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୧ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଙ୍କୀର୍ତ୍ତନ, ସ୍ଥାନ : କଳିଙ୍ଗା, କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:କଲ୍ୟାଣି ମହିଳା ସମିତି, ବାରିପଦା,ସମୟ:ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଭାଷା ଆନ୍ଦୋଳନ ପକ୍ଷରୁ ଧାରଣା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ସମୟ : ସକାଳ ୮ଟା।
- ସୁହାନି କ୍ରିଏଶନର ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ପ୍ରକାଶମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଆଇଜର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆଇଜର କ୍ୟାମ୍ପସ, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ

- ସ୍ୱାଧୀନତା ଦିବସ ଉପଲକ୍ଷେ କୁଇଜ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ ସଭାଗୃହ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସବ୍ ଜୁନିୟର ୧୭ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା,ସ୍ଥାନ: ଢେଙ୍କାନାଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ,ସମୟ:ସକାଳ ୮ଟା।

## ଅନୁଗୋଳ

- ସାମୂହିକ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ : ସକାଳ ୭ଟା।
- ଫାଇଲାରିଆସିସ୍ ଉପରେ ମିଡିଆ ଆଡଭୋକେସ, ସ୍ଥାନ: ଅନୁଗୋଳ ସିଡିଏମ୍‌ଓଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓ.ପି. ଜିନ୍ଦଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଅନୁଗୋଳ କଦମ ପଡିଆ, ସମୟ: ଅପରାହ୍ନ ୩ଟା।
- ଜିଲାପାଳଙ୍କ ଯୋଗାଣ ସମ୍ପର୍କିତ ଅନୁଧ୍ୟାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଯୋଗାଣ ବିଭାଗ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦ୍ରାପଡ଼ା

- ଶ୍ରୀଜୀଉଙ୍କ ଝୁଲଣ ଯାତ୍ରା, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ଶ୍ରୀ ଗୋପୀନାଥଜୀଉ ମନ୍ଦିର, ଓଲଡ଼ି, ଡେରାବିଶ, ସମୟ: ସନ୍ଧ୍ୟା ୬ ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଓସଙ୍ଗରା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବର ଲକ୍ଷ୍ମୀ ବ୍ରତ ସାମୁହିକ ପୂଜା, ସ୍ଥାନ:ଶ୍ରୀ ସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୁହିକ ସେବାକେନ୍ଦ୍ର ଓଡଗାଁ, ସମୟ: ସକାଳ ୮ଟା।
- ସ୍କାଇଲ ନୟାଗଡ ପକ୍ଷରୁ ବୃକ୍ଷ ରୋପଣ, ସ୍ଥାନ: ନୟାଗଡ ସ୍ମାର୍ଟ ଶ୍ମଶାନ, ସମୟ: ସକାଳ ୮ଟା।
- ନାରୀ ନିର୍ଯାତନା ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ର ପ୍ରତିବାଦ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଶୋଭାଯାତ୍ରା ଓ କୁଶ ପୁତ୍ତଳିକା ଦାହ, ସ୍ଥାନ: ନୟାଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।
- ଝୁଲଣ ଯାତ୍ରାର ଚତୁର୍ଥ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ନୟାଗଡ ପୁରୁଣା ସହରର ଗୋପୀନାଥ ମନ୍ଦିର, ଓଡଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା। ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦। ସ୍ଥାନ: କଣ୍ଟିଲୋ ରାଧାମୋହନ ପୀଠ, ସମୟ: ସନ୍ଧ୍ୟା ୮ଟା। ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ରାତି ୯ଟା।

## ରାୟଗଡ଼ା

- ଭାରତୀୟ ମଜଦୁର ସଂଘ ପକ୍ଷରୁ ବୃକ୍ଷ ରୋପଣ, ସ୍ଥାନ: ଅମ୍ଲାଭଟା ଶିବ ମନ୍ଦିର ନିକଟ, ଜେକେପୁର, ସମୟ: ସକାଳ ୭ଟା ୩୦।

## ନବରଙ୍ଗପୁର

- ଜିଲାପାଳଙ୍କ ତେନ୍ତୁଳିଖୁଣ୍ଟି ବ୍ଲକ୍ ପରିଦର୍ଶନ ଓ ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସେମିଳିଗୁଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଲେଜର ୪୦ ତମ ବାର୍ଷିକ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା କଲେଜ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ : କୋରାପୁଟ ଜିଲାପାଳଙ୍କ କାଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉପମୁଖ୍ୟମନ୍ତ୍ରୀଙ୍କ କୋଟିଆରେ ସମୀକ୍ଷା, ସ୍ଥାନ: କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା ୧୫।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ପଧାନପାଲି ନିକଟସ୍ଥ ପାୱାନ ସରୋବର, ସମୟ: ପୂର୍ବାହ୍ନ ୧୦ଟା।
- ସାମୂହିକ ଫାଇଲେରିଆ ଔଷଧ ସେବନ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- କେନ୍ସ କ୍ଲେଭିସ ଇଭି ଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ପରଧିଆସ୍ଥିତ ସେଣ୍ଟଲ କିଆଁ, ସମୟ : ଅପରାହ୍ନ ୫ଟା।
- ଟାଟା ମୋଟର୍ସର ହେରାରି ଇଭି ଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ : ପରଧିଆପାଲି ସ୍ଥିତ ଲଙ୍କେଶ୍ୱରୀ ମୋର୍ଟସ ପରିସର, ସମୟ: ସନ୍ଧ୍ୟା ୬ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜଗନ୍ନାଥ ମନ୍ଦିରରେ ପାଟରାକ୍ଷୀ ସେବା, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ୯ଟା ୩୦।

## ରାଉରକେଲା

- ଆନ୍ତଃ ବିଦ୍ୟାଳୟ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୯ଟା।
- ବିଶ୍ୱ ଆଦିବାସୀ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖିରପାଣି, ସମୟ: ସକାଳ ୯ଟା।
- ଭାରତୀୟ ମଜଦୁର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୪ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଛାତ୍ରୀ ଓ ନାରୀ ନିର୍ଯାତନା ରୋକିବା ଉଦ୍ଦେଶ୍ୟରେ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ସେକ୍ଟର-୫, ଡିଆଇଜି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆମେ ଓଡ଼ିଆ ରାଉରକେଲା ଶାଖା ପକ୍ଷରୁ ଗହ୍ମାପୂର୍ଣ୍ଣିମା ଓ ରକ୍ଷାବନ୍ଧନ ପାଳନ, ସ୍ଥାନ: ଉଦିତନଗର ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଶ୍ରାବଣ ଗୀତି କବିତା ଆସର, ସ୍ଥାନ: ନ୍ୟାଶନାଲ କ୍ଲବ, ପାୱାରହାଉସ୍ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳନ, ସ୍ଥାନ: ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ,ସମୟ: ସକାଳ ୧୦ଟା।

## ବରଗଡ଼

- ଜୈବ ବିବିଧତା ସଂରକ୍ଷଣ ଆଲୋଚନାଚକ୍ର, ସ୍ଥାନ: ଜନତା ସରକାରୀ ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ମଧ୍ୟାହ୍ନ ୧୨ଟା।
- ଗଙ୍ଗାଧର ଜୟନ୍ତୀ ଅବସରରେ ପ୍ରତିଯୋଗିତା, ସ୍ଥାନ:ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ଏଚ୍ଆଇଭି ଏଡ୍ସ ଉପରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନାରୀ ସୁରକ୍ଷା ଉପରେ ବିଜେଡିର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ, ସ୍ଥାନ: ଜୁନାଗଡ଼ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼

- ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଲୋକଙ୍କୁ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ଥିତି ସମ୍ପର୍କରେ ସଚେତନ ପାଇଁ ଦସ୍ତଖତ ଅଭିଯାନ, ସ୍ଥାନ: ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡ, ସମୟ: ସକାଳ ୯ଟା।
- ଅସୁରକ୍ଷିତ ଛାତ୍ରୀ, ମହିଳାଙ୍କୁ ସୁରକ୍ଷା ଏବଂ ଆଇନଶୃଙ୍ଖଳା ଦୃଢୀକରଣ ପାଇଁ ଦେବଗଡ଼ ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ଶୋଭାଯାତ୍ରା, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିରଠାରୁ ଜିଲା ମୁଖ୍ୟ ଆରକ୍ଷୀ କାର୍ଯ୍ୟାଳୟ: ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ସହର ରାମେଶ୍ୱର ମନ୍ଦିରରେ ଜଳାଭିଷେକ, ସ୍ଥାନ:ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବେଟି ପଢାଓ, ବେଟି ବଚାଓ ଅଭିଯାନର ଜିଲାସ୍ତରୀୟ ଏକତ୍ରୀକରଣ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଫାଇଲେରିଆ ନିରାକରଣ ଅଭିଯାନ ସଚେତନତା ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଜିଲା ପ୍ରଶିକ୍ଷଣ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଅଲେଖ ମହିମା ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମ ଯଜ୍ଞ, ସ୍ଥାନ: ଶାନ୍ତି ପଡା ମହିମା ମଠ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ୧୬ ତମ ଚତୁର୍ବେଦ ଯଜ୍ଞ ଷଷ୍ଠ ଦିବସ, ସ୍ଥାନ: ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ଟା ୪୦ରୁ ସକାଳ ୮ଟା।
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସମରସିଂ ଗାଁ, ସମୟ: ସକାଳ ୯ଟା।
- ଗୋପୁର ମହିମା ଆଶ୍ରମରେ ମହିମା ମହାପ୍ରଭୁଙ୍କ ବାର୍ଷିକ ନବାନ୍ନ ମହୋତ୍ସବ, ସ୍ଥାନ: ନୂଆପଡା ସଦର ବ୍ଲକ କାଦୋମେରି ପଞ୍ଚାୟତ ଗୋପପୁର ମହିମା ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।
- ୧୬ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଖଡିଆଲ, ସମୟ: ଅପରାହ୍ନ ୪ଟା ୩୦।
- ଜିଲା ବିଜେଡି ପକ୍ଷରୁ ରାଲି ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ପୋଲିସ ପଡିଆଠାରୁ ଏସ୍‌ପି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ବନ୍ଧୁଙ୍କ ସହଯୋଗରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟିକୁ ଆରମ୍ଭ ପାଇଁ ପଥ ପରିଷ୍କାର କରାଇବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। କର୍ମକ୍ଷେତ୍ରରେ ଯତ୍‌ପରୋନାସ୍ତି ଟେନ୍‌ସନ କମିଯିବା ସକାଶେ ଚେଷ୍ଟା କରିବେ।

**ବୃଷ** — ଆପଣଙ୍କ ସୁଚିନ୍ତିତ ମତାମତ ଓ ସମୟୋପଯୋଗୀ ପଦକ୍ଷେପ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ସମସ୍ୟାର ସମାଧାନ ଦିଗରେ ବନ୍ଧୁଙ୍କ ସହଯୋଗ ମିଳିବ। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅନ୍ୟମନସ୍କତା କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମିଥୁନ** — ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପାରୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡା ହୋଇଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ଥିତି ଭଲ ରହିବା କଷ୍ଟକର ହେବ।

**କର୍କଟ** — ରାଶ୍ୟାଧିପତିଙ୍କ ଶୁଭଦୃଷ୍ଟିରୁ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** — ଶନି କ୍ଷେତ୍ରରେ ଚନ୍ଦ୍ର ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନାସ୍ତିସୂଚକ ଚିନ୍ତାଧାରା ସୃଷ୍ଟି ହେବ। କେତେବେଳେ କ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବେ। ଫାଇଦା ହାସଲ ପାଇଁ ସହକର୍ମୀ ଫନ୍ଦିଫିକର କରିପାରନ୍ତି। ଆଜିର ଲକ୍ଷ୍ୟହୀନ ଯାତ୍ରା କିମ୍ବା ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାର ଆଶଙ୍କା ରହିଛି।

**କନ୍ୟା** — କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଅଫିସ୍ କାମରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। କଠୋର ପରିଶ୍ରମ କିମ୍ବା କାମର ଚାପଜନିତ ଅନିଦ୍ରା ହେତୁକ ଜ୍ୱରାକ୍ରାନ୍ତ ହୋଇପାରନ୍ତି। ଦୀର୍ଘଦିନ ହେଲା ହଜିଯାଇଥିବା ଜିନିଷଟିର ସନ୍ଧାନ ବନ୍ଧୁଙ୍କ ଜରିଆରେ ଆଜି ପାଇଯିବେ।

**ତୁଳା** — ଆଜିର ଦିନଟି ପ୍ରତ୍ୟେକ ଦିଗରୁ ଶୁଭପ୍ରଦ ରହିବା ସହ ମାନସିକ ଶାନ୍ତିଲାଭ କରିବେ। ବନ୍ଧୁଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ କୌଣସି ପାର୍ଟିରେ ଯୋଗଦେଇପାରନ୍ତି। ଭୁଲ୍ ବୁଝାମଣା କାରଣକୁ ନେଇ ବ୍ୟବସାୟରେ ମାନମନାନ୍ତର ସୃଷ୍ଟିର ଆଶଙ୍କା ରହିଛି। କଚେରି ମାମଲାର ମନ୍ଥରତା ମନକଷ୍ଟର କାରଣ ହୋଇପାରେ।

**ବିଛା** — କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ଲାଭକରି ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ମିତ୍ର, ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଆନୁଷଙ୍ଗିକ ସୁବିଧା ଓ ସୁଯୋଗ ଲାଭକରି କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ପଡୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ମନ୍ତବ୍ୟ ଦେଇପାରନ୍ତି।

**ଧନୁ** — କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଭଲ ସମ୍ପର୍କ ରହିଥିଲେ ମଧ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ସହକର୍ମୀ କିମ୍ବା ପଡୋଶୀଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମକର** — କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବା ସହ ବନ୍ଧୁଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶାରେ ସଫଳତା କରାଯାଇପାରେ। ଭୁଲ୍ ବୁଝାମଣାଜନିତ ପରିବାରରେ ଭଉଣୀ କିମ୍ବା ସ୍ତ୍ରୀ ଅଭିଯୋଗ କରିପାରନ୍ତି।

**କୁମ୍ଭ** — ଛୋଟ ଛୋଟ ସମସ୍ୟା ରହିଥିଲେ ମଧ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କଡା କଥା କିମ୍ବା ବିରକ୍ତିପୂର୍ଣ୍ଣ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଆଲୋଚନା ପରିସରରେ ସମ୍ପର୍କୀୟ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି।

**ମୀନ** — କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନ ଓ ସହାନୁଭୂତିର ଅଭାବ ରହିବ ନାହିଁ। ପାରସ୍ପରିକ ମତଭେଦକୁ ନେଇ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। କାର୍ଯ୍ୟରେ ସଫଳତା ପାଇବେ। ଆନୁଷ୍ଠାନିକ କାମରେ ରେବତୀ ନକ୍ଷତ୍ର ଯେତେ ଭଲ କଲେ ମଧ ଅନ୍ୟମାନେ ଦୋଷ ଖୋଜିବୁଲିବେ।

ଆଜି ଅଗଷ୍ଟ ୮ ତାରିଖ, ଶ୍ରାବଣ ଶୁକ୍ଳପକ୍ଷର ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣମା ଶୁକ୍ରବାର। ପୂର୍ଣ୍ଣମା ବିହିତ ଚନ୍ଦ୍ରୋପବାସ, ଶରଣ। ରାଶିନକ୍ଷତ୍ର- ଦିବା ଘ.୦୨।୨୭ ମି. ପର୍ଯ୍ୟନ୍ତ, ଉତ୍ତରାଷାଢା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣମାର ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୨୮ ଗତେ, ଘ.୦୬।୧୯ ମଧ୍ୟେ, ଘ.୦୭।୧୦ ଗତେ, ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୬ ଗତେ, ଘ.୧୧।୫୨ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଜଷ୍ଟିସ୍ ବର୍ମାଙ୍କ ଆବେଦନ...

ଦତ୍ତା ଏବଂ ଏ.ଜି. ମସିହଙ୍କ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ଗତ ମାର୍ଚ୍ଚ ମାସରେ ତାଙ୍କ ସରକାରୀ ବାସଭବନ ପରିସରରେ ଥିବା ଏକ ଷ୍ଟୋର୍‌ରୁମ୍‌ରେ ନିଆଁ ଲାଗି ବହୁ ପରିମାଣର ଦରପୋଡ଼ା ଟଙ୍କା ମିଳିଥିଲା। ସେବେଠାରୁ ସେ ବିବାଦର କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି। ତାଙ୍କ ବିରୋଧରେ ପାର୍ଲାମେଣ୍ଟରେ ମହାଭିଯୋଗ ଆଣିବା ପାଇଁ ମେ' ୮ରେ ତତ୍କାଳୀନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ସୁପାରିସ୍ କରିଥିବାବେଳେ ଏହାକୁ ଖାରଜ କରାଯିବାକୁ ମଧ ବର୍ମା ଆବେଦନ କରିଥିଲେ। ତେବେ ଖଣ୍ଡପୀଠ କହିଛନ୍ତି, ତତ୍କାଳୀନ ସିଜେଆଇ ଏବଂ ଇନ୍-ହାଉସ୍ କମିଟି ଭିଡିଓ ଫୁଟେଜ୍ ଏବଂ ଫଟୋଗ୍ରାଫ୍ ଅପ୍‌ଲୋଡ୍ କରିବା ବ୍ୟତୀତ ଅନ୍ୟ ସମସ୍ତ ପ୍ରକ୍ରିୟା ଅତି ସାବଧାନତାର ସହ ଅନୁସରଣ କରିଛନ୍ତି। ପ୍ରକ୍ରିୟା ଅନୁଯାୟୀ, ନିଆଁଲିଭା ବେଳର ଫଟୋ ଓ ଭିଡିଓ ସୁପ୍ରିମକୋର୍ଟଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ଆବଶ୍ୟକ ନ ଥିଲା ବୋଲି ମଧ ଖଣ୍ଡପୀଠ କହିଛନ୍ତି। ସେଥିରେ ଆଉ କିଛି କରାଯାଇପାରିବ ନାହିଁ, କାରଣ ସୁଯୋଗ ଥିଲାବେଳେ ଆପଣ ପ୍ରଶ୍ନ କରି ନ ଥିଲେ। ଏବେ ଆଉ କୌଣସି ଆଶ୍ୱସ୍ତି ପାଇଁ ଦାବି କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଦତ୍ତା ରାୟ ଶୁଣାଇଲା ବେଳେ କହିଛନ୍ତି।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଘ ବରଷା, ମାଆ ପରଷା,**
**ମାଘ ବରଷେ, ସୁନା ଖସେ,**
**ଚଷାର ମାଇପ ଖିଲିଖିଲି ହସେ।**

ମାଘ ମାସର ବର୍ଷା କୃଷି ବା ଚାଷ ପାଇଁ ଅନୁକୂଳ ହୋଇଥାଏ। ମାଆ ହାତ ପରଷା ମଧ ସନ୍ତାନମାନଙ୍କୁ ଅଧିକ ତୃପ୍ତି ପ୍ରଦାନ କରାଇଥାଏ। ମାଘ ମାସରେ ଭଲ ବର୍ଷା ହେଲେ ଅଧିକ ଅମଳ ହୋଇଥାଏ। ଫଳସ୍ୱରୂପ ଚାଷୀ ମୁହଁରେ ହସ ଫୁଟାଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ମାଛ ଯାକରେ ଫଳି,**
**ଟାପରା ଯାକରେ ଶାଳୀ।**

ସାଧାରଣତଃ ମାଛ ମଧ୍ୟରେ ଫଳି ମାଛ ଖାଇବାକୁ ଅତ୍ୟନ୍ତ ସୁଆଦିଆ ଲାଗିଥାଏ। ସେହିପରି ସ୍ତ୍ରୀଲୋକଙ୍କ ମଧ୍ୟରେ ଶାଳୀ ହିଁ ବେଶି ଆଦରଣୀୟା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ହସ୍ତତନ୍ତ ଓଡ଼ିଆ ଅସ୍ମିତାର...

ପାଇଁ ଓଡ଼ିଶା ହ୍ୟାଣ୍ଡଲୁମ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଘୋଷଣା କରିଥିଲେ। ମାଧୁରୀଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶ ବିଦେଶର ଫ୍ୟାଶନ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ରାଜ୍ୟରେ ହସ୍ତତନ୍ତ କ୍ଷେତ୍ର ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଓଡ଼ିଶାର ୩୦ ଜିଲାରେ ୧ ଲକ୍ଷ ୩୦ ହଜାରରୁ ଅଧିକ ବୁଣାକାର ଓ ସହାୟକ ଶ୍ରମିକ ହସ୍ତତନ୍ତ କ୍ଷେତ୍ରରେ ସିଧାସଳଖ ନିୟୋଜିତ ଅଛନ୍ତି। ପୂର୍ବ ଭାରତର ସର୍ବବୃହତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବରଗଡ଼ ଓ କଟକରେ ଡାଇ ହାଉସ, ଗୋଦାମ, ଡିଜାଇନ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରାଯାଉଛି। ଉତ୍କର୍ଷ ଏବଂ ନବସୃଜନ ପାଇଁ ଓଡ଼ିଶାର ୪୦ରୁ ଅଧିକ ମାଷ୍ଟର ବୁଣାକାରଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏଥିସହ ହସ୍ତତନ୍ତ ଦିବସର ମାସ୍କଟ 'ରେଶା' ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚନ କରିଥିଲେ।

ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବଲିଉଡ୍ ଅଭିନେତ୍ରୀ ତଥା ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ମାଧୁରୀ ଦୀକ୍ଷିତ କହିଲେ, ଏହି ଶିଳ୍ପ କେବଳ ବସ୍ତ୍ର ନୁହେଁ, ପ୍ରତ୍ୟେକ ଓଡ଼ିଆର ପରିଚୟ ଏବଂ ଏହା ହିଁ ଓଡ଼ିଆ ଅସ୍ମିତା। ହସ୍ତତନ୍ତ କେବଳ ଜୀବିକା ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ ବୋଲି ସେ କହିଥିଲେ। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଲେ, ବୟନ ଶିଳ୍ପକୁ ଏକ ଆଧୁନିକ ବଜାର-ଚାହିଦାଭିତ୍ତିକ ଉତ୍ପାଦରେ ପରିଣତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଶ୍ରମିକ ସମ୍ମାନ ଯୋଜନା, ହସ୍ତତନ୍ତ ଶିଳ୍ପୀ ସମ୍ପ୍ରସାରଣ ନୀତି ଏବଂ ବିଭିନ୍ନ ଶିଳ୍ପ ମେଳା ଓ ଅନୁଦାନ ଯୋଜନା ମାଧ୍ୟମରେ ହସ୍ତତନ୍ତ ଶିଳ୍ପୀଙ୍କ ଉନ୍ନତି ସୁନିଶ୍ଚିତ କରାଯାଇଛି। ରାଜ୍ୟର ନୂଆ ପିଢିକୁ ଆହ୍ୱାନ ଦେଇ ସେ କହିଲେ, ଆମ ଓଡ଼ିଶାର ହସ୍ତତନ୍ତ ପୋଷାକ ପିନ୍ଧନ୍ତୁ, ଶିଳ୍ପୀଙ୍କୁ ସମ୍ମାନ କରନ୍ତୁ, ସ୍ୱଦେଶୀ ଉତ୍ପାଦନକୁ ଗ୍ରହଣ କରନ୍ତୁ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗୀୟ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧାରୀ ଧନ୍ୟବାଦ ଦେଇଥିଲେ। ଏହି ମେଳା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଖୁବ୍‌ଶୀଘ୍ର ଭାରତ...

ରାଜି ନ ହେଲେ ମସ୍କୋରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ସମ୍ଭାବ୍ୟ ଦ୍ୱିତୀୟ କଟକଣା ଲଗାଇବାକୁ ଟ୍ରମ୍ପ୍ ଧମକ ଦେଇଥିଲେ। ପୁଟିନ୍‌ଙ୍କ ସହ ଟ୍ରମ୍ପ୍‌ଙ୍କର ଖୁବ୍‌ଶୀଘ୍ର ବୈଠକ ହେବାକୁ ଯାଉଥିବା କ୍ରେମ୍‌ଲିନ୍ ଗୁରୁବାର ସ୍ପଷ୍ଟ କରିଛି। ଏହା ପୂର୍ବରୁ ଟ୍ରମ୍ପ୍‌ଙ୍କ ଆଭିମୁଖ୍ୟକୁ କ୍ରେମ୍‌ଲିନ୍ ସମାଲୋଚନା କରିବା ସହ ବାଣିଜ୍ୟ ନିଷ୍ପତ୍ତିରେ ଭାରତର ସ୍ୱାଧୀନତାକୁ ସମର୍ଥନ ଜଣାଇଥିଲା। ସାର୍ବଭୌମ ରାଷ୍ଟ୍ରଗୁଡ଼ିକର ନିଜସ୍ୱ ବାଣିଜ୍ୟ ସହଯୋଗୀ ବାଛିବା ଅଧିକାର ରହିଛି ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଥିଲେ। ରୁଷିଆ ସହ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବା ପାଇଁ ବିଭିନ୍ନ ଦେଶ ଉପରେ ଚାପ ପକାଇବା ଉଦ୍ୟମ ବେଆଇନ ବୋଲି ସେ ଦର୍ଶାଇଥିଲେ।

## ଲାଗୁହେଲା ଟ୍ରମ୍ପ୍ ଟାରିଫ୍...

କୋରିଆ ସାମଗ୍ରୀ ଉପରେ ୧୫% ଟାରିଫ୍ କଷିଥିବାବେଳେ ଲାଓସ୍ ଏବଂ ମ୍ୟାନ୍‌ମାର ପାଇଁ ୪୦% ଲେଖାଏ, ପାକିସ୍ତାନ ଉପରେ ୧୯%, ଶ୍ରୀଲଙ୍କା ଲାଗି ୨୦% ଓ ବ୍ରିଟିଶ୍ ସାମଗ୍ରୀଗୁଡ଼ିକ ଉପରେ ୧୦% ଆମଦାନୀ ଶୁଳ୍କ ଲଗାଇଛନ୍ତି। ସେହିପରି ୟୁରୋପୀୟ ସଂଘ (ଇୟୁ) ଉପରେ ୧୦% କିମ୍ବା ତଦୂର୍ଦ୍ଧ୍ୱ ଟିକସ ଲଗାଇଛନ୍ତି। ତାଇୱାନ୍, ଭିଏତ୍‌ନାମ ଓ ବାଂଲାଦେଶ କ୍ଷେତ୍ରରେ ୨୦% ଟାରିଫ୍ ରହିଛି। ଥାଇଲାଣ୍ଡ ଓ କାମ୍ବୋଡିଆ ପାଇଁ ୩୬%, ଇଣ୍ଡୋନେସିଆ ଲାଗି ୩୨% ଟିକସ ଲାଗୁ ହୋଇଛି।

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଭାରତ ମସ୍କୋଠାରୁ ବିପୁଳ ପରିମାଣର ଅଶୋଧିତ ତୈଳ କିଣିବାରେ ଲାଗିଛି। ଏତିକି ନୁହେଁ, ଭାରତ ସେହି ତୈଳକୁ ଶୋଧନ କରି ଅନ୍ୟ ରାଷ୍ଟ୍ରଗୁଡ଼ିକୁ ବିକ୍ରିକରିବା ସହ ବଡ଼ ଲାଭ ପାଉଥିବାରୁ ଟ୍ରମ୍ପ୍ ଭାରତର ଏହି ବାଣିଜ୍ୟିକ କାରବାରକୁ ରୁଷିଆର ୟୁକ୍ରେନ୍ ଯୁଦ୍ଧ ପାଇଁ ଇନ୍ଧନ ବୋଲି ଅଭିହିତ କରିଛନ୍ତି। ଏହି ଦୃଷ୍ଟିରୁ ସେ ଜରିମାନା ଆକାରରେ ଅତିରିକ୍ତ ୨୫% ଟାରିଫ୍ ଲଗାଇଛନ୍ତି। ଭାରତ ଉପରେ ଟ୍ରମ୍ପ୍ ଲଗାଇଥିବା ଟାରିଫ୍ ଯୋଗୁ ଦେଶର ଚମଡ଼ା, କେମିକାଲ, ଜୋତା, ମୁକ୍ତା ଓ ଅଳଙ୍କାର, ଟେକ୍ସଟାଇଲ୍ସ ଭଳି କ୍ଷେତ୍ର ବହୁଳ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

ଟ୍ରମ୍ପ୍‌ଙ୍କ ଏହି ଉଚ୍ଚ ଟାରିଫ୍‌କୁ ନୂଆଦିଲ୍ଲୀ ଅଯୌକ୍ତିକ ଓ ଅଯଥାର୍ଥ ବୋଲି ନିନ୍ଦା କରିଛି। ଏଥିସହ ଅନ୍ୟ କୌଣସି ବୃହତ୍ ଅର୍ଥନୀତି ଭଳି ଭାରତ ମଧ ନିଜ ଜାତୀୟ ସ୍ୱାର୍ଥ ଓ ଆର୍ଥିକ ନିରାପତ୍ତାକୁ ସୁରକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବ ବୋଲି ସ୍ପଷ୍ଟ କରିଛି।

କାମା ଜୁଏଲେରୀ ଏମ୍‌ଡି କୋଲିନ୍ ଶାହ କହିଛନ୍ତି, ଟ୍ରମ୍ପ୍‌ଙ୍କ ଟାରିଫ୍ ଭାରତୀୟ ରପ୍ତାନି ପାଇଁ ଏକ ବଡ଼ ଝଟ୍‌କା। ଭାରତରୁ ଆମେରିକାକୁ ରପ୍ତାନି ହେବାକୁ ଥିବା ଜୁଏଲେରୀ ଉପରେ ୫୫% ଆମଦାନୀ ଶୁଳ୍କ ଲାଗିଲେ ଉଭୟ ଦେଶର ବ୍ୟବସାୟ ପ୍ରଭାବିତ ହେବ। ୫୦% ରେସିପ୍ରୋକାଲ ଟାରିଫ୍ ଏକ ବୋଝ ସଦୃଶ।

ବହିର୍ବ୍ୟାପାର ମନ୍ତ୍ରଣାଳୟର ଆର୍ଥିକ ସମ୍ପର୍କ ସଚିବ ଦାମୁ ରବି କହିଛନ୍ତି, ଟ୍ରମ୍ପ ପ୍ରଶାସନର ଏହି ଏକତରଫା ପଦକ୍ଷେପର କୌଣସି ଯଥାର୍ଥତା ନାହିଁ। ତଥାପି ଆମେରିକା ସହ ଆଲୋଚନା ଜାରି ରହିଛି। ସମାଧାନର ବାଟ ଫିଟିବା ନେଇ ଆମେ ଆଶାବାଦୀ। ଅନ୍ୟପକ୍ଷେ ଅନିଶ୍ଚିତତା ସତ୍ତ୍ୱେ ଏହି ଟାରିଫ୍ ବିଶ୍ୱର ସର୍ବବୃହତ୍ ଅର୍ଥନୀତି ପାଇଁ ଆହୁରି ସ୍ୱଚ୍ଛତା ଆଣିଦେବ ବୋଲି ହ୍ୱାଇଟ୍ ହାଉସ୍ ଦୃଢ଼ ନିଶ୍ଚିତ ଥିବା ଜଣାପଡ଼ିଛି। ଗତବର୍ଷ ଭାରତ ଓ ଆମେରିକା ମଧ୍ୟରେ ପ୍ରାୟ ୨୧୨ ବିଲିୟନ୍ ଡଲାରର ବାଣିଜ୍ୟିକ କାରବାର ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୫ ବର୍ଷରେ ଏହି ପରିମାଣକୁ ୨ ଗୁଣରୁ ଅଧିକ ଅର୍ଥାତ୍ ୫୦୦ ବିଲିୟନ୍ ଡଲାରକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଆସୁଥିଲେ। କିନ୍ତୁ ଉକ୍ତ ଟାରିଫ୍ ଯୋଗୁ ଏହା ଫସର ଫାଟିବ ବୋଲି ଅନୁମାନ କରାଯାଉଛି।

## ଶୀଘ୍ର ପୂରଣ ହେବ...

ଡାକି ବୈଠକ କରି ପଦ ପୂରଣ ପ୍ରକ୍ରିୟା ଶେଷ କରିବାକୁ ମୁଖ୍ୟ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।ଜୁଲାଇ ୩୧ରେ ମୁଖ୍ୟ ସଚିବ ଆହୁଜା ଅର୍ଥବିଭାଗ ସମେତ ସମ୍ପୃକ୍ତ ୧୦ଟି ବିଭାଗ ମୁଖ୍ୟଙ୍କୁ ପ୍ରଦାନ କରିଥିବା ବ୍ୟକ୍ତିଗତ ନୋଟିସ୍‌ରେ ଦର୍ଶାଇଛନ୍ତି, ରାଜ୍ୟସରକାରସମ୍ପ୍ରତିଖାଲିପଦପୂରଣକୁପ୍ରାଥମିକତା ଦେଉଛନ୍ତି। ଏହିକ୍ରମରେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ନିକଟକୁ ଖାଲିପଦ ପୂରଣ ପାଇଁ ଇଣ୍ଡେଣ୍ଟ ପଠାଇବା ପୂର୍ବରୁ ପ୍ରଥମେ ୨୨ହଜାର ୮୯୬ ପଦର କ୍ଷମତାସମ୍ପନ୍ନ କମିଟିର ଅନୁମୋଦନ ଆବଶ୍ୟକ।

ମୁଖ୍ୟସଚିବଙ୍କ ତଥ୍ୟ ଅନୁଯାୟୀ, ଗଣଶିକ୍ଷା ବିଭାଗରେ ଅନୁମୋଦନପ୍ରାପ୍ତ ମୂଳ ପଦ ରହିଥିବାବେଳେ ଏବେ ବିଭାଗରେ ୯ହଜାର ୩୯ଟି ପଦ ଖାଲି ରହିଛି। ସେଥିମଧ୍ୟରୁ ୬୮୧ଟିକୁ ପୂର୍ବରୁ ଅନୁମୋଦନ ମିଳିଛି, ଏବେ ୮,୩୫୮ଟି ପଦର ଅନୁମୋଦନ ଆବଶ୍ୟକ ରହିଛି। ସେହିପରି ପଞ୍ଚାୟତିରାଜ ବିଭାଗରେ ୧୩ହଜାର ୯୪୧ଟିପଦରୁ ୪ହଜାର ୪୨ଟି ପଦର ଅନୁମୋଦନ ଆବଶ୍ୟକ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗରେ ୩,୬୭୭ଟି, କୃଷି ବିଭାଗରେ ୧,୪୬୯, ରାଜସ୍ୱ ବିଭାଗରେ ୧,୩୭୧, ଜଙ୍ଗଲ ଓ ପରିବେଶ ବିଭାଗରେ ୧,୧୯୩, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗରେ ୮୮୮, ଉଚ୍ଚଶିକ୍ଷା ବିଭାଗରେ ୮୬୭, ଏସ୍‌ଏସ୍‌ଡି ଆଣ୍ଡ୍ ଏମ୍‌ବିସିଡବ୍ଲ୍ୟୁରେ ୫୨୬ ଏବଂ ଗୃହ ବିଭାଗରେ ୫୦୫ଟି ପଦ ପାଇଁ ଅନୁମୋଦନ ଆବଶ୍ୟକ ଅଛି। ଏହାକୁ ତୁରନ୍ତ ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ସଚିବ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଅର୍ଥ ବିଭାଗ ପକ୍ଷରୁ ଚଳିତମାସ ୨ ତାରିଖରେ ସମ୍ପୃକ୍ତ ୧୦ଟି ବିଭାଗକୁ ଦୁଇଦିନ ମଧ୍ୟରେ ବୈଠକ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗର କ୍ଷମତାସମ୍ପନ୍ନ କମିଟି ବୈଠକ ଚଳିତମାସ ୧୨ରେ ରହିଥିବାବେଳେ ଅବଶିଷ୍ଟ ୫ ବିଭାଗ(ଜଙ୍ଗଲ, ମତ୍ସ୍ୟ ଓ ପଶୁସମ୍ପଦ, ଉଚ୍ଚଶିକ୍ଷା, ଏସ୍‌ଏସ୍‌ଡି ଏବଂ ଗୃହ ବିଭାଗ)ର ବୈଠକ ୨୦ ତାରିଖରେ ହେବ ବୋଲି ସେ ଦର୍ଶାଇଛନ୍ତି। ଯଦି କୌଣସି ବିଭାଗର ଖାଲି ପଦ ପୂରଣ ଦିଗରେ କିଛି ମତାମତ ଦେବାର ରହିଛି, ତାହା ଅବଗତ କରାଇବାକୁ ଅର୍ଥ ବିଭାଗର ଅତିରିକ୍ତ ସଚିବ ହୃଦୟ କମଳ ଜେନା ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

# ବାଲେଶ୍ୱରରୁ ଆରମ୍ଭ ହେଲା 'ହାତୀ ସଭା'

## ମଣିଷ-ହାତୀ ଲଢ଼େଇ ସମାଧାନ ପାଇଁ ସାମୂହିକ ପ୍ରୟାସ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ନୀଳଗିରି (ପ୍ରଶାନ୍ତ ବିଶ୍ୱାଳ), ୭।୮

ହାତୀ ଏବଂ ମଣିଷର ସମ୍ପର୍କ ବହୁ ପୁରାତନ। ଗୁରୁବାର ମାଣବସା ହେଉ ଅବା ପ୍ରତ୍ୟେକ ଧର୍ମୀୟ କାର୍ଯ୍ୟରେ ହାତୀକୁ ହିନ୍ଦୁ ପରମ୍ପରାରେ ଅଗ୍ରାଧିକାର ଦିଆଯାଇଛି। ମାତ୍ର ଜଙ୍ଗଲରେ ହାତୀ ଏବେ ଅସୁରକ୍ଷିତ। ଅଧିକାଂଶ ସମୟରେ ହାତୀ-ମଣିଷ ଲଢ଼େଇରେ କେତେବେଳେ ହାତୀର ପ୍ରାଣ ଯାଉଛି ତ କେତେବେଳେ ମଣିଷର ଜୀବନ ଯାଉଛି। ସବୁରି ମୂଳରେ ଜଙ୍ଗଲ ଧ୍ୱଂସ ମୁଖ୍ୟ କାରଣ। ଖାଦ୍ୟ ନ ପାଇ ହାତୀପଲ ଜନବସତି-ମୁହାଁ ହେବା ଯୋଗୁ ମଣିଷ ସହ ସଂଘର୍ଷ ଭଳି ପରିସ୍ଥିତି ଉପୁଜିଛି। ଏହାର ସମାଧାନ ନିମନ୍ତେ 'ବିକାଶ ସାଥୀ', 'ଧରିତ୍ରୀ', 'ଓଡ଼ିଶା ପୋଷ୍ଟ' ଓ ଏଏସ୍‌ଡି ଗ୍ରୁପ୍ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତ ଅଧୀନ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶରେ ଅବସ୍ଥିତ ଖରାଖାଇ ପଡ଼ିଆରେ ଆୟୋଜିତ ହାତୀ ସଭାରେ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା।

ବିକାଶ ସାଥୀ ସଙ୍ଗଠନର ପ୍ରତିଷ୍ଠାତା ସମ୍ପାଦକ ଡ. ବିଶ୍ୱଜିତ ପଣ୍ଡା ସ୍ୱାଗତ ବକ୍ତବ୍ୟ ଦେଇ ହାତୀ ସଂରକ୍ଷଣ ଓ ହାତୀ ଅତିକ୍ରମ ହେବା ବେଳେ କ'ଣ କରିବା ଉଚିତ୍ ଓ କ'ଣ କରିବା ଅନୁଚିତ୍ ସେ ସମ୍ପର୍କରେ ସୂଚନା ଦେଇଥିଲେ।

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଉକ୍ତ ଅଞ୍ଚଳର ହାତୀଜନିତ ସମସ୍ୟା ଓ ଏହାର ନିରାକରଣ ଉପରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଯେଉଁ ବାଟ ଦେଇ ହାତୀ ଆସୁଛି ସେଠାରେ ପରୀକ୍ଷାମୂଳକ ଭାବେ କଣ୍ଟାଯୁକ୍ତ ତାରବାଡ଼ ଘେରାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ତାରବାଡ଼କୁ 'ଧରିତ୍ରୀ' ପକ୍ଷରୁ ଦିଆଯିବ ବୋଲି ସେ କହିଥିଲେ। ଏଥିସହ କେଉଁ ପନ୍ଥା ଅବଲମ୍ବନ କଲେ ଗାଁରେ ହାତୀ ପ୍ରବେଶ କରିବ ନାହିଁ ସେନେଇ ଗ୍ରାମବାସୀଙ୍କ ମତାମତ ଲୋଡ଼ିଥିଲେ।

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଲୋକଙ୍କ ସମସ୍ୟା ଶୁଣିବା ସହିତ ହାତୀ ଦାଉରୁ ରକ୍ଷା ପାଇଁ ଗାଁରେ ମହୁଚାଷ ଓ ଲଙ୍କା ଚାଷ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଶୁଖିଲା ଲଙ୍କା ଧୂଆଁ ଦେଲେ ହାତୀ ପଳାୟନ କରିଥାନ୍ତି। ଯାହା ଦେଶର ହାତୀପ୍ରବଣ ଆସାମ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରେ କାର୍ଯ୍ୟକାରୀ କରି ସଫଳ ହୋଇଥିବା ସେ ଉଦାହରଣ ଦେଇଥିଲେ। କିନ୍ତୁ ମହୁ ଚାଷ କଲେ ଭାଲୁ ଆସିବ ଏବଂ ପାଣି ଅଭାବରୁ ଲଙ୍କା ଚାଷ ହୋଇପାରିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ପାହାଡ଼ ପାଦଦେଶରେ ସୌରବାଡ଼ ନିର୍ମାଣ କରାଗଲେ ସ୍ଥାୟୀ ପ୍ରତିକାର କରିହେବ ବୋଲି ମତବ୍ୟକ୍ତ କରିଥିଲେ।

ଦୀର୍ଘଦିନ ଧରି ଏହି ଗାଁରେ ହାତୀ ପଲ ପଶି ଧାନ ଓ ଚାଉଳ ଖାଇବା ସହ କଦଳୀ, ନଡ଼ିଆ, ଆମ୍ବ, ପଣସ ଚାଷ ନଷ୍ଟ କରୁଛି। ପୂର୍ବରୁ ଜଙ୍ଗଲ ଏଭଳି ନ ଥିଲା। ହାତୀପଲ ଗାଁକୁ ଆସୁ ନ ଥିଲେ। ଏବେ ହାତୀ ଆସି ଘରଦ୍ୱାର ଭାଙ୍ଗିବା ସହ ଧାନ ଓ ପରିବା ଚାଷ ବ୍ୟାପକ କ୍ଷତି କରୁଛନ୍ତି। ଏପରିକି ବହୁ ଲୋକଙ୍କର ଜୀବନ ଯିବା ସହ ଅନେକ ଲୋକ ଆହତ ହେଉଛନ୍ତି। ବନ ବିଭାଗ ତଥା ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଗ୍ରାମର କାର୍ତ୍ତିକ ଚନ୍ଦ୍ର ପୁଟି, ମୁକ୍ତିକାନ୍ତ ବାରିକ, ବୁଦ୍ଧିରାମ ରାଉତ, ନୀଳକଣ୍ଠ ମହାପାତ୍ର, ନିରଞ୍ଜନ ବେହେରା, ସୁରେନ୍ଦ୍ର ମହାପାତ୍ର, ଶିବ ପ୍ରସାଦ ବାରିକ, ଜୟନ୍ତୀ ବେହେରା, ଗୁରୁବାରୀ ବେହେରା, ବସୁମତୀ ବେହେରା ଓ ବାସନ୍ତୀ ବାରିକ ପ୍ରମୁଖ ଅଭିଯୋଗ କରିଥିଲେ। ଓଡ଼ିଶାରେ ବାଲେଶ୍ୱର ସମେତ ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, କନ୍ଧମାଳ ଆଦି ୧୦ ଜିଲା ଓ ୧୩ଟି ଡିଭିଜନ୍‌ରେ ଏହି ହାତୀ ସଭା ମାଧ୍ୟମରେ ଗାଁ ଗାଁରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିକାଶ ସାଥୀ ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। ସଙ୍ଗଠନର କୋ-ଫାଉଣ୍ଡର ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାଇପ୍ରିୟ ନାୟକ, ତୁଷାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ଧରିତ୍ରୀ' ଆକାଉଣ୍ଟସ୍ ମ୍ୟାନେଜର ପ୍ରତାପ ଚନ୍ଦ୍ର ବେହେରା, ଜିଲା ପ୍ରତିନିଧି ବାଞ୍ଛାନିଧି ଦେ, ନୀଳଗିରି ପ୍ରତିନିଧି ପ୍ରଶାନ୍ତ ବିଶ୍ୱାଳ, ବାଲିଆପାଳ ପ୍ରତିନିଧି ଅମୂଲ୍ୟ କୁମାର ଦାସ ଓ ପ୍ରସାରଣ ବିଭାଗର ଆଲୋକ କାନୁନ୍‌ଗୋ ଉପସ୍ଥିତ ଥିଲେ।



ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶରେ ଅବସ୍ଥିତ ଖରାଖାଇ ପଡ଼ିଆରେ ଗୁରୁବାର ଆୟୋଜିତ ହାତୀ ସଭାରେ ଆଲୋଚନା ଚାଲିଛି। 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ 'ବିକାଶ ସାଥୀ' ସମ୍ପାଦକ ଡ. ବିଶ୍ୱଜିତ ପଣ୍ଡା, ଏଏସ୍‌ଡି ଗ୍ରୁପ୍‌ର କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଅଛନ୍ତି।




ହାତୀସଭା ଅଭିଯାନରେ ସାମିଲ ଗ୍ରାମବାସୀ ଓ 'ବିକାଶ ସାଥୀ'ର କର୍ମକର୍ତ୍ତା।

# ଆଜିଠୁ ୫ ଦିନ ପାଇଁ ୫ ଜିଲା ଗସ୍ତ କରିବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ଭୁବନେଶ୍ୱର, ୭।୮ (ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାରଠାରୁ ୫ ଦିନ ପର୍ଯ୍ୟନ୍ତ ୫ ଜିଲା(କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସୋନପୁର) ଗସ୍ତ କରିବେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କୋଟିଆ ଗସ୍ତକରି ସେହି ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହ ସୁଭଦ୍ରା ଯୋଜନାର ସମୀକ୍ଷା କରିବେ। ଏହାସହ ଶନିବାର ତଥା ରାଖୀ ପୂର୍ଣ୍ଣିମା ଅବସରରେ କୋରାପୁଟରେ ଆୟୋଜିତ ସୁଭଦ୍ରା ୩ୟ କିସ୍ତି ପ୍ରଦାନ ସମାରୋହରେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ ୫ ଜିଲାରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାଗୁଡିକର ସମୀକ୍ଷାକରିବା ସହ ଆଗାମୀ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଏଏସ୍‌ଆଇ ଶୈଳେନ୍ଦ୍ର ପଲାଇଙ୍କ ବଦଳି

## କାଠିଆପଡ଼ା ଛାତ୍ରୀ ପୋଡ଼ି ଘଟଣା

କେନ୍ଦ୍ରାପଡା, ୭।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଗ୍ରାମର ଛାତ୍ରୀ ସଙ୍ଗିତା ପରିଡାଙ୍କ ମୃତ୍ୟୁ ଘଟଣାରେ ଏଏସ୍‌ଆଇ ଶୈଳେନ୍ଦ୍ର ପଲାଇଙ୍କୁ ଜିଲା କାର୍ଯ୍ୟାଳୟକୁ ବଦଳି ହୋଇଛି। ଏସ୍‌ପି ସିଦ୍ଧାର୍ଥ କାଟାରିଆ ଏ ନେଇ ବୁଧବାର ଥାନାକୁ ଭଏଟଏଫ୍ ମାଧ୍ୟମରେ ସୂଚନା ଦେଇଥିଲେ। ଏସ୍‌ପି କାଟାରିଆ କହିଛନ୍ତି, ମୃତା ସଙ୍ଗିତାଙ୍କୁ ଜଣେ ଯୁବକ ବ୍ଲାକମେଲ୍ ସମ୍ପର୍କରେ ସେ ଗତ ୬ ମାସ ପୂର୍ବରୁ ଆସିଥିବା ଅଭିଯୋଗ ପତ୍ରକୁ ଏଏସ୍‌ଆଇ ପଲେଇ ଗ୍ରହଣ କରି ନ ଥିବା ତାଙ୍କ ବାପା ଶଶିକାନ୍ତ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ତଦନ୍ତକୁ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ପାଇଁ ଏଏସ୍‌ଆଇ ପଲାଇଙ୍କ ବଦଳି କରାଯାଇଛି।

# ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନକୁ ନା'

## ଗୋଟିଏ ଦିନରେ ୧୦ ଗାଡ଼ି ଜବତ, କଟିଲା ୧୯୫ ଚାଲାଣ

କଟକ,୭।୮ (କାର୍ତ୍ତିକ ସାହୁ)

ମାଲବାହୀ ଗାଡ଼ିରେ ବେଆଇନ ଯାତ୍ରୀ ପରିବହନ ରୋକିବାକୁ ପଦକ୍ଷେପ ନେଇଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ଏଭଳି ବେଆଇନ ପରିବହନ ବିରୋଧରେ ସ୍ୱତନ୍ତ୍ର ଭାବେ ଚଢ଼ାଉ ପାଇଁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ), ଅତିରିକ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି କ୍ରମରେ ଆର୍‌ଟିଓମାନେ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରିଛନ୍ତି। ଗୁରୁବାର ପ୍ରଥମ ଦିନରେ ୧୯୫ ଚାଲାଣ କଟାଯାଇଥିବା ବେଳେ ଅସୁରକ୍ଷିତ ଭାବରେ ଯାତ୍ରୀ ପରିବହନ କରୁଥିବା ୧୦ ମାଲବାହୀ ଗାଡ଼ିକୁ ଜବତ କରାଯାଇଥିବା ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ସମଗ୍ର ରାଜ୍ୟରେ ଚଢ଼ାଉରେ ବାଲେଶ୍ୱର ଆର୍‌ଟିଓଙ୍କ ଦ୍ୱାରା ସର୍ବାଧିକ ୨୪ଟି ଚାଲାଣ କଟିଥିବା ବେଳେ ଚଣ୍ଡିଖୋଲ ଆର୍‌ଟିଓଙ୍କ ଦ୍ୱାରା ୧୫, କଟକ ଆର୍‌ଟିଓଙ୍କ ଦ୍ୱାରା ୧୪, ମୟୂରଭଞ୍ଜ ଆରଟିଓଙ୍କ ଦ୍ୱାରା ୧୩, ଗାମ୍ ଆର୍‌ଟିଓଙ୍କ ଦ୍ୱାରା ୧୨, ଢେଙ୍କାନାଳ ଆରଟିଓଙ୍କ ଦ୍ୱାରା ୧୧, ଖୋର୍ଦ୍ଧା ଏଆର୍‌ଟିଓଙ୍କ ଦ୍ୱାରା ୧୦, ଭୁବନେଶ୍ୱର-୨ରେ ୮, ଭୁବନେଶ୍ୱର-୧ ରେ ୫ଟି ଚାଲାଣ କଟାଯାଇଛି। ସେହିଭଳି ଯାଜପୁର ଓ ଚଣ୍ଡିଖୋଲ ଆର୍‌ଟିଓ, ଭଞ୍ଜନଗର ଏଆର୍‌ଟିଓଙ୍କ ଦ୍ୱାରା ଦୁଇଟି ଲେଖାଏଁ ଗାଡ଼ି ଜବତ କରାଯାଇଛି। ଭୁବନେଶ୍ୱର-୨, ନବରଙ୍ଗପୁର, କଳାହାଣ୍ଡି ଓ ବଡ଼ବିଲ ଏଆର୍‌ଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏଁ ଗାଡ଼ି ଜବତ କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ମାଲବାହୀ ଗାଡ଼ି ଯାତ୍ରୀ ପରିବହନ କରିବା ବେଆଇନ। ଅନେକ ସମୟରେ ଏଭଳି ବେଆଇନ ଏବଂ ବିପଦପୂର୍ଣ୍ଣ ଭାବରେ ଅନେକ ମାଲବାହୀ ଗାଡ଼ି ଅସୁରକ୍ଷିତ ଭାବରେ ଯାତ୍ରୀମାନଙ୍କୁ ନେଉଥିବା ଅଭିଯୋଗ ଆସୁଛି। ଯାହା ଦୁର୍ଘଟଣାର କାରଣ ମଧ୍ୟ ହେଉଛି। ତେଣୁ ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ ଆର୍‌ଟିଓ ଏବଂ ଏଆର୍‌ଟିଏଙ୍କୁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କେବଳ ଏତିକିରେ ସୀମିତ ରହିବ ନାହିଁ। ଆଗକୁ ସଡ଼କ ଦୁର୍ଘଟଣାର ଅନ୍ୟ ପ୍ରମୁଖ କାରଣ ଯେପରିକି ଦ୍ରୁତଗତି, ମଦ୍ୟପାନ କରି ଗାଡ଼ିଚାଳନା ବିରୋଧରେ ମଧ୍ୟ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କରାଯିବ। ଯେଉଁ ଆର୍‌ଟିଓ ଅଧୀନରେ ଯେଉଁ କାରଣ ପାଇଁ ଅଧିକ ଦୁର୍ଘଟଣା ହେଉଥିବ ସେମାନେ ତାର ବିଶ୍ଳେଷଣ କରି ସେହି ଆଧାରରେ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରିବେ। ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଦିଗରେ ରାଜ୍ୟ ପରିବହନ ପ୍ରାଧିକରଣ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରୁଛି। ତେବେ ଏହି ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ ଯେଉଁମାନେ ସଡ଼କ ସୁରକ୍ଷା ନିୟମ ପାଳନ କରୁନାହାନ୍ତି ସେମାନଙ୍କ ଉପରେ ନିୟନ୍ତ୍ରଣ ଆଣିବାକୁ ଏନଫୋର୍ସମେଣ୍ଟ ବୃଦ୍ଧି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ ସଡ଼କ ବ୍ୟବହାରକାରୀ ସଡ଼କ ସୁରକ୍ଷା ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରେ ପହଞ୍ଚିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଥାନା ଅଧିକାରୀଙ୍କ ସମେତ ୭ ଜଣଙ୍କ ନାଁରେ ଅଭିଯୋଗ

## ବାଲିଚନ୍ଦ୍ରପୁର ଥାନାରେ ଯୁବକଙ୍କୁ ମାଡ଼ ଘଟଣା

ଚଣ୍ଡିଖୋଲ,୭।୮ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ମହିପୁର ଗ୍ରାମର ଯୁବକ ରବୀନ୍ଦ୍ର ମଲ୍ଲିକଙ୍କୁ ଅଟକ ରଖି ମାଡ଼ ମାରିବା ଏବଂ ବିଷ ପିଇବାକୁ ଦେବା ଘଟଣା ଏବେ ରୋଚକ ମୋଡ଼ନେଇଛି। ରବୀନ୍ଦ୍ରଙ୍କ ସ୍ତ୍ରୀ ଭାନୁ ମଲ୍ଲିକ ଗୁରୁବାର ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ, ଏସ୍‌ଆଇ ହରିଶ ସିଂହଙ୍କ ସମେତ ଅନ୍ୟ ୫ଜଣ ପୋଲିସ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଭାନୁ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଏକ ଗଣ୍ଡଗୋଳ ଘଟଣା ସମ୍ପର୍କରେ ଏତଲା ଦେବାକୁ ଗତ ୩ ତାରିଖ ସକାଳ ୯ଟାରେ ତାଙ୍କ ସ୍ୱାମୀ ରବୀନ୍ଦ୍ର ଓ ଆଉ ଜଣେ ମହିଳା ନମିତା ମଲ୍ଲିକ ଥାନାକୁ ଆସିଥିଲେ। ପୋଲିସ ମହିଳାଙ୍କୁ ଛାଡ଼ଦେଇ ରବୀନ୍ଦ୍ରଙ୍କୁ ଅଟକ ରଖିଥିଲା। ସେହିଦିନ ରାତି ୧୧ଟା୩୦ରେ ଥାନା ଅଧିକାରୀ ସମରଜିତ ନାୟକ, ଏସ୍‌ଆଇ ହରିଶ ସିଂହଙ୍କ ସମେତ ଅନ୍ୟ ୫ ଜଣ ରବୀନ୍ଦ୍ରଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ। ଏକ ଲୁହା ରଡ ଗରମ କରି ତାଙ୍କ ହାତରେ ଚେଙ୍କ ଦେଇଥିଲେ। ଜୀବନରୁ ମାରିଦେବାକୁ ଧମକ ଦେବା ସହ ବିଷ ବୋତଲ ଦେଇଥିଲେ। ବିଷ ପିଇମରିବୁ, ନଚେତ ବାଡେଇ ମାରି ଦେବୁ ବୋଲି ଧମକ ଦେଇଥିଲେ। ଫଳରେ ରବୀନ୍ଦ୍ର ଭୟରେ ବିଷପିଇ ଦେଇଥିଲେ। ଏହାପରେ ସେ ଗୁରୁତର ହୋଇ ପଡ଼ିଥିଲେ। ପୋଲିସ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ପରେ ପୋଲିସ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲା। ହେଲେ ଏ ସମ୍ପର୍କରେ ରବୀନ୍ଦ୍ରଙ୍କ ପରିବାରକୁ ଜଣାଇ ନ ଥିଲା। ଦୁଇଦିନ ଧରି ରବୀନ୍ଦ୍ରଙ୍କ ପରିବାର ଥାନା ସମ୍ମୁଖରେ ବସି ରହିଥିଲେ ମଧ୍ୟ ପୋଲିସ ସେମାନଙ୍କୁ କୌଣସି ସୂଚନା ଦେଇ ନ ଥିଲା। ବିଭିନ୍ନ ବାହାନା କରି ୫ ତାରିଖ ଅପରାହ୍ନରେ ପୋଲିସ ରୀବନ୍ଦ୍ରଙ୍କ ପରିବାରକୁ କଟକ ବଡ଼ଡାକ୍ତରଖାନାକୁ ନେଇ ରବୀନ୍ଦ୍ରଙ୍କୁ ଭେଟ କରାଇଥିଲ।

# ଶାହା, ନଡ୍ଡାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୮ (ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଗୁରୁବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସ୍ୱାସ୍ଥ୍ୟ, ରସାୟନ ଏବଂ ସାର ମନ୍ତ୍ରୀ ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କୁ ଭେଟିଛନ୍ତି। ନଡ୍ଡାଙ୍କ ସହ ସେ ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ଏହି ଅବସରରେ ତାଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ଦେଇଛନ୍ତି। ଏହାସହ ସେ ବିଭିନ୍ନ ପ୍ରସଙ୍ଗରେ ନଡ୍ଡାଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସହ ମଧ୍ୟ ସେ ଭେଟିଛନ୍ତି। ଏହି ଅବସରରେ ସେ ଶାହାଙ୍କୁ ମହାପ୍ରସାଦ ଦେବା ସହିତ ବିଭିନ୍ନ ପ୍ରସଙ୍ଗରେ କଥାବାର୍ତ୍ତା କରିଛନ୍ତି।



# ରାସ୍ତା ନିର୍ମାଣରେ ବ୍ୟବହାର ହେବ ପ୍ଲାଷ୍ଟିକ୍ ବର୍ଜ୍ୟ



ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ସଂଯୁକ୍ତ ବିଭାଗର ଅଧିକାରୀମାନେ।

ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ)

ପ୍ଲାଷ୍ଟିକ ବର୍ଜ୍ୟ ବା ଅଳିଆ ଏବେ ପରିବେଶ ପ୍ରଦୂଷଣ ବୃଦ୍ଧି କରିବା ସହ ମଣିଷ ଓ ପଶୁପକ୍ଷୀଙ୍କ ପାଇଁ ବଡ଼ ବିପଦ ସାଜିଛି। ତେବେ ପ୍ଲାଷ୍ଟିକ ବର୍ଜ୍ୟର ସୁବିନିଯୋଗ କରାଯାଇ କିପରି ଏହି ବିପଦକୁ ଏଡାଇ ହେବ ସେନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏବେ ରାସ୍ତା ନିର୍ମାଣରେ ଏହାକୁ ବ୍ୟବହାର କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଅଣ୍ଟାଭିଡ଼ିଛି। ଏ ସଂକ୍ରାନ୍ତରେ ଗୁରୁବାର ଖାରବେଳ ଭବନଠାରେ ଏକ ବୈଠକ ବସିଥିଲା। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧକ୍ଷତା କରି ସହରାଞ୍ଚଳ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ ଅଳିଆ ବ୍ୟବହାର ଉପରେ ବିଚାରବିମର୍ଶ କରିଥିଲେ। ସେ କହିଲେ, ପ୍ଲାଷ୍ଟିକ ଅଳିଆ ବିଶେଷକରି ବୋତଲ ଏବଂ କ୍ୟାରୀବ୍ୟାଗ୍ ଆଦିକୁ ଖଣ୍ଡ ଖଣ୍ଡ କରି ଗରମ ବିଟୁମେନ ଏବଂ ସମାହାର ସହିତ ମିଶ୍ରିତ କରି ରାସ୍ତା ନିର୍ମାଣ କରାଯାଇପାରିବ। ଏହି ପଦ୍ଧତି ପୂର୍ବରୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଦ୍ୱାରା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି। ଏହା ରାସ୍ତାର ସ୍ଥାୟିତ୍ୱ ଏବଂ ଗୁଣବତ୍ତା ବୃଦ୍ଧି କରିବା ସହିତ ପ୍ଲାଷ୍ଟିକ ଅଳିଆ ପରିଚାଳନା ପାଇଁ ଏକ କାର୍ଯ୍ୟକାରୀ ସମାଧାନ ଭାବରେ ମଧ୍ୟ କାର୍ଯ୍ୟ କରିବ। ତେବେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ ଅଳିଆ ବ୍ୟବହାର କରି ରାଜ୍ୟର କିଛି ସହରାଞ୍ଚଳରେ ପାଇଲଟ ପ୍ରକଳ୍ପ ଆରମ୍ଭ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରାଯାଇଥିଲା। ଏହି ପଦକ୍ଷେପ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଯୋଗଦାନ ଦେବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବିଡିଏ ଉପାଧ୍ୟକ୍ଷ ଡ. ଏନ. ଥିରୁମାଲା ନାଏକ, ଏନ୍‌ଏଚ୍‌ଆଇ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା, ପ୍ରବନ୍ଧକ ଟେକ୍ନିକାଲ ଆର୍‌ଓ ଅବିନାଶ ବେହେରା, ଇଆଇସି ପିଏଚ ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। -ଶ୍ରୀଅରବିନ୍ଦ



# ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ



ବ୍ରହ୍ମ ଚେଲାନି

ବାଂଲାଦେଶରେ ସେନା ସମର୍ଥନରେ ହୋଇଥିବା ହିଂସାତ୍ମକ ବିଦ୍ରୋହ ଯୋଗୁ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ କ୍ଷମତାଚ୍ୟୁତ କରାଗଲା। ଏହା ପରେ ସେଠାରେ ଅରାଜକତା ଲାଗି ରହିଛି। ଅର୍ଥ ବ୍ୟବସ୍ଥା ନିମ୍ନଗାମୀ ହେବାରେ ଲାଗିଛି। ଇସଲାମ୍ ମୌଳବାଦୀଙ୍କ ଶକ୍ତି ବଢ଼ିଚାଲିଛି। ଯୁବକମାନେ ଅଧିକ କଠୋରପନ୍ଥୀ ହେଉଛନ୍ତି। ଆଇନବିହୀନ ଅବ୍ୟବସ୍ଥା ଦେଖାଯାଇଛି। ଏହା ସହ ଧର୍ମୀୟ ଓ ଜାତିଗତ ସଂଖ୍ୟାଲଘୁମାନେ ଅବଦମିତ ହୋଇ ରହିଛନ୍ତି। ଏଭଳି ସ୍ଥିତିରେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଆଶା କରାଯାଉନାହିଁ। ଅନେକେ ଆଶା କରିଥିଲେ, ହସିନା କ୍ଷମତାରୁ ଗଲା ପରେ ଏକଛତ୍ରବାଦ ଶାସନ ଅନ୍ତ ଘଟିବ ଓ ବାଂଲାଦେଶ ପାଇଁ ଗଣତନ୍ତ୍ରର ପରିବର୍ତ୍ତନ ସୁଗମ ହୋଇଯିବ। ଶେଷରେ ଛାତ୍ର ଆନ୍ଦୋଳନ ଶାସନ ପତନର କାରଣ ବୋଲି ସେମାନେ ଦର୍ଶାଇବା ଯୋଗୁ କ୍ଷମତାଶାଳୀ ସେନାର ନିର୍ଣ୍ଣାୟକ ଭୂମିକା ଗୌଣ ହୋଇଗଲା। ହସିନା ସେନାର ପ୍ରଭାବ ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରୁଥିବାରୁ ତାହା ସମସ୍ୟାରେ ଥିଲା ଏବଂ ଶେଷରେ ତାଙ୍କୁ ଭାରତକୁ ଚାଲିଯିବା ଲାଗି ବାଧ୍ୟ କରିଥିଲା। ସେହିପରି ଛାତ୍ର ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଓ ସହଯୋଗ କରିଥିବା ମୌଳବାଦୀମାନେ ହସିନାଙ୍କ ଶାସନରେ ଉପେକ୍ଷିତ ହୋଇ ରହିଥିଲେ। ସେମାନେ ମଧ୍ୟ ହସିନାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଏକ ସୁଯୋଗ ପାଇଗଲେ।

ବେଆଇନ ଭାବେ ହାସିନାଙ୍କୁ କ୍ଷମତାଚ୍ୟୁତ କରାଯିବା ପରେ ଗଠିତ ମଧ୍ୟବର୍ତ୍ତିକାଳୀନ ସରକାରର ପ୍ରମୁଖ ପରାମର୍ଶଦାତା ଭାବେ ମହମ୍ମଦ ୟୁନୁସଙ୍କୁ ଅବସ୍ଥାପିତ କରାଯାଇଥିଲା। ୟୁନୁସ୍ ୨୦୦୬ରେ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଭ କରିଥିଲେ। ସେ ଗ୍ରାମୀଣ ବ୍ୟାଙ୍କର ମାଇକ୍ରୋକ୍ରେଡିଟ ପାଇଁ ଗରିବଙ୍କ ତ୍ରାଣକର୍ତ୍ତା ଭାବେ ସାମ୍ନାକୁ ଆସିଥିଲେ। ତେବେ ଗ୍ରାମୀଣ ବ୍ୟାଙ୍କର ପ୍ରକୃତ ପ୍ରଭାବକୁ ନେଇ ନୋବେଲ କମିଟି ଚୟନରେ କିଛି ଊଣା ରହିଯାଇଥିଲା। ବରଂ ଏହା ଭୂରାଜନୈତିକ ବିଷୟକୁ ସୂଚିତ କରୁଥିଲା। ନୋବେଲ ପୁରସ୍କାର ପ୍ରଦାନ ଅବସରରେ କମିଟିର ଅଧ୍ୟକ୍ଷ ୟୁନୁସଙ୍କୁ ଇସ୍‌ଲାମ ଓ ପାଶ୍ଚାତ୍ୟ ମଧ୍ୟରେ ଏକ ପ୍ରତିକାତ୍ମକ ସେତୁ ଭାବେ ଅଭିହିତ କରିଥିଲେ। ଆମେରିକାରେ ୧୧ ସେପ୍ଟେମ୍ବର ୨୦୦୧ରେ ଉଗ୍ରବାଦୀ ଆକ୍ରମଣ ପରେ ପାଶ୍ଚାତ୍ୟରେ ଇସ୍‌ଲାମକୁ କ୍ରୁର ବୋଲି ପ୍ରଚାର କରାଯାଉଥିବାରୁ ନୋବେଲ ବିଜେତା ଭାବେ ୟୁନୁସଙ୍କ ଚୟନ ତାହାକୁ ପ୍ରତିହତ କରିପାରିବ ବୋଲି ଅଧ୍ୟକ୍ଷ ଆଶାପୋଷଣ କରିଥିଲେ। ତେବେ ୟୁନୁସଙ୍କୁ ଚୟନ କରାଯିବା ପଛରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସମର୍ଥନକୁ ଅସ୍ୱୀକାର କରାଯାଇ ନ ପାରେ।

ବାଂଲାଦେଶ ମଧ୍ୟବର୍ତ୍ତିକାଳୀନ ସରକାରର ନେତା ଭାବେ ୟୁନୁସ ବ୍ୟାପକ ସୁଧାର ଓ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରିବା ସକାଶେ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ବାରମ୍ବାର ନିର୍ବାଚନକୁ ସ୍ଥଗିତ ରଖାଯାଇଆସୁଛି। ସାମ୍ବିଧାନିକ ବୈଧତାର ଅଭାବ ସତ୍ତ୍ୱେ ମଧ୍ୟବର୍ତ୍ତିକାଳୀନ ସରକାର ସ୍ୱାଧୀନ ସଂସ୍ଥାଗୁଡ଼ିକରୁ ବ୍ୟକ୍ତିମାନଙ୍କୁ ହଟାଇବା ଆରମ୍ଭ କରିଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସମେତ ୫ ଜଣ ବରିଷ୍ଠ ବିଚାରପତିଙ୍କୁ ପଦବୀରୁ ତଡ଼ିଦେବା ସହ ଦେଶର ସବୁଠୁ ପୁରୁଣା ଓ ବୃହତ୍ତମ ତଥା ବାଂଲାଦେଶକୁ ସ୍ୱାଧୀନତା ଦେଇଥିବା ହାସିନାଙ୍କ ଆୱାମୀ ଲିଗ୍ ଭଳି ରାଜନୈତିକ ଦଳକୁ ସେ ବେଆଇନ ଘୋଷଣା କରିଛନ୍ତି। ଏହି ସରକାରରେ ମାନବ ଅଧିକାର ଉଲ୍ଲଂଘନ ଘଟଣା ବୃଦ୍ଧି ପାଇଚାଲିଛି ଏବଂ ଦମନ ତୀବ୍ର ହୋଇଛି। ଆଇନଜୀବୀ, ଶିକ୍ଷାବିତ୍, ସାମ୍ବାଦିକ, କଳାକାରଙ୍କ ସମେତ ହସିନାଙ୍କ ସମର୍ଥକ ଏବଂ ଏବକାର ସରକାରକୁ ବିରୋଧ କରୁଥିବା ଲୋକଙ୍କୁ ଏକାଠି ଜେଲରେ ରଖାଯାଉଛି। ଫେବୃଆରୀଠାରୁ ଅନେକ ହଜାର ଲୋକଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ଅନେକ ସାମ୍ବାଦିକଙ୍କୁ ବେଆଇନ ଭାବେ ହତ୍ୟାଠାରୁ ଆରମ୍ଭ କରି ଗୁରୁତର ଅପରାଧରେ ଛନ୍ଦି ଦିଆଯାଉଛି। ହାଜତରେ ଅବୈଧ ହତ୍ୟା ଓ ନିର୍ଯାତନାର ଖବର ଏବେ ସାଧାରଣ ଘଟଣା ହୋଇଗଲାଣି। ଇସ୍‌ଲାମ ମୌଳବାଦୀଙ୍କୁ ଏବେ ଥଇଥାନ କରାଯିବା ବିଷୟ ଅତ୍ୟନ୍ତ ଉଦ୍‌ବେଗଜନକ। ସେନା ଓ ମୁସଲମାନ ଧର୍ମଗୁରୁଙ୍କ ଦ୍ୱାରା ଚାଲୁଥିବା ଶାସନକୁ ନାମକୁମାତ୍ର ନେତୃତ୍ୱ ଦେଉଥିବା ୟୁନୁସ ପୂର୍ବରୁ ଉଗ୍ରବାଦ ସହ ଜଡ଼ିତ ଥିବା ଜେହାଦି ଗୋଷ୍ଠୀଙ୍କ ଉପରୁ ନିଷେଧାଦେଶ ଉଠାଇ ଦେଇଛନ୍ତି। କୁଖ୍ୟାତ ଇସ୍‌ଲାମ ନେତାମାନଙ୍କୁ ମୁକ୍ତ କରିଦେଇଛନ୍ତି। ଅନେକ ମୌଳବାଦୀ ଏବେ ମନ୍ତ୍ରୀପଦ କିମ୍ବା ଅନ୍ୟ ସରକାରୀ ପଦବୀକୁ ଦଖଲ କରିଛନ୍ତି ଏବଂ ସେମାନଙ୍କ ସହ ଅନୁବନ୍ଧିତ ବିରାଟ ଉପଦ୍ରବୀ ଗୋଷ୍ଠୀ ଖୋଲାଖୋଲି ଭାବେ ବିରୋଧୀଙ୍କୁ ଭୟଭୀତ କରୁଛନ୍ତି।



ବୌଦ୍ଧ, ହିନ୍ଦୁ ଓ ଖ୍ରୀଷ୍ଟିଆନ ଧର୍ମର ଲୋକ ଏବଂ ଆଦିବାସୀ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ କରାଯାଉଛି। ମୌଳବାଦୀମାନେ ବିଚାରରେ ଯେଉଁମାନେ ଇସ୍‌ଲାମ ବିରୋଧୀ ଗୋଷ୍ଠୀ, ସେମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। କିନ୍ତୁ ଆକ୍ରମଣକାରୀଙ୍କ ବିରୋଧରେ କୌଣସି ଦଣ୍ଡବିଧାନ ହେଉନାହିଁ। ଯେଉଁ ମହିଳାମାନେ ଠିକ୍ ଭାବେ ପୋଷାକ ପିନ୍ଧୁନାହାନ୍ତି, ସେମାନଙ୍କୁ ସର୍ବସାଧାରଣରେ ଅପମାନିତ ଓ ଆକ୍ରମଣ କରାଯାଉଛି। ସମାଜରେ କଠୋର କଟକଣା ଲାଗୁ କରିଥିବା ଏକ ତାଲିବାନୀ ସଂସ୍କୃତି ସେଠାରେ ଦୃଢ଼ ହେବାରେ ଲାଗିଛି। ସ୍ଥିତି ଏତେ ଖରାପ ହୋଇଛି ଯେ, ସରକାର ସପକ୍ଷବାଦୀ ତଥା ଆୱାମୀ ଲିଗ୍‌ର ଘୋର ବିରୋଧୀ ଭାବେ ଜଣାଶୁଣା ବାଂଲାଦେଶ ନ୍ୟାଶନାଲିଟି ପାର୍ଟି (ବିଏନ୍‌ପି) ମୌଳିକ ସ୍ୱାଧୀନତାର ଅବକ୍ଷୟକୁ ତୀବ୍ର ନିନ୍ଦା କରିଛି। ସମାଲୋଚନା କରି କହିଛି, 'ଧର୍ମ ନାମରେ ପାଗଳାମି ପ୍ରକାଶ ପାଇଛି ' ଏବଂ ରାସ୍ତାରେ 'ଭୟାନକ ହିଂସା' ଦେଖାଯାଇଛି।

ବାଂଲାଦେଶରେ ଭୁଶୁଡ଼ି ପଡୁଥିବା ଏକ ଅର୍ଥ ବ୍ୟବସ୍ଥା ଏହିସବୁ ସମସ୍ୟା ସୃଷ୍ଟି କରିବା ସ୍ୱାଭାବିକ। ସେଠାରେ ଜିଡିପି ଅଭିବୃଦ୍ଧି ନିମ୍ନଗାମୀ ହୋଇଛି, ବୈଦେଶିକ ଋଣ ଅତ୍ୟଧିକ ବଢ଼ିଯାଇଛି। ୧୨ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ସବୁଠୁ ଶୀର୍ଷରେ ପହଞ୍ଚିଛି। ନିବେଶକଙ୍କ ବିଶ୍ୱାସ କମିବା ସହ ୫ ବର୍ଷ ମଧ୍ୟରେ ଶେୟାର ବଜାର ସବୁଠୁ ନିମ୍ନ ସ୍ତରକୁ ଖସିଛି। ଲୋକେ ଚାକିରି ହରାଉଛନ୍ତି ଏବଂ ସେମାନଙ୍କ ଜୀବନଶୈଳୀର ଅଧୋଗତି କଟରବାଦ ଓ ସାମାଜିକ ଅସ୍ଥିରତା ସୃଷ୍ଟିକରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। ଏକ ମୁସଲମାନ ଦେଶ ଭାବେ ବାଂଲାଦେଶ ଏକଦା ଧର୍ମନିରପେକ୍ଷ ଗଣତନ୍ତ୍ରକୁ ଧାରଣ କରିଥିଲା। କୋଭିଡ୍-୧୯ ମହାମାରୀ ପର୍ଯ୍ୟନ୍ତ ଆର୍ଥିକ କ୍ଷେତ୍ରରେ ଏହା ଉଲ୍ଲେଖନୀୟ ଅଗ୍ରଗତି କରୁଥିଲା ଏବଂ ସାମାଜିକ ସ୍ଥିରତା ମଧ୍ୟ ରହିଥିଲା। କିନ୍ତୁ ବର୍ତ୍ତମାନ ଏହା ସେନା କଟକଣାରେ ଥିବା ଏକ ପ୍ରକାର ନିଷ୍କ୍ରିୟ ବ୍ୟବସ୍ଥାରେ ରହି ବିପଦ ମଧ୍ୟକୁ ଠେଲି ହୋଇଯାଇଛି। ଏଭଳି ସେନା ନିୟନ୍ତ୍ରଣ ଦୀର୍ଘଦିନ ହେଲା ପାକିସ୍ତାନକୁ ମଧ୍ୟ ସମସ୍ୟାରେ ପକାଇଛି ଏବଂ ତାହା ଏଥିରୁ ମୁକୁଳିବା ପାଇଁ ସଂଗ୍ରାମ ଜାରି ରଖିଛି।

ଏସବୁର ପରିଣାମ ସାରା ଅଞ୍ଚଳକୁ ପ୍ରଭାବିତ କରିବ। ବାଂଲାଦେଶର ତିନି ପାଖରେ ଭାରତର ସୀମା ରହିଛି ଏବଂ ଅନେକ ଲକ୍ଷ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ଭାରତରେ ରହିଛନ୍ତି। ଏହା ଭାରତକୁ ଅତ୍ୟଧିକ ପ୍ରଭାବିତ କରିବ। ହସିନାଙ୍କ ଶାସନ ସମୟରେ ବାଂଲାଦେଶ ବିଶେଷକରି ଉଗ୍ରବାଦ ବିରୋଧୀ ଓ ଆଞ୍ଚଳିକ ଯୋଗାଯୋଗ କ୍ଷେତ୍ରରେ ଭାରତର ନିକଟତମ ସହଯୋଗୀ ଥିଲା। ସେ ଶାସନରୁ ହଟିଯିବା ହିଁ ଭାରତର ରଣନୀତିକ ସ୍ୱାର୍ଥ ପ୍ରତି ଏକ ଶକ୍ତ ଝଟ୍‌କା। କ୍ଷତି ଭରଣା କରିବାକୁ ଭାରତ ସରକାର ଏବେ ଧୀରେ ଧୀରେ ଚେଷ୍ଟା କରୁଛନ୍ତି, ଯଥା ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରି ଉଗ୍ରବାଦୀ ଅନୁପ୍ରବେଶ ରୋକିବା ପାଇଁ ପଦକ୍ଷେପ ନେଉଛନ୍ତି। ହାସିନାଙ୍କୁ କ୍ଷମତାରୁ ତଡ଼ିଦିଆଯିବା ଯୋଗୁ ସୃଷ୍ଟି ହୋଇଥିବା ବିପଦକୁ ଭାରତ ଉପଲବ୍ଧି କରିପାରିଥିବାବେଳେ, ଆମେରିକା ଶାସନ ପରିବର୍ତ୍ତନକୁ ସମର୍ଥନ କରିଛି। କିନ୍ତୁ ଯଦି ବାଂଲାଦେଶ ଏବକାର ଧାରାରେ ଗତିକରେ, ତେବେ ଏକ ସ୍ୱାଧୀନ, ମୁକ୍ତ, ସମୃଦ୍ଧ ତଥା ସ୍ଥାୟୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିଶ୍ଚିତ କରିବା ଲାଗି ନେଉଥିବା ପଦକ୍ଷେପକୁ ଏହା ଅଧିକ ଜଟିଳ କରିଦେବ। କେତେକେ ସତର୍କ କରି ଦେଇଛନ୍ତି ଯେ, ବାଂଲାଦେଶ ବିଶ୍ୱରେ ହିଂସା ଓ ସଂଘର୍ଷର ଆଉ ଏକ ଜ୍ୱଳନକେନ୍ଦ୍ର ପାଲଟିଯାଇପାରେ, ଯାହା ଦୂର ଦେଶଗୁଡ଼ିକର ଦୃଷ୍ଟି ଆକର୍ଷଣ କରିବ। ଆଉ ଯଦି ଅନ୍ତର୍ଜାତୀୟ ସମୁଦାୟ ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମୀୟ ସ୍ୱାଧୀନତା ଏବଂ ଆଞ୍ଚଳିକ ସ୍ଥିରତାର ସୁରକ୍ଷା ପାଇଁ ଗଭୀର ଭାବେ ଚିନ୍ତା କରୁଛନ୍ତି, ତେବେ ବାଂଲାଦେଶର ଲଗାତର ଅଧୋଗତିକୁ ଆଉ ବେଶି ଦିନ ଅଣଦେଖା କରିପାରିବ ନାହିଁ।

**ପ୍ରଫେସର, ଏମରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ଅସଲି ସ୍ୱାଧୀନତା



ନଗେନ୍ଦ୍ର ନାଥ ପଟ୍ଟନାୟକ

ସ୍ୱାଧୀନତା ଏମିତି ଯାହିତାହି କୌଣସି ଚିଜ ନୁହେଁ ଯାହାକି କେବଳ ଆମର ବାହ୍ୟଦେଶରେ ପରିଦୃଷ୍ଟ ହୋଇଥାଏ। ଏଇ ଯେମିତି ଆମ ଆଖିଦ୍ୱୟ ଲମ୍ୱିଯାଏ ଆଖପାଖରେ ଥିବା ବିସ୍ତୀର୍ଣ୍ଣ ଖୋଲା ପଡ଼ିଆ ଆଡ଼େ। ତେବେ ଏହି ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନ ଉଙ୍କିମାରେ, ମଣିଷର ଚର୍ମନେତ୍ରରେ ପଟି ବାନ୍ଧିଦେଲେ କି ଫାଇଦା ମିଳେ ଯେ ? ବାସ୍ତବ ତଥା ଅସଲି ସ୍ୱାଧୀନତା ତାକୁଇ ବୁଝାଏ ଯାହା ଯୁଗପତ୍ ଆମ ହୃଦୟ ଓ ମଗଜରେ ସାହସ ଶକ୍ତି ସଞ୍ଚାର କରେ । ସେଇ ସଚ୍ଚା ସ୍ୱାଧୀନତା ହିଁ ଆମର ସକଳ କର୍ମକୁ ନୂଆଦିଶା ଓ ମୋଡ଼ଦିଏ । ଆମ ଭଳି ସ୍ୱପ୍ନଭୁକ୍‌ମାନଙ୍କ ମନରେ ଲହଡି ଭାଙ୍ଗୁଥିବା ସ୍ୱପ୍ନମାନଙ୍କୁ ସାକାର କରିବାର ଉତ୍ସାହ ଭରିଦିଏ। କିନ୍ତୁ ସ୍ୱାଧୀନତା ଯେବେ ଲୋକଦେଖାଣିଆ ହୋଇଯାଏ ତା'ର କିଛି ଫାଇଦା ନ ଥାଏ। ଏଇ ଯେମିତି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଯାତ୍ରା କଲାବେଳେ ଆମକୁ ମନେହୁଏ ସତେ ଯେମିତି ଆମର ସ୍ୱାଧୀନ ବିଚାରବୋଧ ଦୁର୍ବଳ ଅଶକ୍ତ ହୋଇଯାଇଛି। ସାଧାରଣତଃ ଲୋକମାନେ ସ୍ୱାଧୀନତାକୁ କେବଳ ଗୋଟିଏ ବାହ୍ୟଚିଜ୍ ରୂପେ ବୁଝନ୍ତି ବୋଲି ଆମ ସମାଜ ଓ ରାଜନୀତିରେ ଚାପ ଓ ବାଧ୍ୟବାଧକତା ବୃଦ୍ଧି ପାଇବାରେ ଲାଗିଛି।

ରାଜରାଜୁଡ଼ା ସମୟରେ ଦୃଶ୍ୟପଟ ସମ୍ପୂର୍ଣ୍ଣ ଭାବେ ନିଆରା। ବର୍ଣ୍ଣାଢ଼୍ୟ ରାଜଦରବାରରେ ମିଥ୍ୟାବାଦୀ, ଚାଟୁକାର ଓ ଚକ୍ରାନ୍ତକାରୀଙ୍କ ଦ୍ୱାରା ପରିବେଷ୍ଟିତ ହୋଇରହୁଥିଲେ ସମ୍ରାଟ। ଦୁନିଆରେ ସେ ଏକମାତ୍ର ସ୍ୱାଧୀନଚେତା ମଣିଷଟେ ବୋଲି ତାଙ୍କୁ ମନେ ହେଉଥିଲା। କିନ୍ତୁ ଅସଲରେ ଦେଖିଲେ ସୁଶୋଭିତ ଚମତ୍କାର ଗାରଦଖାନାରେ ସେ ଜଣେ କଏଦୀ କେବଳ। ସମ୍ପ୍ରତି ପାଶ୍ଚାତ୍ୟ ଦେଶଗୁଡ଼ିକର ନାଗରିକମାନଙ୍କ କ୍ଷେତ୍ରରେ ଏଭଳି ପରିଲକ୍ଷିତ ହେଉଛି। ନିଜେ ସ୍ୱାଧୀନ ବୋଲି ହୃଦ୍‌ବୋଧ କରୁଥିଲେ ହେଁ ଗୋଟିଏ ସଶକ୍ତ ବ୍ୟବସ୍ଥାର ଜାଲ ଭିତରେ ସେମାନେ ଫସିଯାଇଛନ୍ତି ଯାହାକି ସେମାନଙ୍କ ଜୀବନକୁ ଅକ୍ଟୋପସ୍ ଭଳି କାବୁ କରିନେଇଛି। ଆମ ଦେଶରେ ମଧ୍ୟ ଊଣାଧିକେ ସେଇ ହାଲତ୍। ଆମ ସଭ୍ୟତା ଗୋଟିଏ ଛାଞ୍ଚ ସଦୃଶ ଯାହା ମନୁଷ୍ୟକୁ ଶକ୍ତଭାବେ ଜଡ଼େଇ ଧରିଥାଏ। ସ୍ୱଦେଶର ଲୋକମାନଙ୍କ ଆତ୍ମାର ଉଡ଼ାଣକୁ ଆମେ ଯେମିତି ରୋକିଦେଇଛେ। ଆମେ ଶତାବ୍ଦୀ ଶତାବ୍ଦୀ ଧରି ପୁରୁଣା ରୀତିନୀତି, ପ୍ରଚଳିତ ପ୍ରଥା ପରମ୍ପରା ଓ ନିୟମାବଳୀର ଭାରି ବୋଝ ତଳେ ସେମାନଙ୍କୁ ଚାପି ଦେଇଛେ। ଖାସ୍ ସେଥିପାଇଁ ଆମର ଜାତୀୟ ଏକତା ଅଶକ୍ତ ହୋଇଯାଇଛି। ତେଣୁ ଆମେ ବାହ୍ୟ ଓ ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକ ସହିତ ସଫଳତାର ସହ ମୁକାବିଲା କରିବାରେ ଅକ୍ଷମ। ବସ୍ତୁବାଦୀ ପାଶ୍ଚାତ୍ୟ ସଭ୍ୟତା ଏକପ୍ରକାର ଯନ୍ତ୍ରଚାଳିତ, ଯାହା ମାନବ ଜୀବନକୁ ଇନ୍ଧନ ଭଳି ଜଳାଉଛି। ଏହା ଲୋକଦେଖାଣିଆ ଭାବେ ସ୍ୱାଧୀନତା ସିନା ; କିନ୍ତୁ ଅସଲରେ ବିଚାରିଲେ ଏହା ଦାସତ୍ୱକୁ ବିଶେଷଭାବେ ବୃଦ୍ଧି କରିଦେଇଛି। ଅପରପକ୍ଷରେ ଦେଖିଲେ ଭାରତର ସଭ୍ୟତା ଏକ କଠିନ ଛାଞ୍ଚ ସଦୃଶ। ଆମକୁ ଏଇ ଦୁଇଟି ସଭ୍ୟତାରୁ ବାହାରିଆସି ଅସଲି ସ୍ୱାଧନତାକୁ ଆପଣାଇବାକୁ ପଡ଼ିବ। ଆପଣା ଭାଗ୍ୟକୁ ନିଜେ ଗଢ଼ିତୋଳିବାକୁ ହେବ। ଯେଉଁ ବ୍ୟକ୍ତି ଅପର ସ୍ୱାଧୀନତାକୁ ଛିନ୍ନ କରିନିଏ ସେ ନିଜର ନୈତିକ ସ୍ୱାଧୀନତାର ଅଧିକାରକୁ ହରାଇ ବସେ। ଅବିଳମ୍ବେ ସେ କାୟିକ ତଥା ନୈତିକ ଦାସତ୍ୱର ଜାଲରେ ଫସିଯାଏ। ଏହି ପରିପ୍ରେକ୍ଷୀରେ ଆମ ମନରେ ସ୍ୱତଃସ୍ଫୂର୍ତ୍ତ ଭାବେ ଏକାଧିକ ପ୍ରଶ୍ନ ବୁଢ଼ିଆଣୀ ଜାଲ ଭଳି ଛନ୍ଦି ହୋଇଯାଏ। ଆମର ଈପ୍‌ସିତ ସ୍ୱାଧୀନତା କ'ଣ କେବଳ ବାହାର ଦୁନିଆର ସ୍ୱାଧୀନତା ଅଥବା ବାହ୍ୟ ପରିସ୍ଥିତି ସବୁର ସ୍ୱାଧୀନତା, ଯାହାକୁ କିଣାବିକା କରାଯାଇପାରେ ? ଆମେ କ'ଣ ସ୍ୱାଧୀନତାକୁ ପ୍ରକୃତରେ ଭଲପାଇ ତା' ଉପରେ ଅତୁଟ ଆସ୍ଥା ପ୍ରକଟ କରିଥାଉ। ଆମେ ସମାଜରେ ଏମିତି ଜାଗା ପକ୍କା କରିନେବା ଯେଉଁଠି ଆମର ପିଲାକବିଲାଙ୍କ ଦିମାକ ମାନବ ଗରିମା ଆଦର୍ଶରେ ବିନା କୌଣସି ଅନ୍ୟାୟପୂର୍ଣ୍ଣ ଇନ୍ଧନରେ ବିକଶିତ ହୋଇପାରିବ।

ଉଡ଼ାଣ ଭରିବାର ଅଭୀପ୍‌ସା ପୋଷଣ କରିବାକୁ ହେଲେ ବିଚାରଧାରାକୁ ନୂଆ ଦିଶା ଦେବା ସଙ୍ଗେସଙ୍ଗେ ସ୍ୱାଧୀନ ମନରେ ବିଚାର କରିବାକୁ ପଡ଼ିବ। ଆମେ ଯଦି ସଚ୍ଚା ମନରେ ସ୍ୱାଧୀନତାକୁ ନ ଆପଣାଇବା ଏବଂ ତା'ର ତାକତ ଓ କ୍ଷତି ଘଟାଇବା ଆଶଙ୍କାକୁ ନ ବୁଝିବା ପର୍ଯ୍ୟନ୍ତ ଆମ ଜୀବନ ପ୍ରକୃତ ଅର୍ଥରେ ସଫଳ ତଥା ସାର୍ଥକ ହୋଇପାରିବ ନାହିଁ। **ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର**

**ଲକ୍ଷ୍ମୀସାଗରକେନାଲରୋଡ୍, ଭୁବନେଶ୍ୱର**

**ମୋ:୯୪୩୮୩୩୨୧୩୮**

## ଏଇ ଭାରତରେ

ଜ୍ଞାନ ସେଟ୍ଟୀଙ୍କୁ ବୟସ ଏବେ ୨୮ । ସେ ପେସାରେ ଜଣେ ଇଞ୍ଜିନିୟର ଓ ରହୁଛନ୍ତି ମେଙ୍ଗାଲୁରୁରେ । ଏବେ ଚାକିରି ଛାଡ଼ି ଅଗଣାରେ ବଗିଚାଟିଏ କରିଛନ୍ତି। ସେହି ବଗିଚାର ନାମ ଦେଇଛନ୍ତି 'ନମୋ ବଗିଚା'। ସେ ଘର ଅଗଣା ବଗିଚାରେ ୩,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ଏଥିମଧ୍ୟରେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ, ଫୁଲଗଛ, ଫଳଗଛ, ପାଣିରେ ବଢୁଥିବା ଗଛ ଆଦି ରହିଛି। କେବଳ ଅଗଣା ନୁହେଁ ଘର ବାଲକୋନି, ଏପରି କି ଘର ଭିତରେ ମଧ୍ୟ ବିଭିନ୍ନ ଗଛ ଲଗାଇଛନ୍ତି। ସବୁ ଗଛକୁ ଶତ ପ୍ରତିଶତ ଜୈବିକ ପଦ୍ଧତିରେ ବଢ଼ାଇଛନ୍ତି। ଦେଖିବାକୁ ଗଲେ ଜ୍ଞାନଙ୍କ ଘରର ପ୍ରତ୍ୟେକଟି ଇଞ୍ଚରେ ଗଛ ରହିଛି। ଜ୍ଞାନ ମଧ୍ୟ ଅନ୍‌ଲାଇନରେ ନର୍ସରି ବିଜ୍‌ନେସ ଚଳାଇଛନ୍ତି। ଏହାକୁ ସେ ଜାନୁଆରୀ ୨୦୨୨ରେ ଆରମ୍ଭ କରିଥିଲେ। ବର୍ତ୍ତମାନ ଗଛ ପାଇଁ ସେ ଭାରତର ବିଭିନ୍ନ ସହରରୁ ଅର୍ଡର ପାଉଛନ୍ତି ଓ ସେମାନଙ୍କୁ ତାହା ବିକ୍ରି କରୁଛନ୍ତି। ରୋଷେଇଘର ବର୍ଜ୍ୟରୁ ସେ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି ଓ ତାହାକୁ ଗଛରେ ଦେଉଛନ୍ତି। ଜୈବ କୀଟନାଶକ ମଧ୍ୟ ପ୍ରସ୍ତୁତ କରି ପ୍ରୟୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୮ ଅଗଷ୍ଟ ୧୯୭୬

- ନୂଆଦିଲ୍ଲୀରୁ ମାନ୍ଦ୍ରାଜ ମଧ୍ୟରେ 'ତାମିଲନାଡୁ ଏକ୍ସପ୍ରେସ୍' ନାମିତ ଏକ ଦ୍ରୁତଗାମୀ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ ଆରମ୍ଭ ହୋଇଛି।
- ପାକିସ୍ତାନର ସବୁଠୁ ସମୃଦ୍ଧ ପଞ୍ଜାବ ଅଞ୍ଚଳରେ ଭୀଷଣ ବର୍ଷା ଓ ବନ୍ୟା ଫଳରେ ୪୦ ଜଣ ବ୍ୟକ୍ତିଙ୍କ ପ୍ରାଣହାନି।
- ସେଓଲ ଅନ୍ତର୍ଗତ ଦକ୍ଷିଣ ଚଞ୍ଜୁ ନଗରୀ ନିକଟରେ ଭୀଷଣ ବର୍ଷା ଯୋଗୁ ଭୂମି ଧସିଯିବା ଫଳରେ ୨୧ ଜଣଙ୍କ ମୃତ୍ୟୁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 2 | | | 4 | | |
| 4 | | | | 6 | | | | 1 |
| | 6 | | 8 | | 9 | | | |
| 7 | | | | | | | | 3 |
| | | 4 | 9 | | | | | |
| 2 | | | | 3 | | | | 9 |
| | | | 6 | | | 3 | 2 | |
| | 4 | 8 | | 1 | | 6 | | |
| | | 5 | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 1 | 7 | 6 | 8 | 4 | 5 | 3 |
| 3 | 4 | 7 | 2 | 5 | 1 | 6 | 9 | 8 |
| 6 | 8 | 5 | 9 | 4 | 3 | 1 | 2 | 7 |
| 1 | 6 | 3 | 8 | 9 | 7 | 5 | 4 | 2 |
| 7 | 2 | 9 | 4 | 3 | 5 | 8 | 6 | 1 |
| 8 | 5 | 4 | 6 | 1 | 2 | 7 | 3 | 9 |
| 9 | 1 | 2 | 5 | 7 | 6 | 3 | 8 | 4 |
| 5 | 7 | 8 | 3 | 2 | 4 | 9 | 1 | 6 |
| 4 | 3 | 6 | 1 | 8 | 9 | 2 | 7 | 5 |

ଗତକାଲିର ଉତ୍ତର

# କହନ୍ତି ଜନତାଙ୍କ ପାଇଁ



ଭଗବାନ ଦାଶ

ଆମ ଦେଶ ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ଦେଶ। ଏଠି ଶାସନ ଡୋର ଧରାଇ ଦିଅନ୍ତି ସାଧାରଣ ଜନତା, ଯେଉଁମାନେ କି ସାବାଳକ, ଭୋଟର। ତେଣୁ ଭୋଟରଙ୍କୁ ନିଜର କରିବାର କଳାଟା ଦଳୀୟ ନେତାଙ୍କର ଜରୁରୀ ହୋଇଥାଏ। ଭାବିଚିନ୍ତି ପ୍ରତ୍ୟେକ ଦଳ ନିଜ ନିଜର ଭୋଟ ହାତେଇବା ଇସ୍ତାହାର ତିଆରି କରନ୍ତି। କେଉଁ ଦଳ କ'ଣ କହିଥାଏ, ସେତେଟା ଗୁରୁତ୍ୱ ବହନ କରେ ନାହିଁ। କିନ୍ତୁ ଯଦି କୌଣସି ଦଳ ଶାସନ ଗାଦିକୁ ଆସିଯାଏ, ତେବେ ତା'ର ପ୍ରକାଶିତ ଇସ୍ତାହାର ବିରୋଧୀଦଳମାନଙ୍କର ଆଲୋଚନାର ମୁଖ୍ୟ ବିଷୟ ହୋଇଯାଏ। କହିଥିଲେ କ'ଣ, କରୁଛନ୍ତି କ'ଣ ? ଯଦିଓ କିଛି କିଛି କରାଯାଉଥାଏ, ଦୃଷ୍ଟିଯାଏ କହିଥିବାର କେଉଁ ମୁଖ୍ୟ ଅଂଶଟି କାର୍ଯ୍ୟକାରୀ ହୋଇପାରିନି, ଯାହା ବହୁଳ ଭାବେ ଲୋକଙ୍କୁ ପ୍ରଭାବିତ କରୁଥାଏ।

ଶାସନକୁ ଆସିବା ପୂର୍ବରୁ ସବୁ ଦଳର ଲକ୍ଷ୍ୟଥାଏ ଭୋଟରଙ୍କୁ ଆକର୍ଷିତ କରିବା। ପରେ ଲକ୍ଷ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇଥାଏ। କାରଣ ଦଳରେ ଦଳୀୟ ଭାବନାର ପ୍ରଭାବ ରହେ। ପ୍ରଥମେ ନିଜ ଦଳକୁ ମଜଭୁତ କରେ। ଦଳୀୟ ପାଣ୍ଠି ବଢ଼ାଏ। ଦଳୀୟ ଅଫିସ ବଢ଼ାଏ। କର୍ମକର୍ତ୍ତା ମଧ୍ୟ ଆସ୍ତେ ଆସ୍ତେ ବଢ଼ାଇଚାଲେ। ଚେଷ୍ଟାକରେ କୋଣ ଅନୁକୋଣରେ ନିଜର ସ୍ଥିତି ଜାହିର କରିବାକୁ। ସମସ୍ତଙ୍କ ପାଇଁ କହୁଥିଲେ ବି କାର୍ଯ୍ୟରେ ପାତରଅନ୍ତର ପରିଲକ୍ଷିତ ହୁଏ। ଗୋଟିଏ ଛୋଟ ଉଦାହରଣ ଦେଲେ ଯଥେଷ୍ଟ ହେବ। ମନେକର, ପୂର୍ବ ସରକାର କରିଥିବା କୌଣସି ଜନକଲ୍ୟାଣକାରୀ କାମ ବନ୍ଦକଲେ ଜନ ଆନ୍ଦୋଳନ ମୁଣ୍ଡ ଟେକିପାରେ। କିନ୍ତୁ କରାଯିବ, ନିଶ୍ଚୟ କରାଯିବ ବାରମ୍ବାର କହି କରୁ ନ ଥିଲେ ବି ସହଜରେ ବିଦ୍ରୋହ ଦାନା ବାନ୍ଧିପାରେ ନାହିଁ। ପ୍ରତିଶ୍ରୁତି ବିଦ୍ରୋହୀଙ୍କ ମନକୁ ଅସ୍ତମିତ କରେ।

ଗୋଟିଏ ଉଦାହରଣରୁ ଏହା ସ୍ପଷ୍ଟ ହୋଇପାରିବ। ପୁରୀ ସହର କଥା। ଆଗରୁ ଯେତିକି ଉନ୍ନତି ହୋଇଛି ଏବେ କିଛିଟା ଆଖିଦୃଶିଆ ଉନ୍ନତି ହେବା ପରି ଲାଗୁଛି କି? ଶ୍ରୀମନ୍ଦିରର ଚାରିପାଖ ଯେତିକି ପ୍ରଶସ୍ତ କରାଯାଇଛି, ତାହାର ଭଲ ମନ୍ଦ ବିଚାର ନ କରି ଆଗ ଭାବିବା, ପୂର୍ବପରି ସଂକୀର୍ଣ୍ଣ ରାସ୍ତାଥିଲେ ପୁରୀ ସହର କ୍ରମବର୍ଦ୍ଧିଷ୍ଣୁ ଲକ୍ଷ ଲକ୍ଷ ଭକ୍ତଙ୍କୁ ସେତିକିରେ ସ୍ଥାନ ଦେଇପାରିଥାନ୍ତା କି? ପୁରୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ କାମ କିଛି ଆଗେଇଥିବାର ନଜରକୁ ଆସୁନାହିଁ। ରାଜଧାନୀ ଭୁବନେଶ୍ୱରରୁ ପୁରୀକୁ ଛଅଟିକିଆ ଆଉ ଗୋଟିଏ ସିଧାରାସ୍ତା କରାଯିବାର ପରିପ୍ରକାଶ କାଗଜ କଲମରେ ଅଛି ନା ଲିଭିଗଲାଣି ଜାଣିହେଉନି। ଶ୍ରୀମହାପ୍ରଭୁଙ୍କ ସୁନା ଅଳଙ୍କାର ଗଣତିମଣତି ବିଭିନ୍ନ ଆଳରେ ଡେରି ହେବାରେ ଲାଗିଛି। ଏଇ ସବୁରୁ ଜଣାପଡ଼େ ରାଜନୀତି ବଦଳିଗଲେ ପାଣିପାଗ କେମିତି ରହେ। ଆଉ ଚିଲିକାରେ ପୋଲ ଅବଶ୍ୟ ହେବ ବୋଲି ଶୁଣାଯାଉଛି। ଯାହା ହେଉ, ଗଲା ସରକାରର ଜନକଲ୍ୟାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ପ୍ରତି ଦୃଷ୍ଟି ରହୁ। ନଚେତ୍ ପାଞ୍ଚବର୍ଷ ଶାସନ ସମୟକୁ ଛଅ ବର୍ଷରେ କରିବାର ପ୍ରତିଶ୍ରୁତି ଦେଇ କିଛି ନ କଲେ ବି କେହି କହିବାର କୌଣସି ଉପାୟ ରହିବ ନାହିଁ। ବରଂ ଏହା କାମ ସମ୍ପୂର୍ଣ୍ଣ କରିପାରିବାରେ ଅକ୍ଷମତା ବୋଲି ଧରି ନିଆଯାଇପାରେ।



ଅବଶ୍ୟ ଏବେ ପୁରୀ ସହରକୁ ମହାନଗର ନିଗମ ଘୋଷଣା କରିବାର ପରିକଳ୍ପନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରଚାରରେ ଏଥିପାଇଁ କାଲିଠାରୁ କାର୍ଯ୍ୟ ଆରମ୍ଭ ହେବାର ପ୍ରକାଶ ପୁରୀ ଲୋକଙ୍କୁ ଆହୁରି ଆକର୍ଷିତ ଏବଂ ଆଶ୍ୱସ୍ତ କରିଛି। ତେବେ ସରକାର ଏ ଦିଗରେ ଆଗଉଥିବାର କୌଣସି ଅନୁକୂଳ ପରିବେଶ ପୁରୀବାସୀଙ୍କୁ ପରିଲକ୍ଷିତ ହେଉନାହିଁ। ସୁଶାସନର ନାରା ଦେଇ ସରକାର ସୁଶାସନ କରୁଛନ୍ତି କହିବା ଲୋକେ ଅନୁଭବ କରୁଛନ୍ତି ତ ?

ସବୁ ସମୟରେ ଲୋକମାନେ ଦଳମତ ନିର୍ବିଶେଷରେ ସରକାରଙ୍କର ଶାସନାଧୀନ। ସମସ୍ତଙ୍କ କଲ୍ୟାଣ ଦେଶର କଲ୍ୟାଣ। ପୂର୍ବ ସରକାର ଯଦି କିଛି କଲ୍ୟାଣକର କାର୍ଯ୍ୟ କରିଥାଏ, ତା'ଠାରୁ ଅଧିକ କଲ୍ୟାଣକର କାର୍ଯ୍ୟ କରି ଲୋକଙ୍କର ଆସ୍ଥା ଭାଜନ ହେବା ନୂତନ ସରକାରର ଆଭିମୁଖ୍ୟ, ମୂଳଲକ୍ଷ୍ୟ ହେବା ବିଧେୟ। ଏହା ନ ହୋଇ ଯଦି ପୂର୍ବ କାର୍ଯ୍ୟର ତର୍ଜମା କରି ପୂର୍ବ ସରକାରକୁ ବଦନାମ କରିବାରେ ନୂତନ ସରକାର ବ୍ୟସ୍ତ ରହିବେ, ତେବେ ପ୍ରଗତିମୂଳକ ନୂତନ କାର୍ଯ୍ୟପନ୍ଥା ଗ୍ରହଣ ହେବ କେବେ! ପ୍ରଗତି କାମରେ ନୁହେଁ, କଥାରେ ହିଁ ରହିଯିବ।

ଆଜି ହେଉ କି କାଲି, ଯଦି ପୁରୀକୁ ମହାନଗର ନିଗମରେ ପରିଣତ କରାଯାଏ ଏବଂ ଆନ୍ତର୍ଜାତିକ ବିମାନ ବନ୍ଦର କାର୍ଯ୍ୟକ୍ଷମ ହୁଏ, ତେବେ ଏହା କେବଳ ଭାରତର ନୁହେଁ, ସାରା ପୃଥିବୀର ପର୍ଯ୍ୟଟକମାନଙ୍କର ଏକ ମନଲୋଭା ଆକର୍ଷଣୀୟ କେନ୍ଦ୍ର ହେବ ଏହା ନିଃସନ୍ଦେହ। ସରକାରୀ ଆୟ ବଢ଼ିବ। ଏସବୁ କାର୍ଯ୍ୟକାରୀ ହେଲେ, ପୁନଶ୍ଚ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ପ୍ରଶସ୍ତୀକରଣ ଅନିବାର୍ଯ୍ୟ ହୋଇପଡ଼ିବ। ଗମନାଗମନର ଯେତେ ବିକାଶ ହେବ, ଭକ୍ତଙ୍କ ସୁଅ ସେତେ ଛୁଟିବ। ପ୍ରତିବର୍ଷ ରଥଯାତ୍ରାରେ ଭକ୍ତଙ୍କ ଉପସ୍ଥିତି ଲକ୍ଷ ଲକ୍ଷ ଆକାରରେ ବଢ଼ି ଚାଲୁଛି। କିନ୍ତୁ ସହର ଭିତରେ ଅର୍ଥାତ୍ ସିଂହଦ୍ୱାରଠାରୁ ଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ରାସ୍ତା ଯେ ସ୍ଥିର ଏବଂ ସୀମିତ। ରାସ୍ତାର ଓସାର ବୃଦ୍ଧି ମଧ୍ୟ ଅଧିକ ହେବାର ଆବଶ୍ୟକତା ଉପଲବ୍ଧି ହେଲାଣି।

କଥା ଅପେକ୍ଷା କାମ ଲୋକଙ୍କୁ ଅଧିକ ଆକର୍ଷିତ ଏବଂ ପ୍ରଭାବିତ କରେ। କଥା ସାମୟିକ ଖୁସି ଆଣେ, ପରେ କାର୍ଯ୍ୟଠାରୁ ଦୂରେଇଗଲେ ଘୃଣା ସୃଷ୍ଟି କରେ। ସମଷ୍ଟିଗତ ଅପେକ୍ଷା ଗୋଷ୍ଠୀଗତ କେବେ ସ୍ପୃହଣୀୟ ନୁହେଁ। ସମସ୍ତେ ଭାରତୀୟ। ଭାରତ ସମସ୍ତଙ୍କର। ଉନ୍ନତି ପରିକଳ୍ପନା କରାଯାଉ ଭାରତର। ତେବେ ଯାଇ ଦେଶର ଅଭିବୃଦ୍ଧି ସମ୍ଭବ। ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ଯେ କେହି ଦଳ ସରକାରକୁ ଆସିଲେ ଦଳ ତା'ର ମୁଖ୍ୟ ନ ହୋଇ ଜନତା, ଦେଶ ତା'ର ନିଜର ହେଉ। ସର୍ବାଙ୍ଗୀନ ଉନ୍ନତି ପ୍ରତି ଧ୍ୟାନ ଦିଆଯାଉ। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଅଭାବୀର ଭାବ ପୂରଣ ସରକାରଙ୍କର ପ୍ରାଥମିକତାରେ ରହୁ। ଲୋକଙ୍କ କଥା ଭାବିଲେ, ଲୋକେ ବି ସରକାରଙ୍କ କଥା ଭାବିବେ। ସରକାର ଲୋକମୁଖରେ ଲୋକଙ୍କ ସରକାର ବୋଲି ପ୍ରକଟିତ ହେବ। ସରକାରଙ୍କୁ ଏହା ଲୋକଙ୍କ ସରକାର ବୋଲି କହିବାକୁ ପଡ଼ିବ, ଅନୁଭବରେ ଆସିବ। ଜନତାଙ୍କ ପାଇଁ କହନ୍ତୁ, କରନ୍ତୁ।

**ଗୁଣ୍ଡିଚାବିହାର, ପୁରୀ**

**ମୋ: ୮୨୪୯୦୮୨୪୦୦**

# ଚିରନ୍ତନୀ

ଚିକୁରେ ତାର ଲୋହିତ କ୍ରୀଡ଼ା
ସୃଷ୍ଟି କରେ ସ୍ୱପନ
ହେ ନିରିବୋଧ ଏକାକୀ କବି
ଉଦାସ କିପାଁ ଲପନ ?
ବଥାଇ ଉଠେ ରୁଦ୍ଧତାର
କ୍ରନ୍ଦନ ହେ କ୍ରନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲଫାପା ମିଳୁ ନାହିଁ

ମହାଶୟ,

ଆଗକୁ ରାଖୀ ପୂର୍ଣ୍ଣମୀ। ଦୂର ଦୂରାନ୍ତରେ ରହୁଥିବା ଭାଇମାନଙ୍କ ପାଖକୁ ରାଖୀ ପଠାଇବା ପାଇଁ ଭଉଣୀମାନେ ଡାକଘରକୁ ଯାଉଛନ୍ତି। କିନ୍ତୁ ଦେଖାଯାଉଛି ଅନେକ ଡାକ ଅଫିସରେ ଏନ୍‌ଭଲପ୍ ବା ଲଫାପା ମିଳୁନାହିଁ। ଭଉଣୀମାନେ ନିରାଶ ହେଉଛନ୍ତି ଏବଂ ବାହାରୁ ବହି ଦୋକାନରୁ ଅଧିକ ୫ଟଙ୍କା ଦେଇ ଏନ୍‌ଭଲପ୍ କିଣୁଛନ୍ତି। ବହୁ ସମୟରେ ବହି ଦୋକାନରେ ମଧ୍ୟ ଏହା ମିଳୁ ନାହିଁ। ଏଣୁ ଲୋକମାନେ ଡାକଘର ଉପରେ ନିର୍ଭର କରି ହଇରାଣ ହେଉଛନ୍ତି। ତେଣୁ ଏଥିପ୍ରତି ଡାକବିଭାଗ ଦୃଷ୍ଟି ଦେବାକୁ ଅନୁରୋଧ ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବୋଲବମରେ ଯାଇ ଯୁବକ ନିଖୋଜ

ଛେନାପଦି,(ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ଗ୍ରାମର ଦୀପକ ଜେନା ପୁରୀରେ ନିଖୋଜ ହୋଇଯାଇଛନ୍ତି। ସେ ଗ୍ରାମର ୨୦ ଯୁବକଙ୍କ ସହ ପାଣିଭାର ନେଇ ପୁରୀ ଯାଇଥିଲେ। ପାଣି ଢାଳିବା ପରେ ଗତ ୪ତାରିଖ ସନ୍ଧ୍ୟାରେ ଅନ୍ୟ ଯୁବକମାନେ ସମୁଦ୍ର କୂଳକୁ ଯାଇଥିବା ବେଳେ ଦୀପକ ଲାଇଟ ହାଉସ ପାର୍କିଂ ପାଖରେ ଛିଡ଼ା ହୋଇଥିଲେ। ଯୁବକମାନେ ଫେରି ଦୀପକଙ୍କୁ ପାଇ ନ ଥିଲେ। ପରେ ଦୀପକଙ୍କ ଭାଇ ପ୍ରଦ୍ୟୁମ୍ନ ଜେନା ପୁରୀ ବଳିଆପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି।

କେନ୍ଦୁଝର

# ପରିଚୟ ଖୋଜୁଛି ରାକମ ଜଳପ୍ରପାତ

କେନ୍ଦୁଝର,୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

## ଜଳପ୍ରପାତ ସ୍ଥଳର ବିକାଶ କରିବାକୁ ଦାବି


ରାକମ ଜଳପ୍ରପାତ।

ବଣପାହାଡ଼ଘେରା କେନ୍ଦୁଝର ଜିଲାରେ ଭରି ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟମୟ ଜଳପ୍ରପାତ। ବିଶେଷକରି ବର୍ଷା ଦିନେ ଜଳପ୍ରପାତଗୁଡ଼ିକ ଲୋକଲୋଚନକୁ ଆସିଥାଏ। ଅନେକ ଅଦ୍ୟାବଧି ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ନ ଥିବାରୁ ଲୋକଙ୍କ ନଜର ଆଢୁଆଳରେ ରହିଯାଉଛି। ଏଭଳି ଏକ ଜଳପ୍ରପାତ ବାଂଶପାଳ ବ୍ଲକ୍ କାଦକଳା ପଞ୍ଚାୟତ ଖଣ୍ଡାଧାର ପାହାଡ଼ରେ ରହିଛି। ପରିଚୟ ଖୋଜୁଥିବା ରାକମ ଜଳପ୍ରପାତର ବିକାଶ କରାଗଲେ ବନବାସୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ପ୍ରକାଶ ଯେ, ଖଣ୍ଡାଧାର ପାହାଡ଼ରେ ଥିବା ଖଣ୍ଡାଧାର ଜଳପ୍ରପାତ ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି। ଏଠାକୁ ବର୍ଷ ତମାମ ପର୍ଯ୍ୟଟକଙ୍କ ଯାତାୟାତ ଲାଗି ରହିଥାଏ। ଏହି ପାହାଡ଼ ଚାରିପାଖରେ ଅନେକ ଛୋଟ ବଡ଼ ଜଳପ୍ରପାତ ରହିଛି। ସେସବୁ ଜଳପ୍ରପାତଗୁଡ଼ିକର ବିକାଶ କରାଯାଇ ପାରିଲେ ଖଣ୍ଡାଧାରକୁ ଆସୁଥିବା ପର୍ଯ୍ୟଟକ ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ ବୋଲି ମତପ୍ରକାଶ ପାଉଛି। ଜଳପ୍ରପାତ ମଧ୍ୟରେ ରାକମ ଗ୍ରାମ ନିକଟ ଶୁକ୍ରାସାହି ନିକଟରେ ଥିବା ରାକମ ଜଳପ୍ରପାତ ଅନ୍ୟତମ। ଏଠାରେ ବହୁ ଉଚ୍ଚରୁ ପାଣି ତଳକୁ ଖସି ଏକ ନିଆରା ଦୃଶ୍ୟ ସୃଷ୍ଟି କରୁଛି। ଖଣ୍ଡାର ଧାର ସଦୃଶ୍ୟ ପାଣି ପାହାଡ଼ ଉପରୁ ତଳକୁ ଖସି ପଡୁଥିବା ବେଳେ ଏହାର ଚାରିପାଖରେ ରହିଥିବା ଜଙ୍ଗଲ ପରିବେଶ ପ୍ରକୃତିପ୍ରେମୀଙ୍କୁ ମତୁଆଲା କରିଥାଏ। ଫଳରେ ଏହାକୁ ଦେଖି ଲୋକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଉଛି। ଏହି ସ୍ଥାନକୁ ଯାତାୟାତ ସୁବିଧା ଥିଲେ ହେଁ ଏହାର ବିକାଶ କରାଯାଇନାହିଁ। ଜଳପ୍ରପାତ ସ୍ଥଳର ବିକାଶ କରାଗଲେ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଯାଇପାରିବେ ବୋଲି ସ୍ଥାନୀୟ ବନବାସୀ କହିଛନ୍ତି। ପ୍ରଶାସନିକ ବ୍ୟବସ୍ଥା କରାଗଲେ ଅନ୍ୟତମ ଶ୍ରେଷ୍ଠ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହୋଇ ପାରିବ ବୋଲି ସ୍ଥାନୀୟ ପ୍ରକୃତିପ୍ରେମୀ ଦୀପକ କୁମାର ବେହେରା କହିଛନ୍ତି। ପର୍ଯ୍ୟଟନ ବିଭାଗ ଆସିଷ୍ଟାଣ୍ଟ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଜଳପ୍ରପାତ ସ୍ଥାନଟି ପର୍ଯ୍ୟଟକଙ୍କ ପାଇଁ ସୁବିଧା ସ୍ଥିତିରେ ଥିଲେ ଏହାର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ପ୍ରତୀକ୍ଷାଳୟ ସିଲିଂ ଖସିଲା, ଗଛମୂଳେ ବସିଲେ ଲୋକେ

ଜିଲାପାଳଙ୍କ କାର୍ଯ୍ୟାଳୟ

କେନ୍ଦୁଝର,୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ପ୍ରତୀକ୍ଷାଳୟର ସିଲିଂ ଗୁରୁବାର ଖସିଯାଇଛି। ସେ ସମୟରେ ସେଠାରେ ଲୋକେ ଉପସ୍ଥିତ ଥିଲେ। ମାତ୍ର ସିଲିଂ କାହା ଉପରେ ପଡ଼ି ନ ଥିବା ଜଣାପଡ଼ିଛି। ସିଲିଂ ଖସିବା ପରେ ଲୋକେ ଭୟଭୀତ ହୋଇ ବାହାରକୁ ଚାଲିଆସି ଗଛମୂଳେ ବସିଥିବା ଦେଖିବାକୁ ମିଳିଥିଲା।

ପ୍ରକାଶ ଯେ, ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କ ବିଶ୍ରାମ ପାଇଁ ଜନ ପ୍ରତୀକ୍ଷାଳୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩ ତାରିଖରେ କେନ୍ଦୁଝର ଗସ୍ତ ସମୟରେ ଲୋକାର୍ପଣ କରିଥିଲେ। ଏଠାରେ ଲୋକଙ୍କ ବିଶ୍ରାମ ସହ ସବୁ ବର୍ଗର ଲୋକଙ୍କ ପାଇଁ ଶୌଚାଳୟ ସୁବିଧା ରହିଛି। ଗୁରୁବାର ଉକ୍ତ ପ୍ରତୀକ୍ଷାଳୟରେ କେତେ ଜଣ ଲୋକ ଅପେକ୍ଷା କରିଥିବା ବେଳେ ଛାତର ସିଲିଂ ଖସିପଡ଼ିଥିଲା। ସିଲିଂ କାହା ଉପରେ ପଡ଼ି ନ ଥିଲେ ହେଁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦେଖି ତରବରିଆ ଭାବେ ଏହାର ନିର୍ମାଣ କରାଯାଇଛି। ଏଣୁ କାମ ଠିକ୍ ଭାବରେ ହୋଇ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଥିଲା ବୋଲି ଅଭିଯୋଗ ହେଉଛି। ଏଣୁ ଭବିଷ୍ୟତରେ କୌଣସି ଅଘଟଣ ଘଟିବା ଆଶଙ୍କା କରି ଅନେକ ଲୋକ ଏଠାରେ ନ ବସି ଗଛ ତଳେ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। ଏଥିସହ ଓଡ଼ିଆ ଅସ୍ମିତାକୁ ପାଥେୟ କରି ସରକାର ଗଠନ ହୋଇଥିବା ବେଳେ ପ୍ରତୀକ୍ଷାଳୟର ନାମ ଇଂରାଜୀରେ ଲେଖାଯାଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ବ୍ୟୟବହୁଳ ଜନ ପ୍ରତୀକ୍ଷାଳୟର ନିର୍ମାଣ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ବିନା ଟେଣ୍ଡରରେ ହୋଇଥିବା ବେଳେ ଖର୍ଚ୍ଚ ଅନୁଦାନ ପରିମାଣ, କେଉଁଠୁ ଅନୁଦାନ ମିଳିଛି ଏବଂ ଅନ୍ୟାନ୍ୟ ଜାଣିବା ସମ୍ପର୍କିତ ସୂଚନା ଫଳକ ନାହିଁ। ଏଣୁ ଲୋକଙ୍କ ସୁରକ୍ଷା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନେବା ଉଚିତ ବୋଲି ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି। କେନ୍ଦୁଝର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ ମହାନ୍ତି କହିଛନ୍ତି, ପାଖାପାଖି ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହାର ନିର୍ମାଣ କରାଯାଇଛି। ସେ ନିଜେ ଯାଇ ଅନୁଧ୍ୟାନ କରିଛନ୍ତି। କେହି ଦୁର୍ବୃତ୍ତ ଏଭଳି କରିଥିବେ। ଏଣୁ ସେଠାରେ ସିସିଟିଭି ଲଗାଇବାକୁ କୁହାଯାଇଛି।

## ହାଟରେ ଯୁବକଙ୍କୁ ହତ୍ୟା

ଯୋଡ଼ା,୭।୮ (ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ କଣ୍ଡରା ହାଟରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତ ଗୁରୁବାର ହତ୍ୟା କରିଛନ୍ତି। ମୃତକ ଚମ୍ପୁଆ ମୁସଲିମ୍ ବସ୍ତିର ସଦାମ ହୁସେନ। ସଦାମ ହାଟରେ ମୋବାଇଲ କଭର ବିକ୍ରି କରନ୍ତି। ଅପରାହ୍ନରେ କେତେ ଜଣ ଯୁବକ ବାଇକ୍‌ରେ ଆସି ମୋବାଇଲ କଭର ଦେଖିଥିଲେ। ପରେ କୌଣସି କାରଣରୁ ଯୁକ୍ତିତର୍କ ହେବାରୁ ଦୁର୍ବୃତ୍ତ ମାରଣାସ୍ତ୍ରରେ ସଦାମଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସଦାମଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ କହିଛନ୍ତି, ତଦନ୍ତ ଜାରି ରହିଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ।

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत

सूचना/NOTICE

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट www.coalindia.in/ संबंधित अनुषंगी कंपनी (सीएमपीडीआई, www.cmpdi.co.in), सीआईएल ई–प्रोक्योरमेंट पोर्टल https://coalindiatenders.nic.in एवं सेंट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध हैं। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."

ସ୍ତନ୍ୟପାନ ସଚେତନତା

# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ରାଜ୍ୟରେ ଦ୍ୱିତୀୟ

ଚମ୍ପୁଆ,୭।୮ (ମହେଶ୍ୱର ଦାସ): ଶିଶୁ ମୃତ୍ୟୁହାର ରୋକିବା ତଥା ନବଜାତ ଶିଶୁଙ୍କୁ ମା'କ୍ଷୀର ଭଳି ଅମୃତ ପ୍ରଦାନ ସଚେତନା କ୍ଷେତ୍ରରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ରାଜ୍ୟର ଉପଖଣ୍ଡସ୍ତରୀୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏ ନେଇ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପୁରସ୍କୃତ କରିଛନ୍ତି। ସୂଚନା ଅନୁସାରେ, ଚଳିତ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତରଙ୍କ ଦ୍ୱାରା ଜନ୍ମିତ ଶିଶୁଙ୍କୁ ୬ ମାସ ଧରି ମା' କ୍ଷୀର ପ୍ରଦାନ ପାଇଁ ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏପରିକି ଅସ୍ତ୍ର ପ୍ରଚାର ଜନିତ ନବ ଜାତ ଶିଶୁଙ୍କୁ ମା'ମାନେ କିପରି କ୍ଷୀର ପିଆଇବେ ସେ ନେଇ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଜୁଲାଇ ୨୪ ତାରିଖରେ ଏକ ଟିମ୍ ଏହି ଚିକିତ୍ସାଳୟ ପରିଭ୍ରମଣ କରି ସଚେତନା ମୂଳକ ପଦକ୍ଷେପ ଉପରେ ତର୍ଜମା କରିଥିଲେ। ବେବି ଫ୍ରେଣ୍ଡଲି ହସ୍ପିଟାଲ ଇନିସିଏଟିଭ୍ ମାଧ୍ୟମରେ ଏହାକୁ ବିଚାର କରାଯାଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ରାଜ୍ୟସ୍ତରରେ ଉପଖଣ୍ଡସ୍ତରୀୟ ଦ୍ୱିତୀୟ ସ୍ଥାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ସାହୁ ଓ ଶିଶୁ ରୋଗ ବିଶେଷଜ୍ଞ ଡା. ସୁନାରାମ ମୁର୍ମୁଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମହାଲିଙ୍ଗ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଛନ୍ତି। ସଫଳତାକୁ ନେଇ ରୋଗୀ କଲ୍ୟାଣ ସମିତି ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସମିତି ପକ୍ଷରୁ ସାଧୁବାଦ ପ୍ରଦାନ କରାଯାଇଛି। ଚିକିତ୍ସା ଅଧିକାରୀ ଡା. ସାହୁ ଆଗାମୀ ଦିନରେ ଏହି ସଚେତନତା କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ବ୍ୟାପକ କରାଯିବ ବୋଲି କହିବା ସହ ସବୁ ବର୍ଗର ଲୋକ ଆଗକୁ ଆସିବାକୁ ଅନୁରୋଧ କରିଥିଲେ।

## ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ

ପାଟଣା,୭।୮ (ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ବନମାଳୀପୁର ଗ୍ରାମର ବିରଞ୍ଚି ମୁଣ୍ଡା (୬୦)ଙ୍କ ବୁଧବାର ରାତିରେ ସାପକାମୁଡ଼ାରେ ମୃତ୍ୟୁଘଟିଛି। ସେ ଖାଇସାରି ଘରେ ଶୋଇଥିବା ସମୟରେ ଏକ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତୁରୁମୁଙ୍ଗା ଥାନାରେ ମୃତ ବିରଞ୍ଚିଙ୍କ ପୁଅ ଅଭିଯୋଗ କରିଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ବଉଳା,୭।୮ (ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କୁଣ୍ଡିସାହିର ଧର୍ମପରାୟଣ ବ୍ୟକ୍ତି ଲକ୍ଷ୍ମୀଧର ସା(୯୨)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳରେ ମାନ୍ୟଗଣ୍ୟ ଶେଷ ଦର୍ଶନ କରିଥିଲେ। ଶେଷ ସମୟରେ ପୁଅ ନରହରି ସା, ଜତିନ୍ଦ୍ର ସା, ସୁରେନ୍ଦ୍ର ସା, ଗଣେଶ ସା, ଭାବଗ୍ରାହୀ, ନାତିନାତୁଣି ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ପୁଅ ଗଣେଶ ସା ମୁଖାଗ୍ନି ଦେଇଥିଲେ।

# ସାର ଦୋକାନ ବନ୍ଦ ନୋଟିସ୍

ପାଟଣା,୭।୮ (ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଭଁଅରପୁର ଶ୍ରୀ ଲକ୍ଷ୍ମୀ ଫର୍ଟିଲାଇଜର ବିକ୍ରୟ କେନ୍ଦ୍ରରେ ଗୁରୁବାର ଫର୍ଟିଲାଇଜର ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରିଛି। ସାର ଅଧିକ ଦରରେ ବିକ୍ରି କରୁଥିବା ଦେଖିବା ପରେ ଦୋକାନ ବନ୍ଦ କରିବାକୁ ନୋଟିସ ଜାରି କରିଛନ୍ତି। ସାର ଦୋକାନୀ ଅକ୍ଷୟ ମହାନ୍ତ ୟୁରିଆ ସାର ସରକାରୀ ଦର ୨୬୬ ଟଙ୍କା ବଦଳରେ ୪୦୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏତଦ୍‌ବ୍ୟତୀତ ବିଗତ ବର୍ଷ ଅପେକ୍ଷା ଉକ୍ତ ସାର ଦୋକାନ ୬ ଗୁଣା ଅଧିକ ୟୁରିଆ ସାର ବିକ୍ରି କରିଛି। ଏଣୁ ସେ କେଉଁ ଚାଷୀଙ୍କୁ ୟୁରିଆ ସାର ବିକ୍ରି କରିଛନ୍ତି ତଦନ୍ତ ପରିସରକୁ ନିଆଯାଇଥିବା ସହକାରୀ କୃଷି ଅଧିକାରୀ ପରେଶ ଦାଶ କହିଛନ୍ତ। ଚଢ଼ାଉରେ ଘଟଗାଁ କୃଷି ଜିଲା ଅଧିକାରୀ ତୁଷାର କାନ୍ତ ମହାନ୍ତି, ପାଟଣା ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ, ଘଟଗାଁ ସହକାରୀ କୃଷି ଅଧିକାରୀ ସୁବ୍ରତ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ଅସହାୟଙ୍କୁ ସହାୟତା ପାଇଁ ଏମ୍‌ପିଙ୍କ ଚିଠି

ବଡ଼ବିଲ,୭।୮ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ସୁନ୍ଦରାବସ୍ତିର ଭୁପିନ୍ଦର ସିଂହ(୫୨)ଙ୍କ ଚିକିତ୍ସା ଲାଗି ୪୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ନିମନ୍ତେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି। ବଡ଼ବିଲ ୱାର୍ଡ ନଂ.୧୫, ସୁନ୍ଦରାବସ୍ତିରେ ରହୁଥିବା ଭୁପିନ୍ଦର ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏବେ ଚିକିତ୍ସା ଲାଗି ଆହୁରି ୪୫ ଲକ୍ଷ ଟଙ୍କାର ଆବଶ୍ୟକ ଥିବା ବେଳେ ଭୁପିନ୍ଦର ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ ନାହାନ୍ତି। ପରିବାର ଏମ୍‌ପିଙ୍କୁ ଗୁହାରି କରିବା ପରେ ଏମ୍‌ପି ନାୟକ ପ୍ରଧାନମନ୍ତ୍ରୀଙ୍କୁ ଚିଠି କରି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ନିବେଦନ କରିଥିବା ଏମ୍‌ପିଙ୍କ ପ୍ରତିନିଧି ନୀଳମଣି ମହାନ୍ତ ସୂଚନା ଦେଇଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୮/୧, ତାରିଖ: ୦୬।୦୮।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୬-୨୦୨୫ । କାର୍ଯ୍ୟର ବର୍ଣ୍ଣନା: ରୋଲିଂ ଷ୍ଟକ୍ ବଜାୟ ରଖିବା ପାଇଁ ଖଡ଼ଗପୁର ୱାର୍କଶପ୍‌ର ପ୍ରଡକ୍ସନ୍ ଶପ୍‌ଗୁଡ଼ିକରେ ଭିତ୍ତିଭୂମି ସୁବିଧାଗୁଡ଼ିକର ପରିବର୍ଦ୍ଧନ ଓ ଉନ୍ନତୀକରଣ । ଟେଣ୍ଡର ମୂଲ୍ୟ: ₹୬,୩୫,୧୨,୦୦୪.୦୪ । ଅମାନତ ରାଶି: ₹୪,୬୭,୬୦୦ । କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ । କ୍ର.ସଂ.-୨, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୭-୨୦୨୫ । କାର୍ଯ୍ୟର ବର୍ଣ୍ଣନା: ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପ୍‌ର ସିବିସି ଓଭରହଲିଂ ସେକ୍ସନ ତଥା କରୋଜନ୍ ରିପେୟାର୍ ଶପ୍‌ର ଉନ୍ନତୀକରଣ । ଟେଣ୍ଡର ମୂଲ୍ୟ: ₹୧୭,୭୩,୧୩୬ । ଅମାନତ ରାଶି: ₹୧,୯୫,୫୦୦ । କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦ (କ୍ର..ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । ଖୋଲାଯିବା ତାରିଖ: ତା୨୮।୦୮।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । ବିଡିଂ ଆରମ୍ଭ ତାରିଖ: ତା୧୪।୦୮।୨୦୨୫ରିଖରୁ ତା୨୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-493)

କେନରା ବ୍ୟାଙ୍କ Canara Bank A Government of India Undertaking ସିଣ୍ଡିକେଟ Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରିକରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଓସ୍ତପୁର ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନପିଏ ତାରିଖ (ଗ)ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ମନସ୍ମିତା ରାଉତରାୟ, ସା: ରାହାଣିଆ, ଗୋକୁଳପୁର, କଟକ-୭୫୪୨୦୪, ୨) ଶ୍ରୀମତୀ ମନସ୍ମିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / ଗ୍ୟାରେଣ୍ଟିଦାତା/ ବନ୍ଧକଦାତା: ଶ୍ରୀ ଅସିତ୍ କୁମାର ମହାନ୍ତି, ପିତା: ଅଜିତ୍ କୁମାର ମହାନ୍ତି, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / ଆକାଉଣ୍ଟ ନଂ.: ୧) ୧୨୫୦୦୦୩୦୮୪୬୦୨ (ଏମଏସଏମଇ), ୨) ୧୭୦୦୦୭୧୪୧୦୬୮ (ଏମଏସଏମଇ) | କ)ଟ.୧୧,୦୦,୦୦୦/- ଖ) ୩୦.୦୪.୨୦୨୪ ଗ) ୦୪.୦୮.୨୦୨୫ | ୦୪.୦୮.୨୦୨୫ ସୁଦ୍ଧା ଟ.୧୩,୧୫,୬୧୧.୭୭ + ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ଅସିତ୍ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.:୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରୀ, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ପରବର୍ତ୍ତୀ ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଟି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆରଓ: ମାହାଙ୍ଗା, ଏହାର ଚାରିପାର୍ଶ୍ୱରେ ଉତ୍ତର: କାଳିଅଣ୍ଟି ୟୁପିଏମଇ ସ୍କୁଲ, ଦକ୍ଷିଣ: ପ୍ଲଟ୍ ନଂ.: ୧୭୦୫/୩୩୫୭, ପୂର୍ବ: ଜଚିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା |

ଆପଣ, ଉପରୋକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି କି ଏହି ନୋଟିସ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । କଥିତ ଆକ୍ଟର ଉପଧାରା (୨) ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବକେୟା ରାଶି ସମ୍ପୂର୍ଣ୍ଣଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି । କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି । ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ସ୍ଥାନ: କଟକ, ତାରିଖ: ୦୭.୦୮.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ଆଉ ବସୁନି ସୋମବାରିଆ ମଣିଷ ହାଟ



କେନ୍ଦୁଝର,୭।୮ (ଦୀପକ ମିଶ୍ର)

କେନ୍ଦୁଝର ସହରର ରାହାସ ପୂଜା ମାର୍କେଟ ସମ୍ମୁଖ ରାସ୍ତାକଡ଼ରେ ପ୍ରତ୍ୟେକ ସୋମବାର ମଣିଷ ହାଟ ବସୁଥିଲା। ଲୋକେ ଏଠାକୁ ଆସି ସପ୍ତାହକ ପାଇଁ ଘର କାମ କରିବାକୁ ଶ୍ରମିକ ନେଉଥିଲେ। ମାତ୍ର ଆଜିକାଲି ଆଉ ଦେଖିବାକୁ ମିଳୁନାହିଁ ମଣିଷ ହାଟ। ଠିକାଦାର ଅଧୀନରେ ଶ୍ରମିକ କାମ କରୁଥିବା ବେଳେ ପଶ୍ଚିମବଙ୍ଗ ରାଜ୍ୟରୁ ସେମାନେ ଆସି କାମ କରୁଥିବା ଦେଖାଯାଇଛି।

ପ୍ରକାଶ ଯେ, କେନ୍ଦୁଝର ସହରର ରାହାସ ପୂଜା ମାର୍କେଟ ସମ୍ମୁଖ ରାସ୍ତାକଡ଼ରେ ପ୍ରତ୍ୟେକ ସୋମବାର ମଣିଷ ହାଟ ବସୁଥିଲା। ସହର ପାଖ ଅଞ୍ଚଳରୁ ବହୁ ମହିଳା, ପୁରୁଷ କାମ ଉଦ୍ଦେଶ୍ୟରେ କେନ୍ଦୁଝର ଲଜ୍‌ଠାରୁ ଆକ୍ୱାମେରିନ ଷ୍ଟୁଡିଓ ପର୍ଯ୍ୟନ୍ତ ଶ୍ରମିକ ହାଟରେ ନିଜ ନିଜର ଆବଶ୍ୟକ ସରଞ୍ଜାମ ଧରି ଛିଡ଼ା ହେଉଥିଲେ। ଏଠାରୁ ଲୋକେ ସପ୍ତାହକ ପାଇଁ ମଜୁରିଆ ବା ଶ୍ରମିକଙ୍କୁ ନେଉଥିଲେ। ଏହି ନିଆରା ହାଟରେ ବିଭିନ୍ନ ପ୍ରକାର କାମ ପାଇଁ ଶ୍ରମିକ ମିଳୁଥିଲେ। ଶ୍ରମିକଙ୍କୁ ୧ ସପ୍ତାହ ପାଇଁ ଶ୍ରମଭିତ୍ତିକ ଚୁକ୍ତି କରାଯାଇ ନିଆଯାଉଥିଲା। ମାତ୍ର ଏବେ ଶ୍ରମିକ ହାଟରେ ଲୋକଙ୍କ ବିଶେଷକରି ଶ୍ରମିକଙ୍କ ଦେଖାନାହିଁ। ସହର ମଧ୍ୟରେ ଅଧିକାଂଶ ଘର କାମରେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ମିସ୍ତ୍ରି ଓ ଶ୍ରମିକ ଆସି କାମ କରୁଛନ୍ତି। ଆବଶ୍ୟକ ହେଉଥିବା ଅଧିକ ଶ୍ରମିକଙ୍କୁ ବିଭିନ୍ନ ଗାଁକୁ ଯାଇ ଅଟୋ ବ୍ୟବସ୍ଥାକରି ସହରକୁ ଆଣି କାମରେ ଲଗାଉଛନ୍ତି। ଛାତ ପକାଇବା ପାଇଁ ସ୍ୱତନ୍ତ୍ର ଭାବେ ସିଲିସୁଆଁ, ରାଜବନ୍ଧରୁ ଗାଡ଼ି ଭଡ଼ା କରି ଆଣିବାକୁ ପଡୁଛି। ହାଟରୁ ଦିନେ ଦୁଇଦିନ ପାଇଁ ମଧ୍ୟ ଶ୍ରମିକ ମିଳୁଥିଲେ। ମାତ୍ର ଏବେ ସେମାନଙ୍କ ସ୍ଥାନ ମୁର୍ଶିଦାବାଦରୁ ଆସୁଥିବା ଶ୍ରମିକ ନେଇଯାଇଛନ୍ତି। ଠିକାଦାରମାନେ ଘରର ନିର୍ମାଣ ପାଇଁ କେବଳ ଶ୍ରମିକ ଯୋଗାଇଦେବା ବାବଦରେ ବର୍ଗଫୁଟ ପିଛା ୨୦୦ ରୁ ୨୫୦ ଟଙ୍କା ଦାବି କରୁଛନ୍ତି। ଅନେକ କ୍ଷେତ୍ରରେ ଏହି ମୁର୍ଶିଦାବାଦର ଶ୍ରମିକ ଠିକାଦାରମାନେ ସ୍ଥାନୀୟ ଶ୍ରମିକଙ୍କୁ ଠିକ୍ ପାଉଣା ଦେଉ ନ ଥିବା ଅଭିଯୋଗ ହେଉଛି। ପୂର୍ବରୁ ସିଧାସଳଖ କାମ କରିବା ପାଇଁ ଲୋକମାନେ ହାଟରୁ ଯାଉଥିଲେ। ଏବେ ଅନେକ ପରିମାଣରେ କମିଯାଇଛି।

नालको NALCO A NAVRATNA COMPANY

**National Aluminium Company Limited**
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha, India
CIN : L27203OR1981GOI000920

अतुल्य एल्युमिनियम... आम जन से अंतरिक्ष तक

## EXTRACTS OF FINANCIAL RESULTS FOR THE QUARTER ENDED JUNE 30, 2025

(₹ in Crore)

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | | Year Ended | Quarter Ended | | | Year Ended |
| | | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) |
| 1. | Total Income from Operations | 3,806.94 | 5,267.83 | 2,856.10 | 16,787.63 | 3,806.94 | 5,267.83 | 2,856.10 | 16,787.63 |
| 2. | Net Profit for the period (before Tax, Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,429.27 | 2,759.64 | 817.01 | 7,135.10 |
| 3. | Net Profit for the period before Tax (after Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,414.89 | 2,748.50 | 804.21 | 7,078.37 |
| 4. | Net Profit for the period after Tax ( after Exceptional and /or Extraordinary items) | 1,063.86 | 2,078.37 | 601.22 | 5,324.67 | 1,049.48 | 2,067.23 | 588.42 | 5,267.94 |
| 5. | Total Comprehensive Income for the period comprising Profit/Loss for the period (after tax) and Other Comprehensive Income (after tax) | 1,060.37 | 2,082.21 | 603.20 | 5,310.74 | 1,045.99 | 2,071.05 | 590.40 | 5,253.99 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | 17,127.44 | | | | 16,887.12 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | |
| | 1. Basic (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |
| | 2. Diluted (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, www.nseindia.com and www.bseindia.com; and Company's website, www.nalcoindia.com.

Notes :
(1) The financial results have been reviewed and recommended by the Audit Committee at the meeting held on 7th August, 2025 and approved by the Board of Directors in its meeting held on 7th August, 2025. Limited Review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the joint Statutory Auditors of the Company.
(2) The Company has four Joint Venture companies namely- 1. M/s. Angul Aluminium Park Pvt. Limited, 2. M/s. GACL-NALCO Alkalies & Chemicals Private Limited, 3. M/s. Khanij Bidesh India Limited, 4. M/s Utkarsha Aluminium Dhatu Nigam Limited. Out of the four joint venture companies whose financials have been consolidated, financials of M/s. Utkarsha Aluminium Dhatu Nigam Limited and M/s. Angul Aluminium Park Private Limited , has been consolidated on the basis of financials as certified by the Management as on reporting date, the effect of which is not material.
(3) The Board of Directors at its meeting held on 7th August, 2025 has recommended final dividend of ₹ 2.50/- per equity share ( 50% on face value of ₹ 5/- each) amounting to ₹ 459.16 crore for the FY 2024-25.
(4) The Company has not recognised the revenue from its two wind power plants (WPP) located in the State of Rajasthan due to non execution of fresh Power Purchase Agreement (PPA) since 01.04.2019 and such issue is being subjudice before Hon'ble High Court of Rajasthan based on writ petition filed by the Company. Similarly, due to non execution of PPA for WPP-Gandikota, Andhra Pradesh, Power generated is wheeled to captive power plant at Angul, Odisha for internal consumption.
(5) The figures of the quarter ended 31st March, 2025 are the balancing figures in respect of the audited full financial year ended 31st March, 2025 and the unaudited published year to date figures up to the third quarter ended 31st December, 2024.
(6) Figures pertaining to previous periods have been regrouped, recasted and rearranged, wherever necessary.

Place : Bhubaneswar
Dated : 7th August, 2025

Sd/-
(Brijendra Pratap Singh)
Chairman-cum-Managing Director

Scan this QR code to view/download the Financial Results

**National Aluminium Company Limited**
"Unleashing Potential, Shaping New Frontiers"
• Bauxite Mining • Alumina Refinery • Aluminium Smelter • Captive Power Plant • Captive Coal Blocks • Dedicated Port Facilities • Research & Development • Renewable Energy

**୧୬ ଗୋରୁ ଉଦ୍ଧାର, ଜଣେ ଗିରଫ**

ତିହିଡ଼ି, (ସଞ୍ଜିତ ବଳ): ତିହିଡ଼ି ପୋଲିସ ଗୁରୁବାର ଭୋର ସମୟରେ ଥାନା ସାମ୍ନାରୁ ଏକ ବେଆଇନ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍‌କୁ ଜବତ କରିଛି। ସେଥିରୁ ୧୬ ଗୋରୁଙ୍କୁ ପୋଲିସ ଉଦ୍ଧାର କରିଥିବା ବେଳେ ପିକଅପ୍ ଚାଳକ ଜାଂଗଡ଼ା ଥାନା ଅଧୀନ ପରମାନନ୍ଦପୁର ଗ୍ରାମର ସେକ ସରିଫଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ତିହିଡ଼ି ଥାନାରେ ଏକ ମାମଲା (ନଂ.୨୨୨/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଚାନ୍ଦବାଲିରୁ ଏକ ପିକଅପ୍ ଭ୍ୟାନ୍ (ଏଲ୍‌୬୧୯୯)ରେ ଗୋରୁ ବୋଝେଇ କରି ହୋଇ ଭଦ୍ରକ ଅଭିମୁଖେ ଯାଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନା ସାମ୍ନାରେ ପୋଲିସ ଭ୍ୟାନ୍‌କୁ ଧରିବାରେ ସକ୍ଷମ ହୋଇଥିଲା।



### ପରିବହନ ବିଭାଗ, ପୋଲିସର ମିଳିତ ଯାଞ୍ଚ
## ୫.୮୩ ଲକ୍ଷ ଜରିମାନା ଆଦାୟ

ଭଦ୍ରକ,୭।୮(ସନାତନ ରାଉତ)

ମଦ ପିଇ ଗାଡ଼ି ଚଳାଇବା, ବିନା ହେଲ୍‌ମେଟ୍, ସିଟ୍ ବେଲ୍ଟରେ ଗାଡ଼ି ଚଲାଇବା, ୩ଜଣ ଗୋଟିଏ ବାଇକ୍‌ରେ ଯିବା, ଯାତ୍ରୀବାହୀ ଗାଡ଼ିରେ ସାମଗ୍ରୀ ପରିବହନ ଆଦି ବେଆଇନ କାର୍ଯ୍ୟ ରୋକିବା ଓ ଦୁର୍ଘଟଣା ହ୍ରାସ ଲକ୍ଷ୍ୟରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡ଼ିଠାରେ ଗୁରୁବାର ଦୁଇଚକିଆ ଓ ଚାରିଚକିଆ ଗାଡ଼ି ଯାଞ୍ଚ କରାଯାଇଛି। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ତିହିଡ଼ି ଓ ପୀରହାଟ ପୋଲିସ ପକ୍ଷରୁ ଭାବେ ଯାଞ୍ଚ କରାଯାଇ ୫ଲକ୍ଷ ୮୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଯାଞ୍ଚ ସମୟରେ ମଦ ପିଇ ଗାଡ଼ି ଚଲାଇବା ଅଭିଯୋଗରେ ଜଣେ, ବିନା ହେଲ୍‌ମେଟ୍‌ରେ ୩୦ ଚାଳକ, ସିଟ୍ ବେଲ୍ଟ ପିନ୍ଧି ନ ଥିବା ଅଭିଯୋଗରେ ଦୁଇଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ରୋଡ୍ ସେଫ୍ଟି ଇନ୍ସପେକ୍ଟର ସେକ ଅବଦୁଲ ରହିମ, ଟ୍ରାଫିକ ସବ୍‌ଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର, କନିଷ୍ଠ ଏମ୍‌ଭିଆଇ ପ୍ରିୟଙ୍କା ପ୍ରଧାନ, ଅତିରିକ୍ତ ଟ୍ରାଫିକ ସବ୍‌ଇନ୍ସପେକ୍ଟର ଶ୍ୟାମସୁନ୍ଦର ନାୟକଙ୍କ ସମେତ ତିହିଡ଼ି ଓ ପୀରହାଟ ଥାନାର ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜମିରୁ ଛାଡୁନି ପାଣି, ପଚିଗଲାଣି ଧାନତଳି

- ନାଳ ଅବରୋଧ ଯୋଗୁ ନିଷ୍କାସନ ହୋଇପାରୁନି
- ପ୍ରଶାସନ ବ୍ୟବସ୍ଥା ନ କଲେ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ

ଚାନ୍ଦବାଲି,୭।୮(ରତିକାନ୍ତ ବାରିକ)


ଚାଷୀମାନେ ପଚିଯାଇଥିବା ଧାନତଳି ଦେଖାଉଛନ୍ତି।

ବୈତରଣୀ ନଦୀର ବନ୍ୟା ଓ ଲଗାଣ ବର୍ଷାରେ କିଛିଦିନ ତଳେ ଚାନ୍ଦବାଲିର କେତୋଟି ଅଞ୍ଚଳ ଜଳବନ୍ଦୀ ହୋଇଥିଲା। ଚାନ୍ଦବାଲି ସହର ସଂଲଗ୍ନ ତଥା ଚାନ୍ଦବାଲିର ଭାତହାଣ୍ଡି କୁହାଯାଉଥିବା ବାଲିବିଲ ଅଞ୍ଚଳର ବହୁ ଚାଷଜମିରୁ ଆଜି ପର୍ଯ୍ୟନ୍ତ ପାଣି ଛାଡୁନି। ଏହି ଅଞ୍ଚଳରେ ହଜାରେ ହେକ୍ଟର ଚାଷଜମି ଜଳମଗ୍ନ ହୋଇ ରହିଛି। ଫଳରେ ପାଣିରେ ବୁଡ଼ିରହି ଧାନତଳି ପଚି ନଷ୍ଟ ହୋଇଯାଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ଗୋପାଳପୁର, ଶଙ୍ଖାରୀ, ସାନଓସ୍ତିଆ, ନୟାହାଟ, ବଡ଼ଓସ୍ତିଆ, ସାଏନ୍ତା, ପଣସପଡ଼ା, ବାଲିଗାଁ, ପାଣିଝରିଆ, ଶ୍ୟାମଦାସପୁର, ନିଶ୍ଚନ୍ତା, ବାଲିପାଟଣା, ମହୁଲିଆ, କୃଷ୍ଣପୁର, କଥାରୁଡିହ, ପାଞ୍ଚପଡ଼ା, ବରେଇପୁର ଆଦି ଗ୍ରାମର ଚାଷୀମାନଙ୍କ ଚାଷ ଏକ ପ୍ରକାର ଉଜୁଡ଼ିଯିବାକୁ ବସିଛି। ବାଲିବିଲ ମଧ୍ୟ ଦେଇ ଚାନ୍ଦବାଲିକୁ ସଂଯୋଗ କରୁଥିବା କଲେଜବନ୍ଧ ଓ କଣ୍ଡରାବନ୍ଧ ନିକଟସ୍ଥ ବିଭିନ୍ନ ନାଳକୁ କିଛି ଆଳ ଦେଖାଇ ବେଆଇନ ଭାବେ ଅବରୋଧ କରି କେତେଜଣ ଅବରୋଧ କରି ରଖିଛନ୍ତି। ସେମାନଙ୍କ ବ୍ୟାବସାୟିକ ଫାଇଦା ପାଇଁ ଚାଷଜମିରୁ ଠିକ୍ ଭାବେ ଜଳ ନିଷ୍କାସନ ହେଉ ନ ପାରି ଧାନତଳି ସବୁ ଏବେ ପଚିବାକୁ ଆରମ୍ଭ କଲାଣି। ଏ ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାରଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ବି ଏ ପର୍ଯ୍ୟନ୍ତ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉ ନ ଥିବା କହି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନ କରାଇଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଘନଶ୍ୟାମ ଦାସ, ରଞ୍ଜିତ୍ ନାୟକ, ଦୁଃଖିଶ୍ୟାମ ସାହୁ, ସୁଦୀପ୍ତ ନାୟକ, ମଧୁସୂଦନ ନାୟକ, ରବୀନ୍ଦ୍ର ବାରିକ, ତ୍ରିଲୋଚନ ବାରିକ, ଶ୍ୟାମସୁନ୍ଦର ନାୟକ, ତପନ ବାରିକ, ହେମନ୍ତ ବାରିକ, କାହ୍ନୁଚରଣ ବାରିକ, ଚିତ୍ତରଞ୍ଜନ ବାରିକ, ବିଜୟ ନାୟକ, ଦଶରଥ ନାୟକ, କୃଷ୍ଣଚନ୍ଦ୍ର ବାରିକ, ରଞ୍ଜନ ସାହୁ, ପୟୋଧର ସାହୁ, ବିଜୁ ସାହୁ, ତପନ ସାହୁ, ଦେବବ୍ରତ ସାହୁ, ପୁରାସ ମହାଳିକ, ମହେଶ୍ୱର ମହାଳିକ, ଶରତ ମହାଳିକ, ବିକାଶ ମହାଳିକ, ଗିରିଧାରୀ ମହାଳିକ, ପୁରସ୍ତମ ମହାଳିକ, ନାରାୟଣ ମହାଳିକ ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି।

## ଥଇଥାନ ଦାବି କଲେ ଉଚ୍ଛେଦ ଦୋକାନୀ


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦୋକାନୀମାନେ।

ଭଦ୍ରକ,୭।୮(ସନାତନ ରାଉତ)

ଭଦ୍ରକ ସହରର ରାସ୍ତାପାର୍ଶ୍ୱରୁ ବର୍ଷେ ତଳେ ଉଚ୍ଛେଦ ହୋଇଥିବା ଦୋକାନୀମାନେ ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କୁ ଭେଟି ଥଇଥାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରି ଉଚ୍ଛେଦ ଦୋକାନୀମାନଙ୍କୁ ଦୋକାନ ଗୃହ ଯୋଗାଇ ଦେବାକୁ ସେମାନେ ଦାବି ଜଣାଇଛନ୍ତି। ଉଚ୍ଛେଦକୁ ୧ବର୍ଷ ପୂରିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ଭେଣ୍ଡିଂ ଜୋନ୍ ନିର୍ମାଣ କରୁ ନ ଥିବାରୁ ଜୀବିକା ହରାଇଥିବା ଦୋକାନୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଉଚ୍ଛେଦ ଦୋକାନୀ ସଂଘ ସଭାପତି ଦିବ୍ୟସିଂହ ନାୟକ, ବସିରି ଖାଁ, ସେକ ମମତାଜ, ରାମ ପୁଷ୍ଟି, ପ୍ରଶାନ୍ତ ବେହେରା, ସେକ ଗୁଡୁ, ବନା ସାହା, ସେକ ମୁଜାଫର, ଆକବର ଅଲ୍ଲୀ, ମିର ରାଜାନ, ଅଭିରାମ ପଣ୍ଡା, ସେକ ଅନୁ, ଗୁଡୁ ବେହେରା, ଅଭିରାମ ପୁଷ୍ଟି, କୌଶର ଅଲ୍ଲୀ, ଇମରାନ ଖାଁ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ। ତୁରନ୍ତ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରାଯାଇ ସମସ୍ତଙ୍କୁ ଦୋକାନ ଗୃହ ଯୋଗାଇ ଦିଆ ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଭାପତି ନାୟକ କହିଛନ୍ତି।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା



ସ୍ମୃତିସଭାରେ ଉପସ୍ଥିତ ଅତିଥି।

ଧାମନଗର, ୭।୮(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକ ଅଧୀନ ଦୋଭଲ ପଞ୍ଚାୟତ ଯୋଧ ଗ୍ରାମର ସାମାଜିକ କର୍ମୀ, ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ଅର୍ଜୁନ ଚରଣ କୁଣ୍ଡୁଙ୍କ ଏକାଦଶାହ ଅବସରରେ ଗୁରୁବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିନୋଦ ନାୟକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଦୟାନିଧି ମିଶ୍ର, ଭାଜପା ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ କୁମାର ସୁତାର, ସରପଞ୍ଚ ଅଶୋକ କୁମାର ପଣ୍ଡା, ସମିତିସଭ୍ୟଙ୍କ ପ୍ରତିନିଧି ସଞ୍ଜିତ ସାହୁ, ସେକ ତାଜୁଦ୍ଦିନ, ଯୁଧିଷ୍ଠିର ପଣ୍ଡା, ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କେଶବ ଚନ୍ଦ୍ର ପଣ୍ଡା, ହୃଦାନନ୍ଦ କର, କନକଲତା ଦେବୀ, ଧୀରେନ୍ଦ୍ର ଦାଶ, ନିତ୍ୟାନନ୍ଦ ଘଡ଼େଇ, ଉମାକାନ୍ତ ପାତ୍ର, ପ୍ରମୋଦ ନାୟକ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଶ୍ରୀକାନ୍ତ ସାହୁ, ଭୋଲାନାଥ ସାହୁ, ଶରତ ଚନ୍ଦ୍ର ସାହୁ, ସିଦ୍ଧେଶ୍ୱର ସାମଲ, ବିପିନ ରାଉତ, ତପନ ଦ୍ୱିବେଦୀ, କୃଷ୍ଣଚନ୍ଦ୍ର ପତି, ମାନସ ସାହୁ, ପୁରାତନ ଛାତ୍ର ପ୍ରଶାନ୍ତ ବିଶ୍ୱାଳ, ରଣଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ଅର୍ଜୁନ ସାର୍ ଜଣେ ଆଦର୍ଶ ଶିକ୍ଷକ ଥିଲେ ହେଁ ସେ ସର୍ବଗୁଣ ସମ୍ପନ୍ନ ଥିଲେ। ସେ ଇଂଲିଶ ସହ ଗଣିତରେ ମଧ୍ୟ ବେଶ୍ ଦକ୍ଷ ଥିଲେ ବୋଲି ଅତିଥିମାନେ କହିଥିଲେ। କୃତିବାସ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ସ୍ୱର୍ଗତ କୁଣ୍ଡୁଙ୍କ ପୁଅ ହିମାଂଶୁ କୁଣ୍ଡୁ, ଶୁଭ୍ରାଂଶୁ କୁଣ୍ଡୁ ଓ ସିତାଂଶୁ କୁଣ୍ଡୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## 'ଭୂମିକନ୍ୟା'ର ବାର୍ଷିକୋତ୍ସବ

ଭଦ୍ରକ, ୭।୮(ରବିନାରାୟଣ ଖିଲାର)

ଭଦ୍ରକ ଟାଉନ ହଲ୍‌ଠାରେ ମଙ୍ଗଳବାର ଭୂମିକନ୍ୟା ମହିଳା ସଙ୍ଗଠନର ୨ୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ବିଶିଷ୍ଟ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ବରେଣ୍ୟ ଅତିଥି ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ନୀହାର ରଞ୍ଜନ କର, ଡା. ସଂଗୀତା ବଳ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗଠନ ପକ୍ଷରୁ ସେବା, ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ପ୍ରଶଂସା କରାଯାଇଥିଲା। ଉପଦେଷ୍ଟା ଇଂ. ଅଭୟ ସୂତାର ସଂଯୋଜନା କରିଥିବା ବେଳେ ସଭାପତି ସଂଯୁକ୍ତା ବଳ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦିକା ଦମୟନ୍ତୀ ରାଉତ ସମ୍ପାଦକୀୟ ବିବରଣୀ ପାଠ, ଉପସଭାପତି ଶଶିକଳା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ, ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶାନ୍ତିଲତା ବାରିକ, ଶିକ୍ଷୟିତ୍ରୀ ମନୋରମା ରାୟ, ଗୀତାଞ୍ଜଳି ଅଗସ୍ତି, ବିଶ୍ୱବିଜୟିନୀ ଭୋଇଁ, ସୁଶ୍ରୀ ସଂଗୀତା ସାହୁ, ମାନସୀ ସୂତାର, ମିନତି ବାରିକ ପ୍ରମୁଖ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଉପଦେଷ୍ଟା ସଂଯୁକ୍ତା ଯାଦବ ମଞ୍ଚ ଆମନ୍ତ୍ରଣ ଓ ଉପସଭାପତି ମମତା ବଳ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଜଗା ଚାକର ସଂଘ, ଜୟ ସନ୍ତୋଷୀ ମା' ସ୍ୱୟଂସହାୟକ ଗୋଷ୍ଠୀ, ଭଦ୍ରକ ସ୍ୱୟଂସହାୟକ ଗୋଷ୍ଠୀ, ଡା. ଶୁଭଶ୍ରିକା ଅଙ୍କିତା, ଶିକ୍ଷୟିତ୍ରୀ ଝରଣା ପୁହାଣ, ଆଇନଜୀବୀ ସସ୍ମିତା ସାହୁ, ସ୍ୱାସ୍ଥ୍ୟ ସେବିକା ନିରୁପମା ଦାଶ, ସଫେଇ କାର୍ଯ୍ୟରେ ନିରୁପମା ନାୟକ, ଚିତ୍ରଶିଳ୍ପୀ ତପସ୍ୱିନୀ ନାୟକଙ୍କ ସମେତ ନୃତ୍ୟ ଅନୁଷ୍ଠାନ ଉତ୍ସବ କ୍ରିଏଟିଭ୍, ଦର୍ଶନ ଏକାଡେମୀ, ସାଇ ନୃତ୍ୟ ଏକାଡେମୀ, ଶିଶୁ ନୃତ୍ୟଶିଳ୍ପୀ ଜାଗୃତି ଦାସ ମଲ୍ଲିକ, ଶିବାଙ୍ଗୀ ଭୋଇଁ, ବିଏସ୍ ତେଜ ପ୍ରତାପ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ବିଚାରକ ଭାବେ ଗୌରାଙ୍ଗ ବାରିକ ଓ ବୈକୁଣ୍ଠ ଓଝା ଦାୟିତ୍ୱ ନିର୍ବାହ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଚିତ୍ରଶିଳ୍ପୀ ନମିତା


ଚକ୍ରାପାଢ଼ୀ ଉ.ପ୍ରା. ବିଦ୍ୟାଳୟ ପକ୍ଷରୁ ନମିତା ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବନ୍ତ,୭।୮(ହରିନାରାୟଣ ମହାନ୍ତି)

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ବନ୍ତ ବ୍ଲକ ଚକ୍ରାପାଢ଼ୀ ଗ୍ରାମର ଚିତ୍ରଶିଳ୍ପୀ ନମିତା ବେହେରା(୨୩)। ଗତ ୨୪ ତାରିଖରେ ମେଲ୍ ମାଧ୍ୟମରେ ଏ ସମ୍ପର୍କରେ ତାଙ୍କ ପାଖକୁ ସୂଚନା ଆସିବା ସହ ବୁଧବାର ସେ ମେଡାଲ, ପ୍ରମାଣପତ୍ର, ପରିଚୟପତ୍ର, ବହି, କଲମ ଆଦି ପାର୍ସଲ ଯୋଗେ ପାଇଛନ୍ତି। ପ୍ରକାଶଥାଉ କି, ଭଦ୍ରକସ୍ଥିତ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ଭିଜୁଆଲ୍ ଆର୍ଟ ଶିକ୍ଷା ସମାପ୍ତି ପରେ ନମିତା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଯାଜପୁର ଆଦି ଜିଲାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ୫ ଶହରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଫଟୋଚିତ୍ର ଆଙ୍କି ସେମାନଙ୍କୁ ଭେଟି ପ୍ରଦାନ କରିଛନ୍ତି।

ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନା ଯୋଗଦେଇ ପାର୍ସଲଟିକୁ ଖୋଲି ନମିତାଙ୍କୁ ହସ୍ତାନ୍ତର କରିଥିଲେ। ଆଗରପଡ଼ା ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ରାମଚନ୍ଦ୍ର ନାୟକ, ସମ୍ପାଦକ ରବୀନ୍ଦ୍ର ଆଇଚ, ଶିକ୍ଷାବିତ୍ ଉପେନ୍ଦ୍ରନାଥ ଶତପଥୀ, ସାମାଜିକ କର୍ମୀ ମଦନମୋହନ ଦାଶ, ଅଧ୍ୟାପକ ଚିରଞ୍ଜୀବ ଦାସ, ନମିତାଙ୍କ ବାପା ରବିନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ଚକ୍ରାପାଢ଼ୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ନମିତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ ଗଣେଶ ପ୍ରସାଦ ଭୋଳ, ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ, ସାମାଜିକ କର୍ମୀ ଅନିରୁଦ୍ଧ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ସିଏଚ୍‌ଓଙ୍କୁ ମାନସିକ ନିର୍ଯାତନା

ଭଣ୍ଡାରିପୋଖରୀ,୭।୮(ରାଜେନ୍ଦ୍ର ଶତପଥୀ)

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ଅଭିଯୋଗ**

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି ମହିଳା ସିଏଚ୍‌ଓ (ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ)। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୧୮ଜଣ ମହିଳା ସିଏଚ୍‌ଓ ଏନେଇ ଜିଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କୁ ମାନସିକ ନିର୍ଯାତନା, ବ୍ୟକ୍ତିଗତ ମର୍ଯ୍ୟାଦାହାନି ଟିପ୍ପଣୀ, କାର୍ଯ୍ୟାଳୟରେ ମନ୍ଦ ଉଦ୍ଦେଶ୍ୟ ସୂଚକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ, ଧାର୍ମିକ ଆକ୍ଷେପ, ଲିଙ୍ଗଗତ ଭେଦଭାବପୂର୍ଣ୍ଣ ପ୍ରଶ୍ନ ପଚାରିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି। ଏପରିକି ମାସିକ ରକ୍ତସ୍ରାବ ଛୁଟି ଦରଖାସ୍ତ ମଞ୍ଜୁର ପାଇଁ ମେଡିକାଲ ପରୀକ୍ଷା ଜରୁରୀ ବୋଲି ଅଧୀକ୍ଷକ ପୂର୍ବ ସର୍ତ୍ତ ଆରୋପ କରୁଛନ୍ତି। ଏହାର ପ୍ରତିବାଦ କରୁଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ଦରମା ବନ୍ଦ କରାଯାଉଛି। ସେମାନଙ୍କ ଚାକିରି ନେଇଯିବାକୁ ମଧ୍ୟ ଧମକ ଦିଆଯାଉଛି। ଦୈନିକ କାର୍ଯ୍ୟାଳୟ ସମୟ ନିର୍ଘଣ୍ଟ ଅତିକ୍ରାନ୍ତ ହେବା ପରେ ବେଆଇନ ଭାବେ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ କାର୍ଯ୍ୟ ଯାଞ୍ଚ ପାଇଁ ପଠାଯାଉଛି। ଏନେଇ ସେମାନେ ଜିଲା ଆଭ୍ୟନ୍ତରୀଣ କମିଟି ନିକଟରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଭଳି ଆଚରଣ ଯୋଗୁ ସେମାନେ କାର୍ଯ୍ୟ କ୍ଷେତ୍ରରେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାପ୍ରସାଦ ବିଶ୍ୱାଳ ଗୁରୁବାର ତଦନ୍ତ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. କମଳାକାନ୍ତ ସ୍ୱାଇଁଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ସେ ଅବଗତ ଅଛନ୍ତି, ତଦନ୍ତ ପରେ ସତ ଜଣାପଡ଼ିବ ବୋଲି କହିଛନ୍ତି।

## କେନାଲରେ ବୁଡ଼ି ଯୁବକ ମୃତ

ଭଣ୍ଡାରିପୋଖରୀ,୭।୮(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ବୟାଁବନାପୁର ଗ୍ରାମର ପୀତାମ୍ବର ସେନାପତି (୨୩)ଙ୍କର ଗୁରୁବାର ହାଇଲେଭଲ କେନାଲରେ ବୁଡ଼ି ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ କୃଷି କାର୍ଯ୍ୟରୁ ଫେରି ଅପରାହ୍ନ ୩ଟା ବେଳେ ଶୌଚ ପାଇଁ କେନାଲକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ଼ ଖସିଯିବାରୁ ଗଭୀର ସ୍ରୋତରେ ବୁଡ଼ି ଯାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି କେନାଲରୁ ପୀତାମ୍ବରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମ୍ପର୍କୀୟ ଭାଇ ନିରଞ୍ଜନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଗୋଟିଏ ଘରକୁ ଦେଖାଇ ୨ ଥର ବିଲ୍

ବାସୁଦେବପୁର,୭।୮(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତର ତମ୍ବାଖଣ୍ଡି ଗ୍ରାମରେ ଗୋଟିଏ ଘରକୁ ଦେଖାଇ ଦୁଇଥର ବିଲ୍ କରାଯାଇଥିବା ବେଳେ ବିଡିଓଙ୍କ ନିକଟରେ ଅଭିଯୋଗ ପରେ ଘଟଣାର ତଦନ୍ତ କରାଯାଇଛି। ପ୍ରକାଶ ଯେ, ଗତ ମଙ୍ଗଳବାର ଗ୍ରାମବାସୀ ଏନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ୨୦୨୨-୨୩ରେ ଗ୍ରାମର ଜଣେ ମହିଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ନିର୍ମାଣ କରି ସରକାରୀ ସହାୟତା ପାଇଥିଲେ। ଏବେ ଗ୍ରାମର କେତେଜଣ ଲୋକ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆବେଦନ ଲାଗି ଯାଇଥିଲେ। ହେଲେ ପୂର୍ବରୁ ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ହୋଇ ବିଲ୍ ହୋଇଥିବା ଜଣାପଡ଼ିଥିଲା। ଗ୍ରାମବାସୀ ସୂଚନା ଅଧିକାର ଆଇନରେ ସୂଚନା ମାଗିବା ପରେ ଜଣାପଡ଼ିଥିଲା ଯେ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ୨୦୨୪ ଏପ୍ରିଲ ୯ରେ ବ୍ଲକରୁ ୧ ଲକ୍ଷ ୨୬ ହଜାର ୮୨୪ ଟଙ୍କାର କାର୍ଯ୍ୟାଦେଶ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟାଦେଶରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ ନ କରି ଉକ୍ତ ମହିଳାଙ୍କ ଆବାସ ଗୃହ କାନ୍ଥରେ ଫଳକ ଲେଖି ଫଟୋ ଉଠାଇ ଚଞ୍ଚକତା ପୂର୍ବକ ବିଲ୍ କରାଯାଇଛି। ଅଭିଯୋଗ ପରେ ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧିରାୟ ଉକ୍ତ ଗ୍ରାମରେ ପହଞ୍ଚି ତଦନ୍ତ କରିଥିଲେ। ନିର୍ମାଣ କାର୍ଯ୍ୟ ପୂର୍ବରୁ ଫିଜିବିଲିଟି ରିପୋର୍ଟ ଆବଶ୍ୟକ ଥିବାବେଳେ ତହସିଲଦାରଙ୍କଠାରୁ ରିପୋର୍ଟ ନିଆଯାଇ ନାହିଁ। ନିର୍ମାଣ ପୂର୍ବର ଜମିରେ ଫଟୋ ମଧ୍ୟ ନିଆଯାଇ ନାହିଁ। ଘଟଣାକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ବ୍ଲକ ପ୍ରଶାସନ ପକ୍ଷରୁ ଖୋଲାତାଡ଼ ଆରମ୍ଭ ହୋଇଥିଲା। ବୁଧବାର ସମ୍ପୃକ୍ତ ପିଇଓ ବିଲ୍ ହୋଇଥିବା ଟଙ୍କା ବ୍ଲକ କାର୍ଯ୍ୟାଳୟରେ ଫେରାଇଥିବା ସହକାରୀ ଯନ୍ତ୍ରୀ ସୁବୁଦ୍ଧିରାୟ କହିଛନ୍ତି।

## ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଛାତ୍ର, ଯୁବ ବିଜେଡିର ଦାବିପତ୍ର


ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାସୁଦେବପୁର,୭।୮
(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକିବା ପାଇଁ ବାସୁଦେବପୁର ଯୁବ, ଛାତ୍ର ବିଜେଡି ପକ୍ଷରୁ ଗୁରୁବାର ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକଙ୍କୁ ଏହି ଦାବିପତ୍ର ଦିଆଯାଇଛି। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରଥମେ ଅଟଳ ବିହାରୀ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଭେଟି ଛାତ୍ରୀଛାତ୍ରଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ସହ ଶୋଭାଯାତ୍ରାରେ ବାହାରି ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସଠାରେ ପଥପ୍ରାନ୍ତ ସଭାରେ ସେ କହିଥିଲେ, ନାରୀମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ କଂଗ୍ରେସ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି। ଆଗାମୀ ଦିନରେ ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଦେବଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ଛାତ୍ର ନେତା କାଳନ୍ଦୀ ସାହୁ, ପାରିଷଦ ମାନସ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଚିନ୍ମୟ ବାରିକ ଓ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଜ୍ଞାନ ବିଜ୍ଞାନ ମେଳା

ଧୁଷୁରୀ, ୭।୮(ଦୀପ୍ତିରଞ୍ଜନ ନାୟକ)

ଶିକ୍ଷା ବିକାଶ ସମିତି ଯୋଜନା ଆନୁକୂଲ୍ୟରେ ଚାନ୍ଦବାଲି ବ୍ଲକର ପହଣାଠାରେ ଥିବା ଆଖଣ୍ଡଳମଣି ସରସ୍ୱତୀ ଶିଶୁମନ୍ଦିରରେ ଗୁରୁବାର ପୂର୍ବାହ୍ନରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପହଣା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦିଲୀପ ଶେଖର ନାୟକ, ଜାଗୁଳାଇ ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ସାହୁ ଓ ଶିଶୁମନ୍ଦିର ସମ୍ପାଦକ ସ୍ୱାଧୀନ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ପର୍ଯ୍ୟବେକ୍ଷକ ଭାବେ ବାତୋଳ ବିଏସ୍‌ଏସ୍ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପଙ୍କଜ କୁମାର ସାହୁ ଓ ସୁନ୍ଦରପୁର ଦଧିବାମନଜୀଉ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସେମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନର ଉପକାରିତା ବିଷୟରେ କହିଥିଲେ। ୬୦ରୁ ଅଧିକ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନଗୁରୁଜୀ ବିଭୂତି ଭୂଷଣ ବିଶ୍ୱାଳ, ନିରଞ୍ଜନ ସାହୁ, ଗୁରୁମା' ଗାୟତ୍ରୀ ସାହୁ, ନିବେଦିତା ବେହେରା, ସମାପିକା ନାୟକ, ସୁଚରିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

## ହସ୍ତଶିଳ୍ପ ବିକାଶ, ଉନ୍ନୟନ ପରିଷଦ କାର୍ଯ୍ୟକାରୀ ଦାବି

ଭଦ୍ରକ,୭।୮
(ସନାତନ ରାଉତ/ରବିନାରାୟଣ ଖିଲାର)



ଶିଳ୍ପୀ ମହାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡ଼ିଶା ହସ୍ତତନ୍ତ ଏବଂ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ କାର୍ଯ୍ୟକାରୀ ପାଇଁ ଓଡ଼ିଶା ଶିଳ୍ପୀ ମହାସଂଘର ଭଦ୍ରକ ଶାଖା ପକ୍ଷରୁ ଦାବି କରାଯାଇଛି। ଏନେଇ ସଂଘ ପକ୍ଷରୁ ଏକ ଦାବିପତ୍ର ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପୂର୍ବ ସରକାରଙ୍କ ସମୟରୁ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାରେ ଯୋଗ୍ୟ ହସ୍ତଶିଳ୍ପୀ, ବୁଣାକାରଙ୍କୁ ଯଥାଶୀଘ୍ର ସହାୟତା ପ୍ରଦାନ, ମାସିକ ସହାୟତା ରାଶିକୁ ୨ ହଜାରରୁ ୫ ହଜାରକୁ ବୃଦ୍ଧି ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

ବନ୍ତଛକଠାରୁ କାରିଗର ଓ ବୁଣାକାରମାନେ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି, ସମ୍ପାଦକ ପ୍ରିୟରଞ୍ଜନ କର, ସଙ୍ଗଠନ ସମ୍ପାଦିକା ସରୋଜିନୀ ଦାସ, ଭଦ୍ରକ ଜିଲା ସଭାପତି ଆନନ୍ଦ ନାୟକ, ତପନ ମହାରଣା, ଗୌରାଙ୍ଗ ବେହେରା, ଅଚ୍ୟୁତ ଗିରି, ତପଜ୍ୟୋତ୍ସ୍ନା ଗିରି, ଗୌତମ ସୂତାର, ଶ୍ରୀନିବାସ ବେହେରା, କଣ୍ଠ ମାଝୀ, ରାଜକିଶୋର ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନାରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ୨ ହଜାର ଟଙ୍କା ପାଉଛନ୍ତି। ପରିତାପର ବିଷୟ ଏଯାଏ ଜଣେ ହେଲେ ବି ହସ୍ତଶିଳ୍ପୀ ଏହି ଯୋଜନାରୁ ଲାଭ ପାଉନାହାନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ୪୦ବର୍ଷର ମହିଳା, ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ସେହିପରି ଓଡ଼ିଶା ଶିଳ୍ପୀ ମହାସଂଘର ଉଦ୍ୟମରେ ଗଠିତ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଓଡ଼ିଶା ଶିଳ୍ପୀ ଓ ବୁଣାକାରମାନେ ଆମ ପାରମ୍ପରିକ କଳା କାରିଗରୀକୁ ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତେବେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ମନୋଭାବକୁ ନେଇ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

# ପ୍ରତି ଶୁକ୍ରବାର, ମାସର ଚତୁର୍ଥ ଶନିବାର ପରିଧାନ ଲାଗି ନିଷ୍ପତ୍ତି

## ଏଫ୍ଏମ୍ୟୁରେ ଜାତୀୟ ହସ୍ତତନ୍ତ ଦିବସ

ବାଲେଶ୍ୱର, ୭।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ୧୧ତମ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତନିୟନ୍ତ୍ରକ କରନ ସୋରେନ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ରାୟଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଏହି ଦିବସର ସ୍ୱାତନ୍ତ୍ର୍ୟକୁ ପରିପ୍ରକାଶ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ହସ୍ତତନ୍ତ ଶାଢ଼ୀ ଓ ବସ୍ତ୍ରରେ ପ୍ରସ୍ତୁତ ପୋଷାକ ପରିଧାନ କରି ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲେ।



ହସ୍ତତନ୍ତ ପୋଷାକରେ କୁଳପତିଙ୍କ ସହ ଅନ୍ୟମାନେ।

ବିଶ୍ୱବିଦ୍ୟାଳୟ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ମୁତାବକ ସପ୍ତାହର ପ୍ରତି ଶୁକ୍ରବାର ଓ ମାସର ଚତୁର୍ଥ ଶନିବାର ପ୍ରତ୍ୟେକଙ୍କୁ ହସ୍ତତନ୍ତ ବସ୍ତ୍ରରେ ନିର୍ମିତ ପୋଷାକ ପରିଧାନ ନିମନ୍ତେ କୁହାଯାଇଛି। ଯାହା ବୁଣାକାର କାରିଗର ଓ ଶିଳ୍ପୀଙ୍କ ନିମିତ୍ତ ବୃହତ୍ ସମର୍ଥନ ପ୍ରଦାନ କରିବାରେ ସହାୟକ ହେବ। ଏହି ଅଭିଯାନ ମାଧ୍ୟମରେ ହସ୍ତତନ୍ତ ଓ ବୟନ ଶିଳ୍ପକୁ ପୁନଃ ଚେତନା ଦେଇ ଏହାକୁ କାରିଗରମାନଙ୍କ ସ୍ଥାୟୀ ଆର୍ଥିକ ଉତ୍ସ ରୂପେ ଉନ୍ନତି ଆଣିବା ଆଶାପୋଷଣ କରାଯାଇଛି।

# ଆଜି ଲକ୍ଷାଧିକ କାଉଡିଆଙ୍କ ଜଳଲାଗି

ଭୋଗରାଇ, ୭।୮ (ପ୍ରଦୀପ ଦାସ)

ଶ୍ରାବଣ ପୂର୍ଣ୍ଣିମା ଅବସରରେ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ଓ ଏସିଆର ସର୍ବବୃହତ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଶୁକ୍ରବାର ଲକ୍ଷାଧିକ କାଉଡିଆଙ୍କ ଜଳାଭିଷେକ ଲାଗି ଓଡିଶା ସମେତ ଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଦୁଇ ଟ୍ରଷ୍ଟବୋର୍ଡ଼ ଓ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ. ରାଜପଥରେ ଶତାଧିକ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ କାଉଡିଆଙ୍କ ସେବା ଶୁଶ୍ରୂଷା ଲାଗି ଅସ୍ଥାୟୀ କ୍ୟାମ୍ପ ପ୍ରସ୍ତୁତି କରି ସାରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ବୋଲି ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖାରେ ନଦୀର ରାଜଘାଟ ଓ ପନ୍ତେଇ ନଦୀଘାଟରେ ପୋଲିସ ଓ ଓଡ୍ରାଫ ଟିମ ମୁତୟନ ହେବା ସହ ଚନ୍ଦନେଶ୍ୱର ବିଜୁପଟ୍ଟନାୟକ ଗୋଲେଇଠାରୁ ମନ୍ଦିର ପର୍ଯ୍ୟନ୍ତ ବାରିକେଡ କରାଯାଇ ଧାଡିକିଆ ଦର୍ଶନ ଓ ଜଳାଭିଷେକ କରାଯିବାର ନିଷ୍ପତ୍ତି ହୋଇଛି।

ଅପରପକ୍ଷରେ କାଉଡିଆଙ୍କ ଚନ୍ଦନେଶ୍ୱର ମହାଦେବ ମନ୍ଦିର ପରିସରକୁ ପ୍ରବେଶ ନିମନ୍ତେ ୧୦ଟଙ୍କା ଟିକେଟ ଧାର୍ଯ୍ୟ କରାଯାଇଥିବା ବେଳେ ରାତି ସାଢେ ୮ଟାରେ ମନ୍ଦିର କବାଟ ଖୋଲାହେବ ହେବ ବୋଲି ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ନାୟକ, ମୌରସୀ ତପନ କୁମାର ପଣ୍ଡା ଓ ଉପମୌରସୀ ବୁଦ୍ଧଦେବ ପଣ୍ଡା ସୂଚନା ଦେଇଛନ୍ତି। ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ବିଦ୍ୟୁତ ଆଲୋକ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି। ୮ ଓ ୯ ତାରିଖ ୨ ଦିନ ପର୍ଯ୍ୟନ୍ତ ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ମହାଦେବ ମନ୍ଦିରରେ ଜଳାଭିଷେକ ଲାଗି ଶ୍ରଦ୍ଧାଳୁଙ୍କୁ ସମସ୍ତ ପ୍ରକାର ସହଯୋଗ କରିବାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଅନନ୍ତ ଦାସ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଅଭିଜିତ ଦାସ ସହଯୋଗ କାମନା କରିଛନ୍ତି।

## ଅଧ୍ୟାପକଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା

ବାହାନଗା, ୭।୮ (ଅରୂପ କୁମାର ଦାସ): ବାହାନଗା ବ୍ଲକ ଖରାସାହାପୁର ଗ୍ରାମର ଅଧ୍ୟାପକ ନଗେନ୍ଦ୍ର ଚନ୍ଦ୍ର ଯେନାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଅଧ୍ୟାପକ ଯେନା ଅଭଣା ବେଲାଭୂମି ମହାବିଦ୍ୟାଳୟରେ ଚାକିରି କରିଥିଲେ। କ୍ୟାନ୍ସର ରୋଗରେ ଆକ୍ରାନ୍ତ ହୋଇ ଗତ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ତାଙ୍କର ଏକାଦଶାହରେ ଖରାସାହାପୁର ଗ୍ରାମରେ ଏକ ସ୍ମୃତିଚାରଣ ସଭା କରାଯାଇଥିଲା। ଏଥିରେ ବେଲାଭୂମି କଲେଜ ଅଧ୍ୟାପକ ସୃଷ୍ଟିଧର ପଣ୍ଡା ସଭାପତିତ୍ୱ କରିଥିଲେ। ପୂର୍ଣ୍ଣଚନ୍ଦ୍ର ମହାଳିକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ବିଦ୍ୟାସାଗର ନାୟକ, ସୁଧାକର ନାୟକ, ମକରଧର ଯେନା, ରବୀନ୍ଦ୍ର ବାରିକ, ବଂଶୀଧର ବାରିକ, ରାଜେଶ ସାହୁ ଓ ଯୋଗେଶ ଯେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଅଧ୍ୟାପକ ଜଣେ ଉତ୍ତମ ଓ ଆଦର୍ଶ ଶିକ୍ଷକ ଭାବେ ସମସ୍ତେ ମନେ ରଖିବେ। ସେ କଲେଜରେ ସମସ୍ତ ଛାତ୍ରୀଛାତ୍ର, ସହଯୋଗୀ ଅଧ୍ୟାପକମାନଙ୍କର ଦିଗ୍‌ଦର୍ଶକ ଓ ଅନୁଷ୍ଠାନପ୍ରେମୀ ଥିଲେ। ଶେଷରେ ଅଜିତ ମହାଳିକ ଧନ୍ୟବାଦ ଦେଇଥିଲେ।

# ୨୬ କିଲୋ ଗଞ୍ଜେଇ ସହ ୫ ଲକ୍ଷ ଜବତ



ଜବତ ଗଞ୍ଜେଇ, ଟଙ୍କା ସହ ଗିରଫ ଅଭିଯୁକ୍ତ।

ବାଲେଶ୍ୱର, ୭।୮ (ବାଞ୍ଛାନିଧି ଦେ)

## ଭ୍ରାମ୍ୟମାଣ ଅବକାରୀ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ

## ୩ ବେପାରୀ ଗିରଫ

ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ହଳଦୀପଦା ଏବଂ ବାମପଦା ନିକଟରୁ ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ବେପାରୀ ହେଲେ ଗଞ୍ଜାମ ଅଞ୍ଚଳର ଶିବାଲୁ ଶଙ୍କର ଦୋରା, ସନ୍ତୋଷ କୁମାର ସାହୁ, ଅବିନାଶ ବେହେରା। ସେମାନଙ୍କ ନିକଟରୁ ୨୬କିଲୋ ଗଞ୍ଜେଇ ସହ ୫ଲକ୍ଷ ଟଙ୍କା ଜବତ ହୋଇଛି। ଏନେଇ ବିଭାଗ ପକ୍ଷରୁ ଦୁଇଟି ଭିନ୍ନ ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ବସ୍ତା ଥାନା ଓ ସଦର ଥାନା ଅଞ୍ଚଳରେ ବ୍ୟାପକ ଗଞ୍ଜେଇ କାରବାର ହେଉଥିବା ନେଇ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ବସ୍ତା ଥାନା ଅଧୀନ ହଳଦୀପଦା ଏବଂ ସଦର ଥାନା ଅଧୀନ ବାମପଦାଠାରେ ଚଢାଉ ହୋଇଥିଲା। ଜବତ ଜବତ ଗଞ୍ଜେଇର ମୂଲ୍ୟ ୨ଲକ୍ଷ ୬୦ହଜାର ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ହରିହର ସିଂ, ଏସ୍ଆଇ ଭବେଶ ଦାସ ଓ ଭକ୍ତ ଚରଣ ସ୍ୱାଇଁ, ଏଏସ୍ଆଇ ଦୁର୍ଯ୍ୟୋଧନ ବେହେରା, ଅନିକ ସାତୁଆ, କନଷ୍ଟେବଲ ମୀନତି ପରିଡ଼ା, ବିଦ୍ୟାଧର ବିନ୍ଧାଣୀ ଏବଂ ସୁନାରାମ ସୋରେନ ପ୍ରମୁଖ ସାମିଲ ଥିଲେ।

## ୧୫ରେ କାର୍ଯ୍ୟବନ୍ଦ ଚେତାବନୀ

ସୋର, ୭।୮ (ଜନ୍ମେଜୟ ମିଶ୍ର): ରାଜ୍ୟରେ ଥିବା ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ତା୧।୬।୨୦୦୮ରୁ ତା୧।୬।୨୦୧୮ରିଖ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରାଯାଇନାହିଁ। ଯାହାକୁ ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସରଅକାରଙ୍କ ପକ୍ଷରୁ କେବଳ ପ୍ରତିଶ୍ରୁତି ଛଡା କୌଣସି ସମାଧାନ ହୋଇପାରିନାହିଁ। ଆସନ୍ତା ୧୫ତାରିଖ ମଧ୍ୟରେ ଏହି ସମସ୍ୟାର କୌଣସି ସମାଧାନ ନ ହେଲେ ଓ ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ବୁଧବାର ସୋର କଲେଜ ଛକସ୍ଥିତ ଏମ୍ସ ଟ୍ୟୁଟୋରିଆଲ ସଭାଗୃହ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଜିଲା ସଂଯୋଜକ ତାପସ କୁମାର ପାତ୍ର ସୁବାଷ ଚନ୍ଦ୍ର ରାଉତ ଓ ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ମହାପାତ୍ର ଚେତାବନୀ ଦେଇଛନ୍ତି।

# ୫ଶହରୁ ଊର୍ଦ୍ଧ୍ୱ ପରିବାରକୁ ରିଲିଫ ପ୍ରଦାନ

କାଳିପଦା, ୭।୮ (ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକରେ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକଙ୍କ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି। ପ୍ରଭାବିତ ୫ଟି ପଞ୍ଚାୟତର ଲୋକଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ଆର୍ମ, ଖ୍ରୀଷ୍ଟିଆନଏଡ୍ର ତଥା ସିୟାଏସ୍ଡି ଭୁବନେଶ୍ୱରର ମିଳିତ ଉଦ୍ୟମରେ ୫ଶହରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଗୁରୁବାର ଆର୍ମ ସ୍ୱେଚ୍ଛାସେବୀ ସଙ୍ଗଠନ ପରିସର ମଧ୍ୟରେ ରିଲିଫ ଯୋଗାଇ ଦିଆଯାଇଛି। ୫ଶହ ପରିବାର ମଧ୍ୟରୁ ୩ଶହ ପରିବାରକୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୪ହଜାର ଲେଖାଏଁ ଟଙ୍କା ସହାୟତା ଆକାରରେ ଦିଆଯାଇଛି। ସେହିପରି ଅନ୍ୟ ୨ଶହ ପରିବାରଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ୟାକେଟ ଯୋଗାଇ ଦିଆଯାଉଛି। ରିଲିଫରୁ ବଞ୍ଚିତ ଥିବା ଲୋକମାନଙ୍କୁ ରିଲିଫ ଯୋଗାଇଦେବା ପାଇଁ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନକୁ ସାମାଜିକ କର୍ମୀ ପ୍ରତାପ କୁମାର ପାତ୍ର ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆର୍ମ ସଙ୍ଗଠନର ଉଦ୍ୟୋକ୍ତା ରାଜେନ୍ଦ୍ର ରଣା, ସଂସ୍ଥାର ପ୍ରୋଗ୍ରାମ ଅଫିସର ଶୁଭମ୍ ନାୟକ, ଅସ୍ତି ସରପଞ୍ଚଙ୍କ ସ୍ୱାମୀ ହରେକୃଷ୍ଣ ଜେନା ଓ ସୌମ୍ୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ରିଲିଫ ବଣ୍ଟନ କରାଯାଉଛି।

## ନାରୀ ସୁରକ୍ଷା ପାଇଁ ଦାବିପତ୍ର

କାଳିପଦା, ୭।୮ (ରାଜଶ୍ରୀ ପାଣିଗ୍ରାହୀ)- ସମଗ୍ର ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କ ଉପରେ ନିର୍ଯାତନା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାକୁ ଲାଗିଛି। ଏହାର ପ୍ରତିବାଦରେ ବାଲିଆପାଳ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବାଲିଆପାଳ ଥାନାରେ ଉପସ୍ଥିତ ହୋଇ ଏକ ଦାବିପତ୍ର ଡିଜିପି ୱାଇ.ବି. ଖୁରାନିଆଙ୍କ ଉଦ୍ଦେଶ୍ୟରେ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବାଲିଆପାଳ ବ୍ଲକ ବିଜେଡିର ବ୍ଲକ ସଭାପତି ଗୋବିନ୍ଦ ଦାସ, ଯୁବ ସଭାପତି ସଂଗ୍ରାମ ପରିଡ଼ା, ଛାତ୍ର ସଭାପତି ସୁଶାନ୍ତ ବେହେରା, ଯୁବ ନେତା ଶ୍ରୀକାନ୍ତ ଜେନା, ରାଜେଶ ପାତ୍ର, ସୁଶାନ୍ତ ପାତ୍ରଙ୍କ ସମେତ କୃଷ୍ଣ ଚନ୍ଦ୍ର ଯୋଗାଇ ମହାବିଦ୍ୟାଳୟ ଓ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପାଚିକା ନିଯୁକ୍ତି ଚୟନ ପ୍ରକ୍ରିୟାରେ ଅନିୟମିତତା

## ଜିଲାପାଳ, ବିଇଓଙ୍କ ନିକଟରେ ଅଭିଯୋଗ

ଜଳେଶ୍ୱର, ୭।୮ (ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ)

ଜଳେଶ୍ୱର ବ୍ଲକ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଚିକା ନିଯୁକ୍ତି ପାଇଁ ହୋଇଥିବା ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା କେତେକ ଗ୍ରାମବାସୀ ଓ ୨ ଜଣ ଆବେଦନକାରୀ ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ବାଲେଶ୍ୱର ଜିଲାପାଳଙ୍କ ସହ ଜଳେଶ୍ୱର ବିଇଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ ଗତ ଜୁଲାଇ ୮ରେ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ ଜଣ ପାଚିକା ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ସେହି ଅନୁସାରେ ବହୁ ସଂଖ୍ୟାରେ ପ୍ରାର୍ଥିନୀ ଏହି ପାଚିକା ପଦବୀ ପାଇଁ ଆବେଦନ କରିଥିଲେ। ତେବେ ପାଚିକା ଚୟନ ସମୟରେ ଆବେଦନକାରୀଙ୍କ ଆବେଦନପତ୍ର ସହ ସେମାନେ ଦାଖଲ କରିଥିବା ଡକ୍ୟୁମେଣ୍ଟକୁ ଠିକ୍ ଭାବେ ଯାଞ୍ଚ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଏପରିକି ବିଧବା ମହିଳାଙ୍କୁ ଏହି ପଦବୀ ପାଇଁ ଅଗ୍ରାଧିକାର ଦେବାକୁ ସରକାରୀ ନିୟମ ଥିବାବେଳେ ଏଠାରେ ଏହି ନିୟମକୁ ଉଲ୍ଲଘଂନ କରାଯାଇଛି ବୋଲି ଗ୍ରାମର ଜଗଦୀଶ ପ୍ରଧାନ, ଚନ୍ଦନ କୁମାର ଦତ୍ତ, ସତ୍ୟରଞ୍ଜନ ରଣା, ଡଲି ବାରିକ, ଧୀରେନ୍ଦ୍ର ଘଡ଼ାଇ, ପୁଷ୍ପଲତା ଭୂୟାଁ, ବିଶ୍ୱଜିତ ରଣା, ମମତା ଜେନା, ମଧୁସୂଦନ ଦେ, ରାମ ଶଙ୍କର ସାହୁ, ଅଜୟ ରାଉଳ ଓ ତପନ ଧଳ ପ୍ରମୁଖ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ପାଚିକା ପଦବୀ ପାଇଁ ୨ ଆବେଦନକାରିଣୀ ଅରୁପାରାଣୀ ଜେନା ଓ କବିତା ବାରିକ ମଧ୍ୟ ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଜଳେଶ୍ୱର ବିଇଓଙ୍କଠାରେ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି।

# ଶବ ବ୍ୟବଚ୍ଛେଦ ନେଇ ଉତ୍ତେଜନା

## ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

ସୋର, ୭।୮ (ଜନ୍ମେଜୟ ମିଶ୍ର)

ଘରୋଇ କଳିରୁ ସୋର ପୌରପାଳିକା ଅଧୀନ ଡୁଣ୍ଡପଡା ଗ୍ରାମର ଜଣେ ନବବଧୂ ବେକରେ ଆପ୍ରୋନ ବାନ୍ଧି ଆତ୍ମହତ୍ୟା କରିଥିଲେ। ଗୁରବାର ସୋର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଗୁରବାର ବ୍ୟବଚ୍ଛେଦ ହୋଇପାରି ନ ଥିବା ଜଣାପଡ଼ିଛି।

ଏହି ଗ୍ରାମର ହିମାଂଶୁ ବେହେରା ରେଳ ବିଭାଗରେ ଇଞ୍ଜିନିୟର ଭାବେ କାମ କରୁଥିବା ବେଳେ ଗତ ମାର୍ଚ୍ଚ ୬ ତାରିଖରେ ବାହାନଗା ବ୍ଲକ ବାଜିପୁର ଗ୍ରାମର ସସ୍ମିତା ଦାସଙ୍କୁ ବିବାହ କରିଥିଲେ। ବୁଧବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ସସ୍ମିତା ଶୋଇବା ଘର ଫ୍ୟାନରେ ବେକରେ ଆପ୍ରୋନ ବାନ୍ଧି ଝୁଲିପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଥିଲେ। ମହିଳାଙ୍କ ମା' ସୁକାନ୍ତି ଦାସ ତାଙ୍କ ଝିଅକୁ ଅଧିକ ଯୌତୁକ ଦାବି କରି ତାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ମାରିଦେଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୬୧୮/୨୫) ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁରବାର ସକାଳେ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଡୁଣ୍ଡପଡ଼ା ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିବା ପରେ ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ମହିଳାଙ୍କ ବାପାଘର ପକ୍ଷରୁ ବାଲେଶ୍ୱରରେ ଶବ ବ୍ୟବଚ୍ଛେଦ ପାଇଁ ଦାବି କରିଥିବା ବେଳେ ଶ୍ୱଶୁର ଘର ଲୋକେ ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ଘରକୁ ନେବାକୁ ଚାହିଁଥିଲେ। ଫଳରେ ସୋର ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ସଦଳବଳେ ଡାକ୍ତରଖାନାରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରି ଅପରାହ୍ନ ୪ଟା ୩୦ରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# 'ଫାଇଲେରିଆକୁ ସମୂଳେ ନାଶ ପାଇଁ ସବୁସ୍ତରରେ ଉଦ୍ୟମ ଆବଶ୍ୟକ'

ବାଲିଆପାଳ, ୭।୮ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରୁ ଫାଇଲେରିଆକୁ ସମୂଳେ ନାଶ କରିବା ପାଇଁ ସମସ୍ତଙ୍କୁ ଫାଇଲେରିଆ ଔଷଧ ଖାଇବା ଦରକାର। ଏହି ଔଷଧ ସେବନରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ସବୁସ୍ତରରେ ସମସ୍ତେ ଏହି ସାର୍ବଜନୀନ କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଇବା ପାଇଁ ଖବରଦାତାମାନଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ବାଲିଆପାଳ ସ୍ୱାସ୍ଥ୍ୟ ବିଭାଗ ନିବେଦନ କରିଛନ୍ତି। ଏନେଇ ଗୁରୁବାର ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି ଯେ, କେବଳ ବାଲିଆପାଳ ବ୍ଲକରେ ମଧୁପୁରା ପଞ୍ଚାୟତର ପଞ୍ଚରୁଖୀ ଓ ବେତଗଡ଼ିଆ ପଞ୍ଚାୟତର କାଳିଆଖିଆ ଅଞ୍ଚଳରୁ ୬ ଜଣଙ୍କ ମଧ୍ୟରେ ଫାଇଲେରିଆର ନୂଆ ଭୂତାଣୁ ରହିଥିବା ସୂଚନା ମିଳିଛି। ଓଡ଼ିଶା ପରେ କେରଳରେ ଏକ ଗ୍ରାମରେ ଏହି ଭୂତାଣୁ ରହିଛି। ଏତଦ୍‌ବ୍ୟତୀତ ଭାରତରେ ଅନ୍ୟ କୌଣସି ରାଜ୍ୟରେ ଏହି ଭୂତାଣୁ ଦେଖିବାକୁ ମିଳିନାହିଁ ବୋଲି ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କହିଥିଲେ। ବାଲିଆପାଳ ବ୍ଲକକୁ ଫାଇଲେରିଆମୁକ୍ତ କରିବା ପାଇଁ ଆଗାମୀ ୧୦ରୁ ୧୯ ତାରିଖ ମଧ୍ୟରେ ହେବାକୁ ଥିବା ଫାଇଲେରିଆମୁକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟକର୍ମୀଙ୍କ ସମ୍ମୁଖରେ ଫାଇଲେରିଆ ଔଷଧ ଖାଇବାକୁ ନିବେଦନ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ପ୍ରୀତମ ସାହୁ, ବାଲେଶ୍ୱର ମୁଖ୍ୟ ଚିକିତ୍ସାକେନ୍ଦ୍ରର ଏଡିପିଏଚଓ ଡା. ସଞ୍ଜିପ ପ୍ରଧାନ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଉତ୍ତର ଓଡ଼ିଶା ଜୋନ ମୁଖ୍ୟ ବିଶ୍ୱପ୍ରକାଶ ଦତ୍ତ, ଭିବିଡ଼ି ପରାମର୍ଶଦାତା ସୁପ୍ରିୟା ପାଢ଼ୀ, ବାଲିଆପାଳ ପିଏଚ୍ଇଓ ଝୁଣାବାଳା ଦେ, ଭିବିଡ଼ି ଟେକ୍ନିକାଲ ସୁପରଭାଇଜରର ସ୍ୱୟଂପ୍ରଭା ସାହୁ, ବିପିଏମ୍ ବିଶ୍ୱଜିତ ଦାସ, ସ୍ୱାସ୍ଥ୍ୟ ସୁପରଭାଇଜର ରମାନାଥ କର ପ୍ରମୁଖ ଉପସ୍ଥିତ ରହି ବାଲିଆପାଳ ଅଞ୍ଚଳକୁ ଫାଇଲେରିଆମୁକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ।

# ଅଭିଯୋଗ ପରେ ବନ୍ଦ ରହିଲା ଛାତ ଢଳେଇ

## ଡୁଙ୍ଗୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ ନିମ୍ନମାନର

ଖଇରା, ୭।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ପାଇଁ ବୁଧବାର ଛାତ ଢଳେଇ ପଡିବା କଥା, ହେଲେ ଗ୍ରାମବାସୀଙ୍କ ଅନିୟମିତତା ଅଭିଯୋଗ ସହ ତୀବ୍ର ବିରୋଧ ପରେ ଛାତ ଢଳେଇ କାର୍ଯ୍ୟ ବନ୍ଦ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ପାଇଁ ୭୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଡିସେମ୍ବର ୨୩ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଫାଉଣ୍ଡେଶନ ଖୋଳା ହେବାଠାରୁ ଗ୍ରେଡବିମ୍ ପଡିବା ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏବେ ପୁଣିଥରେ ଛାତକାମ ମଧ୍ୟ ବେପରୁଆ ଢଙ୍ଗରେ ହେଉଥିବାରୁ ଗ୍ରାମବାସୀ ବିରୋଧ କରିବାକୁ ବାଧ୍ୟ ହୋଇଛନ୍ତି।



ଡୁଙ୍ଗୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ।



ଛାତ ଢଳେଇ ପାଇଁ ବନ୍ଧା ଯାଇଥିବା ରଡ୍।

ଅଭିଯୋଗ ଅନୁଯାୟୀ, ଏହି ଛାତ ପାଇଁ ତଳେ ଦୁର୍ବଳ ସେଣ୍ଟରିଂ କରାଯିବା ତଥା ଆବଶ୍ୟକତା ଉଚ୍ଚତାସମ୍ପର୍ଣ୍ଣ ବାଉଁଶ ଦିଆଯିବା ପରିବର୍ତ୍ତେ ବାଲି, ଇଟା ଉପରେ ଅଳ୍ପ ଉଚ୍ଚତାର ବାଉଁଶ ଦିଆଯାଇଥିବାରୁ ଛାତ ଢଳେଇର ମାନ ଉପରେ ଗ୍ରାମବାସୀ ପ୍ରଶ୍ନ ଉଠାଇ ଏହାକୁ ବନ୍ଦ ରଖିଛନ୍ତି । ସେହିଭଳି ଏଷ୍ଟିମେଟ ଅନୁଯାୟୀ ଛାତରେ ରଡ ବନ୍ଧାଯାଇନାହିଁ। ଏ ବିଷୟରେ କାମ କରୁଥିବା ଶ୍ରମିକ ଓ ମିସ୍ତ୍ରୀମାନେ ମଧ୍ୟ ସ୍ୱୀକାର କରିଛନ୍ତି। ଏହାଛଡା ବ୍ୟବହୃତ ବାଲି, ଚିପ୍ସ ଭଳି କଞ୍ଚାମାଲ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା କୁହାଯାଉଛି। ଏହି କାର୍ଯ୍ୟ ଯେଉଁଭଳି ଭାବେ ଚାଲିଛି ତାହା କ୍ଷଣସ୍ଥାୟୀ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରା ଚାଲିଥିବା ଏଭଳି ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର ବୋଲି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଝିଙ୍କରିଆ ଗ୍ରାମର କୈଳାସ ମାଝି ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସ୍ୱାସ୍ଥ୍ୟମିଶନର କନିଷ୍ଠ ଯନ୍ତ୍ରୀ ରୁବି ଖାତୁନଙ୍କୁ ଯୋଗାଯୋଗ କରିବାରେ ଛାତ ପାଇଁ କରାଯାଇଥିବା ସେଣ୍ଟ୍ରିଂ କାର୍ଯ୍ୟକୁ ଆଉଥରେ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

# ଦୁର୍ଘଟଣାରେ ଯୁବକ ମୃତ

ବୈଶିଙ୍ଗା,୭।୮(ରତନ ଦାଶ)– ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବେଲାଣପୁରା ନିକଟରେ ଗୁରୁବାର ଅପରାହ୍ନ ୨ଟା ୪୦ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସୂଚନା ମୁତାବକ, ଖୁଣ୍ଟା ଅଞ୍ଚଳର ୨ ସାଙ୍ଗ ଶରତ ଜେନା (୨୧) ଓ ସମୀର ମହୁଆଳ(୧୯) ବାଇକ୍ ଯୋଗେ ଦ୍ରୁତ ଗତିରେ ବୈଶିଙ୍ଗାରୁ ଖୁଣ୍ଟା ଅଭିମୁଖେ ଯାଉଥିବା ବେଳେ ବେଲାଣପୁରା ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକ ସମୀରଙ୍କ ମୃତ୍ୟୁ ହୋଇଥିଲା ବେଳେ ଶରତ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ. ୩୧୫/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ଗ୍ରେଡେଶନ ତାଲିକାକୁ ନେଇ ବଢୁଛି ଅସନ୍ତୋଷ

ବାରିପଦା,୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ପ୍ରତି ଅବହେଳା ପ୍ରଦର୍ଶନ ନେଇ ଉଦ୍‌ବେଗ ପ୍ରକାଶ ପାଉଛି। ଛାତ୍ରବୃତ୍ତି ପ୍ରଦାନଠାରୁ ଆରମ୍ଭ କରି ଶିକ୍ଷକ ବଦଳି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହେବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଅନୁସୂଚୀତ ଜାତି ଓ ଜନଜାତି ଏବଂ ସଂଖ୍ୟାଲଘୁ ବିଭାଗର କାର୍ଯ୍ୟକଳାପକୁ ନେଇ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ରାଷ୍ଟ୍ରପତି, ବିଭାଗୀୟ କମିଶନର ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ ପୂର୍ବକ ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ବଦଳି କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଜିଲାରେ ଥିବା ମହାବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନ କରୁଥିବା ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ରମାନେ ଚଳିତ ଶିକ୍ଷାବର୍ଷରେ ଛାତ୍ରବୃତ୍ତି ପାଇବାରୁ ବଞ୍ଚିତ ରହିଛନ୍ତି। ଫଳରେ ଅର୍ଥାଭାବରୁ କଲେଜଗୁଡ଼ିକରେ ଆଡମିଶନ, ରି-ଆଡମିଶନ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଜିଲାପାଳଙ୍କୁ ଭେଟି ଏହାର ସମାଧାନ ଦିଗରେ ଦାବି କରୁଛନ୍ତି। ସେହିପରି ଜିଲାରେ ଥିବା ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁ ଶିକ୍ଷକ ବଦଳିରେ ବ୍ୟାପକ ଅନିୟମିତତା ହୋଇଛି। ଗ୍ରେଡେଶନ ତାଲିକା ପ୍ରକାଶ କରା ନ ଯାଇ ମନମୁଖୀ ଭାବେ ଅଦଳବଦଳ କରାଯାଇଛି। ଏପରିକି କେତେକ ସ୍କୁଲରେ ଶିକ୍ଷକଙ୍କ ଘୋର ଅଭାବ ପରିଲକ୍ଷିତ ହୋଇଥିବା ବେଳେ ବାରିପଦା ଉପଖଣ୍ଡ ଅଞ୍ଚଳର ଅନେକ ବିଦ୍ୟାଳୟରେ ଆବଶ୍ୟକତାଠାରୁ ଢେର ଅଧିକ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି । ହାଇସ୍କୁଲସ୍ତରରୁ କଳା ଓ ବିଜ୍ଞାନ ଶିକ୍ଷକମାନଙ୍କୁ ଆଣି ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଅବସ୍ଥାପିତ କରାଯାଇଛି। ଫଳରେ କଳା ଓ ବିଜ୍ଞାନ ବିଷୟ ପଦବୀଗୁଡ଼ିକ ଖାଲି ପଡ଼ିଥିବାରୁ ଛାତ୍ରୀଛାତ୍ରମାନେ ଏହି ବିଷୟ ଭିତ୍ତିକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ୫ମାସ ପରେ ମାଟ୍ରିକ ପରୀକ୍ଷା ହେବାକୁ ଥିବା ବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୧୦୧ଟି ଆଶ୍ରମ ବିଦ୍ୟାଳୟରେ ୩୩ଟି ଟ୍ରେଣ୍ଡ ଗ୍ରାଜୁଏଟ ପଦବୀ ରହିଛି। ଅବଶିଷ୍ଟ ୬୮ଟି ପ୍ରଧାନ ସେବକ ପଦବୀ ରହିଥିବା ବେଳେ ଦୀର୍ଘ ୧୨ବର୍ଷ ଧରି ସେମାନଙ୍କ ପଦୋନ୍ନତି କରାଯାଇ ନାହିଁ। ତେବେ ବିଭାଗ ପକ୍ଷରୁ ଗ୍ରେଡେଶନ ତାଲିକା ପ୍ରକାଶ କରାଯିବା ସହିତ କାଉନସେଲିଂ କରାଯାଇ ପଦୋନ୍ନତି ଦେବାକୁ ଭଞ୍ଜସେନା ପ୍ରତିଷ୍ଠାତା ଜେନା ଦାବି କରିଛନ୍ତି। ସେହି ବିଦ୍ୟାଳୟଗୁଡ଼ିକରେ ଫାଙ୍କା ପଡ଼ିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ କମିଟି ମାଧ୍ୟମରେ କାଉନସେଲିଂ କରାଯାଇ ନିଯୁକ୍ତି କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ, ପଡ଼ୋଶୀ ଜିଲା କେନ୍ଦୁଝରରେ ଏହି ପ୍ରକାର ଗ୍ରେଡେଶନ ତାଲିକା ପ୍ରସ୍ତୁତ କରାଯାଇ ପ୍ରଧାନ ସେବକ ପଦବୀଗୁଡ଼ିକ ପୂରଣ କରାଯାଉଛି। ମାତ୍ର ମୟୂରଭଞ୍ଜ ଜିଲାରେ ଏହି ବ୍ୟବସ୍ଥା କରା ନ ଯିବା ପଛରେ କି ରହସ୍ୟ ଲୁଚି ରହିଛି ତାହା ତଦନ୍ତ ସାପେକ୍ଷ। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପଚାରିବାରୁ ଗ୍ରେଡେଶନ ତାଲିକା ସମ୍ପର୍କରେ ଯାଞ୍ଚ କରାଯିବ ବୋଲି କହିଛନ୍ତି।

■ଭୁଶୁଡ଼ି ପଡ଼ିଛି ଶିକ୍ଷା ବ୍ୟବସ୍ଥା
■କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

# ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଏସ୍‌ପିଙ୍କୁ ସ୍ମାରକପତ୍ର


ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା,୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନାରୀ ନିର୍ଯାତନା ସାଙ୍ଗକୁ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ଆଡ଼କୁ ଯାଉଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ମୟୂରଭଞ୍ଜ ପକ୍ଷରୁ ଗୁରୁବାର ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ଭାଜପା ସରକାରଙ୍କ ଏକ ବର୍ଷ ଶାସନ କାଳ ମଧ୍ୟରେ ଛାତ୍ରୀ ଅସଦାଚରଣ, ନାରୀ ନିର୍ଯାତନା ଓ ବଳାତ୍କାର ଅହେତୁକ ଭାବେ ବୃଦ୍ଧି ପାଇଛି। ତଦନ୍ତ ନିର୍ଦ୍ଦେଶ ଦେଇ ସରକାର ନୀରବ ଦ୍ରଷ୍ଟା ସାଜିଛନ୍ତି। ଗୋପାଳପୁର ବେଳାଭୂମି ଛାତ୍ରୀ ବଳାତ୍କାର, ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି, ପୁରୀ ଜିଲା ବଳଙ୍ଗାରେ ନାବାଳିକା ପୋଡ଼ି ବର୍ତ୍ତମାନର ସରକାରଙ୍କ ଅପରାଗତାକୁ ପଦାରେ ପକାଇଛି ବୋଲି ବିଜେଡି ଛାତ୍ର ଓ ଯୁବ ନେତାମାନେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ବୃଦ୍ଧି, ନାରୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦଳ ଗଠନ, ପର୍ଯ୍ୟଟନସ୍ଥଳୀରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଛାତ୍ର ଓ ଯୁବ ସଂଗଠନ ପକ୍ଷରୁ ଦାବି ହୋଇଛି। ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ବିଜେଡି ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଛାତ୍ର ବିଜେଡି ସଭାପତି ସୁନୀଲ କୁମାର ନାୟକ, ଯୁବ ବିଜେଡି ସଭାପତି ଅରୁଣ ବରାଡ଼ଙ୍କ ସମେତ କର୍ମଚାରୀ ଓ ବାରିପଦା ସହରର ସମସ୍ତ କଲେଜ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ପୋଲିସକୁ ହସ୍ତାନ୍ତର କରାଯାଉନି ଜବତ ମୋଟରଚାଳିତ ଡଙ୍ଗା

ବାରିପଦା, ୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଖଣି ବିଭାଗର ଭୂମିକାକୁ ନେଇ ସନ୍ଦେହ**

ବେଆଇନ ବାଲି ଉତ୍ତୋଳନରେ ନିୟୋଜିତ ଏକ ମୋଟରଚାଳିତ ଡଙ୍ଗା ଜବତକୁ ନେଇ ମୟୂରଭଞ୍ଜ ଖଣି ବିଭାଗର ଭୂମିକା ସନ୍ଦେହ ଘେରରେ ରହିଛି। ଅଣପଞ୍ଜିକୃତ ଡଙ୍ଗା ଓ ଯନ୍ତ୍ରପାତି ଜବତକୁ ୩ ଦିନ ବିତିଥିଲେ ହେଁ ଅଦ୍ୟାଧି ପୋଲିସକୁ ଜିମା ଦିଆଯାଇନାହିଁ। ଡଙ୍ଗା ପରିଚାଳନା କରୁଥିବା ଜଣେ ଆଦିବାସୀ ଯୁବକଙ୍କ ନାମରେ ମାମଲା ରୁଜୁ ପରେ ଜରିମାନା ଆଦାୟ ପାଇଁ ବିଭାଗର ମୂଳଚାଲ ଛିଡୁ ନ ଥିବା ଜଣାପଡ଼ିଛି। ଏନେଇ ଜିଲା ଖଣି ନୀରିକ୍ଷକ ଉଦୟଭାନୁ ସାହୁଙ୍କୁ ପଚାରିବାରୁ ଠିକ୍ ତଥ୍ୟ ନ ଦେଇ ଗଣମାଧ୍ୟମକୁ ଅନ୍ଧକାରରେ ରଖିବାକୁ ଅପଚେଷ୍ଟା କରୁଛନ୍ତି । ତେବେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କ କହିବାନୁଯାୟୀ ଡଙ୍ଗା ଜବତ ସମୟରେ ଖଣି ବିଭାଗକୁ ସହଯୋଗ କରାଯାଇଥିଲା। ଡଙ୍ଗା ଜବତ ପରେ ସେମାନେ ଜଣଙ୍କୁ ହେପାଜତରେ ରଖିଛନ୍ତି । ପୋଲିସକୁ ହସ୍ତାନ୍ତର କରିନାହାନ୍ତି। ସୂଚନାଯୋଗ୍ୟ, ବାରିପଦା ସହରରୁ ଅନତିଦୂର ତଥା ବେତନଟୀ ଥାନା ଅଧୀନ କାଞ୍ଚନପାଳ ଜାମଦାପାଳ ନିକଟ ବୁଢ଼ାବଳଙ୍ଗ ନଦୀରୁ ମୋଟର ଚାଳିତ ଡଙ୍ଗା ସହାୟତାରେ ବେଆଇନ ବାଲି ଉତ୍ତୋଳନକୁ ନେଇ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଡଙ୍ଗା ପରିଚାଳନା କରୁଥିବା ରଙ୍ଗାମାଟିଆ ଗ୍ରାମର ମେଘରାଏ ମୁର୍ମୁଙ୍କ ବିରୋଧରେ ଖଣିବିଭାଗ ଏକ ମାମଲା ରୁଜୁ କରିଛି। ସେ ନିଜ ଦୋଷ ସ୍ୱୀକାର କରିଥିବାରୁ ବାଲି ଚୋରି ବାବଦରେ ଜରିମାନା ଆଦାୟ ହେବ ବୋଲି ବିଭାଗୀୟ ଲଘୁ ଖଣିଜ ନୀରିକ୍ଷକ କହିଥିଲେ। ନଦୀ ପୂର୍ଣ୍ଣ ପାଣିରୁ ଯନ୍ତ୍ର ଚାଳିତ ଡଙ୍ଗା ଦ୍ୱାରା ମେଘରାଏ ଓ ତାଙ୍କର ସହଯୋଗୀମାନେ ବାଲି ଉତ୍ତୋଳନ କରି ନଦୀ ପଠାରେ ଠୁଳ କରୁଥିଲେ। ସେଠାରୁ ଜେସିବି ମାଧ୍ୟମରେ ଟ୍ରାକ୍ଟର, ଟ୍ରକ ଓ ଡମ୍ଫର ସହାୟତାରେ ଦୈନିକ ୨୦୦ରୁ ଉର୍ଦ୍ଧ୍ୱ ଟ୍ରିପ ବାଲି ବେଆଇନ ଭାବେ ଚାଲାଣ କରୁଥିଲେ। କିନ୍ତୁ ଚଢ଼ାଉ ବେଳେ ସେମାନେ ଜେସିବି ଖସାଇବାରେ ସକ୍ଷମ ହୋଇଥିବା ବେଳେ ସହଯୋଗୀମାନେ ମଧ୍ୟ ଚତୁରତାର ସହିତ ଖସି ପଳାଇଥିଲେ। ମାସମାସ ଧରି ସମ୍ପୃକ୍ତ ଅଞ୍ଚଳରେ ଏପରି ଚୋରାଚାଲାଣ ଚାଲିଥିବା ବେଳେ ଖଣି, ପୋଲିସ, ବନ ଓ ରାଜସ୍ୱ ବିଭାଗର ଅଧିକାରୀ ତଥା କର୍ମଚାରୀମାନେ ଚୋରା ଚାଲାଣକାରୀଙ୍କ ସହିତ ସଲାସୁତରରା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲେ। ମୟୂରଭଞ୍ଜ ଜିଲା ପ୍ରଶାସନ ନଜରରେ ମୋଟର ଚାଳିତ ଡଙ୍ଗା ନ ଥିବା ବେଳେ ଡଙ୍ଗାରୁ କେବଳ ଜରିମାନା ଆଦାୟ କରି ଛାଡ଼ିଦିଆଯିବା ସମ୍ପର୍କରେ ଏନଜିଟି ଆଇନଜୀବୀ ଶଙ୍କର ପ୍ରସାଦ ପାଣିଙ୍କୁ ପଚାରିବାରୁ ନଦୀ ଗର୍ଭରୁ ବେଆଇନ ବାଲି ଉତ୍ତୋଳନ କରି ପରିବେଶକୁ କ୍ଷତି ପହଞ୍ଚାଉଥିବା ଅଣପଞ୍ଜିକୃତ ଯନ୍ତ୍ରାଂଶକୁ ଜବତ କରି ପୋଲିସକୁ ହସ୍ତାନ୍ତର କରାଯାଏ। ବିଚାର ସରିବା ପରେ ଦୋଷ ସାବ୍ୟସ୍ତ ହେଲେ ତାହାକୁ ନଷ୍ଟ କରିଦିଆଯିବା ନିୟମ ରହିଛି ବୋଲି କହିଛନ୍ତି। କିନ୍ତୁ ଜିଲା ଖଣି ବିଭାଗ ସ୍ୱଳ୍ପ ଜରିମାନା ଆଦାୟ କରି ଡଙ୍ଗାଟିକୁ ଛାଡିଦେବା ଯୋଜନାରେ ଥିବା ଅଭିଯୋଗ ହୋଇଛି। ଏନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ।

# ଉଦଳାରେ ହସ୍ତତନ୍ତ ଦିବସ ପାଳିତ


ହସ୍ତତନ୍ତରେ ଉଲ୍ଲେଖନୀୟ ଅବଦାନ ସକାଶେ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ଉଦଳା,୭।୮(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ସୁନାପାଳ ହସ୍ତତନ୍ତ ବୟନ କେନ୍ଦ୍ର ପରିସରରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ମୌନଧ୍ୱନି ଫାଉଣ୍ଡେସନ ଏବଂ ତନ୍ତଗାଥା ମହିଳା ବୁଣାକାର ଉତ୍ପାଦକ କମ୍ପାନୀ ତଥା ସରକାରଙ୍କ ବୟନ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଅନୁଷ୍ଠିତ ହୋଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ମହିଳା ବୁଣାକାର ଉପସ୍ଥିତ ରହି ନୂଆଦିଲୀରେ ଏକାଦଶତମ ଜାତୀୟ ହସ୍ତତନ୍ତ ଦିବସ ପାଳନ ପୁରସ୍କାର ବିତରଣ ଉତ୍ସବର ସିଧାସଳଖ ପ୍ରସାରଣ ଟିଭି ପରଦାରେ ଦେଖିଥିଲେ। ଏହା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୌନଧ୍ୱନି ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ବିନ୍ଦୁ ବିନୋଦନ , ପ୍ରତିଷ୍ଠାତା ସଦସ୍ୟ ଗୋବିନ୍ଦ ବଲ୍ଲଭ ଦଳାଇ, ଆକାଶବାଣୀ ସମ୍ବଲପୁରର ଉପସ୍ଥାପିକା ସସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ। ହସ୍ତତନ୍ତ ସମ୍ବନ୍ଧୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହସ୍ତତନ୍ତରେ ଉଲ୍ଲେଖନୀୟ ଅବଦାନ ସକାଶେ ମାଷ୍ଟରଟ୍ରେନର ଏବଂ ମୌନଧ୍ୱନିର କର୍ମକର୍ତ୍ତାମାନଙ୍କୁ ଉପଢୌକନ ଓ ମାନପତ୍ର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦେବେନ୍ଦ୍ର କୁମାର ରାଉଳଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ନାଟକ ଏବଂ ସଂଗୀତ ପରିବେଷଣ ହୋଇଥିଲା। ସମାବେଶରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଛଉ ଏବଂ ଝୁମର୍ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆକାଶ କୁମାର ମହାନ୍ତ, ଜଗଜ୍ୟୋତି ମହାନ୍ତି, ଚମ୍ପାବତୀ ହାଁସଦା, ସୀତାମୁର୍ମୁ, ପ୍ରଦ୍ୟୁମ୍ନ ଦଳାଇ, ମୁକୁନ୍ଦ ମେହେର, କିଶୋର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ରାଇରଙ୍ଗପୁର,୭।୮(ମାନସ ମହାନ୍ତି )

**ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ବିରୋଧ**

ରାଇରଙ୍ଗପୁର ବ୍ଲକ ଅଧୀନ ପୁରୁଣାପାଣି ପଞ୍ଚାୟତ ଅଞ୍ଚଳରେ ଭାଜପା ସରକାରଙ୍କ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବ ପ୍ରତିବାଦରେ ଗୁରୁବାର ଅପରାହ୍ନ ୧ଟାରୁ ୩ଟା୩୦ ପର୍ଯ୍ୟନ୍ତ ରାଇରଙ୍ଗପୁର ଆଦିବାସୀ ସାମାଜିକ ଶିକ୍ଷା ଏବଂ ସାଂସ୍କୃତିକ ସଂଗଠନ 'ଆସିକା' ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଆସିକା ସଂଗଠନର କର୍ମକର୍ତ୍ତା ଏବଂ ଶତାଧିକ ଆଦିବାସୀ ଉପସ୍ଥିତ ରହି ପୁରୁଣାପାଣି ପଞ୍ଚାୟତରେ ଏକ ଘରୋଇ କମ୍ପାନୀ ଦ୍ୱାରା ୧୯୦ ମେଗାୱାଟ ବିଶିଷ୍ଟ ପାୱାର ପ୍ଲାଣ୍ଟ ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବ ଉପରେ ସ୍ଥାନୀୟ ବିଧାୟକ ଏବଂ ଏମ୍‌ପିଙ୍କ ନୀରବଦ୍ରଷ୍ଟା କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ। ଏହି ଅବସରରେ ଆସିକା ସଂଗଠନ ପକ୍ଷରୁ ଉପଜିଲାପାଳ ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ବିକ୍ଷୋଭକାରୀମାନେ ସ୍ଥାନୀୟ ବିଧାୟକ, ଏମ୍‌ପିଙ୍କ ସମେତ ରାଇରଙ୍ଗପୁରର ତତ୍କାଳୀନ ଭାରପ୍ରାପ୍ତ ବିଡିଓଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ଆଦିବାସୀ ଆସିକା ସଂଗଠନ ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାଥ ହାଁସଦା, ଅଧ୍ୟକ୍ଷ ସୂର୍ଯ୍ୟ ହେମ୍ବ୍ରମ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ ଏବଂ ଶ୍ୟାମ ଚରଣ ହାଁସଦା, ରାମଚନ୍ଦ୍ର ହାଁସଦା, ମାଝୀ ବାବା ସର୍ବଶ୍ରୀ ସିଦ୍ଧିଲାଲ ଏବଂ ଘାସିରାମ ମୁର୍ମୁ, ସାଲୁ କିସ୍କୁ, ସୁନିଲ ମାଝୀ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମ, ସାଲାଇ ମାର୍ଣ୍ଡି ଏବଂ ଉପ ସଭାପତି ଚାମୁରୁ ସୋରେନଙ୍କ ସମେତ ଆସିକାର ବିଭିନ୍ନ କର୍ମକର୍ତ୍ତା ଏବଂ ସଦସ୍ୟ ଏବଂ ପୁରୁଣା ପାଣି ପଞ୍ଚାୟତର ଶତାଧିକ ଆଦିବାସୀ ମହିଳା ଏବଂ ଯୁବକ ସାମିଲ ହୋଇଥିଲେ।

# ୧ଲକ୍ଷ ୨୦ ହଜାର ଟଙ୍କାର ଚାଲାଣ କଟିଲା

**ପୋଲିସ ଏବଂ ପରିବହନ ବିଭାଗର ମିଳିତ ଯାଞ୍ଚ**

ମୋରଡ଼ା,୭।୮(ସ୍ମାରକ ମାଜୀ)– ମୋରଡ଼ା ବଜାରର ତାରିଣୀ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ମୋରଡ଼ା ଥାନା ପୋଲିସ ଏବଂ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ ଯାଞ୍ଚ କରାଯାଇଥିଲା। ଏମ୍‌ଭିଆଇ ସୁପ୍ରିୟା ପ୍ରିୟ ଦର୍ଶନୀଙ୍କ ସୂଚନା ମୁତାବକ, ମଦ୍ୟ ପାନ କରି ଗାଡ଼ି ଚଳାଉଥିବା, ବିନା ହେଲମେଟରେ ଗାଡ଼ି ଚଳାଉଥିବା ଚାଳକଙ୍କ ନିକଟରୁ ଗୋଟିଏ ଦିନରେ ମୋଟ ୧ଲକ୍ଷ ୨୦ହଜାର ଟଙ୍କାର ଚାଲାଣ କଟା ହୋଇଛି। ସେହିପରି ଗାଡ଼ି ଚଳାଇବା ସମୟରେ କଥାବାର୍ତ୍ତା ନ ହେବା, ସିଟ ବେଲ୍ଟ ପିନ୍ଧିବା, ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ଯାଞ୍ଚ ସମୟରେ ବିଭାଗର ରାଜେନ୍ଦ୍ର ମାଝୀ,ରତ୍ନାକର ଭୋଇ,ହେମନ୍ତ ରାଉତ ଏବଂ ମୋରଡା ଥାନା ଏଏସ୍‌ଆଇ ନିରାକର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଛାତ୍ରୀଙ୍କ ସୁରକ୍ଷାକୁ ନେଇ ବିଜେଡିର ଶୋଭାଯାତ୍ରା

**ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ**

**କେନ୍ଦୁଝର,୭।୮(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):** ବିଜେଡ଼ି ଓ ବିଜୁ ଛାତ୍ର, ଯୁବକ ଜନତା ଦଳ ତରଫରୁ ରାଜ୍ୟ ବ୍ୟାପି ନାରୀ ନିର୍ଯାତନା ବିରୋଧରେ ପ୍ରତିବାଦ କରାଯାଉଛି। ଏହି କ୍ରମରେ କେନ୍ଦୁଝର ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ଆହ୍ୱାନ କ୍ରମେ ଜିଲା ବିଜେଡ଼ି, ଛାତ୍ର ଓ ଯୁବ ବିଜେଡି ପକ୍ଷରୁ କେନ୍ଦୁଝର ଟାଉନ ଥାନା ଅଧିକାରୀଙ୍କ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସହର ମଧ୍ୟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ଏକ ଶୋଭାଯାତ୍ରାରେ ଦଳୀୟ ନେତାଙ୍କ ସହ ବହୁ ଛାତ୍ରୀଛାତ୍ର ସାମିଲ ହୋଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ସାଗରିକା ସାହୁ, ୫ ନମ୍ବର ଜିଲା ପରିଷଦ ରଥ ମୁଣ୍ଡା, କ୍ଷୀରୋଦିନୀ ମହାକୁଡ଼, ଛାତ୍ର ନେତା ଜ୍ଞାନ ମହାପାତ୍ର, ଅଂଶୁମାନ ଚକ୍ରବର୍ତ୍ତୀ, ଦେବଦୀପ୍ତ ଦାସ, ପ୍ରବୀଣ କୁମାରଙ୍କ ସହ ଶତାଧିକ ଛାତ୍ର, କାଉନ୍‌ସିଲର ଶରତ ସାହୁ, ଦୟାନିଧି ପାତ୍ର, ଭଗବାନ ନାଏକ, କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ମୀନା ମାଝୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ମଞ୍ଜୁଲତା ନାୟକ, ତାପସ ଦେହୁରୀଙ୍କ ସମେତ ଶତାଧିକ କର୍ମୀ କେନ୍ଦୁଝର ଟାଉନ ଥାନା ଇନ୍‌ସପେକ୍ଟରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

**ପାଟଣା(ବୀର କିଶୋର ଦାଶ):** ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାରୁ ଏକ ଶୋଭାଯାତ୍ରାରେ ଛାତ୍ରୀଛାତ୍ର ପାଟଣା ବଜାର ପରିକ୍ରମା କରିଥିଲେ। ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପାଟଣା ବ୍ଲକ୍ ଛାତ୍ର ବିଜେଡି ସଭାପତି ପରମେଶ୍ୱର ପଲେଇଙ୍କ ନେତୃତ୍ୱରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ରାଜ୍ୟ ଛାତ୍ର ବିଜେଡି ସଭାପତି ସୌମ୍ୟରଞ୍ଜନ ରାଉତ, ସୌଭାଗ୍ୟ ମଞ୍ଜରୀ ନାଏକ, ରୁନୁ ମହାନ୍ତ, ବୁଦ୍ଧଦେବ ମହାକୁଡ଼, ମାଧବାନନ୍ଦ ପୃଷ୍ଟି, ଦିଲ୍ଲୀପ ସାହୁ, ଚମ୍ପୁଆ ବ୍ଲକ୍ ଭାଗୀରଥି ଦାଶ ପ୍ରମୁଖ ସାମିଲ ହୋଇଥିଲେ।

**ଆନନ୍ଦପୁର(ସୁଶାନ୍ତ କୁମାର ସାହୁ):** ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ର ବିଜେଡ଼ି ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ଆନନ୍ଦପୁର ଦଧିବାମନଜୀଉଙ୍କ ମନ୍ଦିର ନିକଟରୁ ଏକ ରାଲିରେ ଆନନ୍ଦପୁର ଥାନା ପର୍ଯ୍ୟନ୍ତ ଯାଇଥିଲେ। ପରେ ଥାନା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।


**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
**Bid Identification No. 18 of 2025-26**
e-mail ID - angulrbdivision@yahoo.co.in
No.B-374

| | | |
|---|---|---|
| 1 | Number of Works | : 02 (Two) number of building works |
| 2 | Approximate estimated cost | : Varies from 71.00 lakh to 79.00 lakh |
| 3 | Period of completion | : 06 (Six) Calendar months |
| 4 | Date & Time of availability of bid document in the portal | : **Dt.11.08.2025 at 10.00 A.M.** |
| 5 | Last date / time for receipt of bid in the portal | : **Dt.25.08.2025 up to 5.00 P.M.** |
| 6 | Date of opening Bid | : **Dt.26.08.2025 at 11.00 A.M.** |
| 7 | Name and address of the Office Inviting Bid | : Superintending Engineer, Angul (R&B) Division, Angul |
| 8 | The bidders must participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in | |

OIPR-34074/11/0031/2526
Sd./- Superintending Engineer, Angul (R&B) Division

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. eT-M-KUR-EnHM-BBSN-312-25
କାର୍ଯ୍ୟର ନାମ : 01 ବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର ନ୍ୟୁ ରେଲୱେ ଷ୍ଟେସନଠାରେ ପ୍ଲାଟଫର୍ମ-1 ଏବଂ 6 & 7, ଫୁଟ୍ ଓଭର ବ୍ରିଜ୍ (FOB) (2 & 3 ତଥା 4 & 5 ର ସିଡ଼ୀ ବ୍ୟତୀତ) ଏବଂ ପରିଚାଳନ କ୍ଷେତ୍ରଗୁଡ଼ିକର ସଫେଇ କାର୍ଯ୍ୟକଳାପ, ପ୍ଲାଟଫର୍ମ (PF) 1 & 6 ରୁ ଅଳିଆ ଡ୍ରବାଗୁଡ଼ିକୁ ଖାଲିକରିବା ଏବଂ ବର୍ଜ୍ୟବସ୍ତୁ ଅପସାରଣ।
ବିଜ୍ଞାପିତ ମୂଲ୍ୟ (₹) : 1,42,83,236.36, EMD (₹) : 2,21,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 5,900.00, ଶେଷ ହେବା ଅବଧି : 12 ମାସ।
ବିଡ୍ ଆରମ୍ଭ ହେବା ତାରିଖ: ତା.12.08.2025ରିଖ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.08.2025ରିଖ 1530 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧା ରୋଡ୍
PR-442/Q/24-25

**ODISHA CONSTRUCTION CORPORATION LIMITED BHUBANESWAR**
PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
**GSTIN-21AAACO2571K2ZM**
**No.CAD-1387**
**"e-Procurement Notice No-33/OCCL/2025-26 (On-line)**
On-line percentage rate tender is invited from the eligible bidders for the following work ;

| Sl. No. | Name of Work | Bid Identification No. | Approx value of work | Bid Security (in Rs.) | Period of Completion (in months) | Availability & Submission of Tender (on-line) |
|---|---|---|---|---|---|---|
| 1 | Dredging of Luna river from RD 00 Km (Badagotha) to 17.50 Km (Madhipur) under DOAB-VII in Kanas Block of Satyabadi Constituency for the year 2024-25 (WRD from 00 Km to 16.353 Km) | OCCL_HQP/13/2025-26 | Rs.26.93 Crore | Rs.26,94,000/- | **18 calendar months** | From 12/08/2025, 03.30 PM to 11/09/2025, 05.30 PM |

Procurement Officer : Managing Director, OCCL
Date of Opening of the Tender : **12.09.2025, 12.00 noon onwards.**
Further details can be seen from the e-Procurement portal https://www.tendersodisha.gov.in https://odishaconstruction.com
OIPR-34120/11/0055/2526
**Sd./- MANAGING DIRECTOR**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
No.O-529
Email ID : ccerwcrayagada@gmail.com
Letter No. 1574
Date : 31.07.2025
**NATIONAL COMPETITIVE BIDDING THROUGH GEPNIC**
**e_PROCUREMENT NOTICE**
1. Name of the work : Construction of Building works for the year 2025-2026. (13 Nos)
2. Class of contractor : "B" & "A" of (Odisha PWD) or relevant class of other licensing authority
3. Estimated Cost : **Varies from Rs.111.89 Lakhs to Rs.400.17 Lakhs (Approximately)**
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-14/ RWCRGDA/ /2025-26 | Dt.11.08.2025 at 11.00 A.M. | Dt.26.08.2025 Up to 5.00 P.M. | Dt.25.08.2025 Up to 5.00 P.M. | Dt.29.08.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.
OIPR-25196/11/0024/2526
**Sd./- Chief Construction Engineer, Rural Works Circle, Rayagada**

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା।
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)
**NOTICE**
**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid Identification No. Online Tender /14-2025-25/PMGSY/BPR**
No. O-550: The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & Bridges under Pradhan Mantri Gram Sadak Yojana (Balance Work) in the districts of Ganjam for 01 (One) number of packages with estimated cost totalling to Rs.3.50 Cr. (Approximate) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of invitation for Bids through e-procurement Dtd.12.08.2025.
**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the Authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B(a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned Divisions on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.
Last date/time for receipt of bids through e-procurement: 26.08.2025 upto 5.30 P.M.
For further details and corrigendum (if any) please log on to **www.pmgsytenders.gov.in**.
OIPR-25071/11/0107/2526
**Sd./- Chief Construction Engineer, R.W. Circle, Berhampur**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
No.O-528
Email ID : ccerwcrayagada@gmail.com
Letter No. 1585
Date : 31.07.2025
**NATIONAL COMPETITIVE BIDDING THROUGH GEPNIC**
**e_PROCUREMENT NOTICE**
1. Name of the work : Construction and Maintenance of Road works for the year 2024-2025. (4 Nos of Works)
2. Class of contractor : "A" & "Special" of (Odisha PWD) or relevant class of other licensing authority
3. Estimated Cost : **Varies from Rs.664.24 Lakhs to Rs.1055.00 Lakhs (Approximately)**
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-15/ RWCRGDA/ 2025-26 | Dt.11.08.2025 at 11.00 A.M. | Dt.26.08.2025 Up to 5.00 P.M. | Dt.25.08.2025 Up to 5.00 P.M. | Dt.29.08.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.
OIPR-25196/11/0026/2526
**Sd./- Chief Construction Engineer, Rural Works Circle, Rayagada**

# ଘରୋଇ ବଜାରରେ ସର୍ବକାଳୀନ ସର୍ବାଧିକ ବିକ୍ରିର ରେକର୍ଡ

ଭୁବନେଶ୍ୱର,୭।୮ (ଅଭୟ ଦାଶ)


ବ୍ରିଜେନ୍ଦ୍ର ପ୍ରତାପ ସିଂହ

■ନାଲ୍‌କୋର ତ୍ରୈମାସିକ ଫଳାଫଳ
■ପ୍ରଥମ ତ୍ରୈମାସରେ ୭୭% ଅଭିବୃଦ୍ଧି
■ଜୁନ୍ ଶେଷ ସୁଦ୍ଧା ୧୦୬୪ କୋଟିର ନେଟ୍ ଲାଭ

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥାଗୁଡିକ ବିଷୟର ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳକୁ ଘୋଷାଣ କରାଯାଇଛି। ଏପରିକି ପ୍ରଥମ ତ୍ରୈମାସିକରେ କମ୍ପାନୀ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲାବେଳେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ହାସଲ ସହ ଘରୋଇ ବଜାରରେ ସର୍ବକାଳୀନ ସର୍ବାଧିକ ବିକ୍ରିର ରେକର୍ଡ କରିଛି। ସେହିଭଳି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନାଲ୍‌କୋ ସବୁ କ୍ଷେତ୍ରରେ ସଫଳତା ହାସଲ କରିଛି। ଏପରିକି ୨୦୨୫ ଜୁନ୍ ୩୦ରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ କମ୍ପାନୀ ୭୭% ଅଭିବୃଦ୍ଧି ସହ ୧୦୬୪ କୋଟି ଟଙ୍କାର ନେଟ୍ ଲାଭ ଅର୍ଜନ କରିଛି, ଯାହା ପୂର୍ବ ବର୍ଷର ସମାନ ତ୍ରୈମାସିକରେ ୬୦୧ କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସିକରେ କମ୍ପାନୀ ମଧ୍ୟ ୩୮୦୭ କୋଟି ଟଙ୍କାର ବ୍ୟବସାୟ କରିଛି। ଉଲ୍ଲେଖଯୋଗ୍ୟ, ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପ୍ରଦର୍ଶନ ତୁଳନାରେ ବକ୍ସାଇଟ ପରିବହନରେ ୬.୫୬% ବୃଦ୍ଧି ଘଟିଥିବାବେଳେ ଆଲୁମିନା ହାଇଡ୍ରେଟ୍, କାଲସାଇଣ୍ଡ ଆଲୁମିନା ଏବଂ ଆଲୁମିନିୟମ କାଷ୍ଟଧାତୁର ଉତ୍ପାଦନ ଯଥାକ୍ରମେ ୩୫.୫%, ୫୨.୨୫% ଏବଂ ୨.୬୮% ବୃଦ୍ଧି ପାଇଛି। ସେହିପରି ବିକ୍ରୟ କ୍ଷେତ୍ରରେ କମ୍ପାନୀ ବଳିଷ୍ଠ ପ୍ରଦର୍ଶନ ସହ ଆଲୁମିନା ରପ୍ତାନି କ୍ଷେତ୍ରରେ ୨୦୯% ଅଭିବୃଦ୍ଧି ହାସଲ କରିଛି। ଏଥିସହ ଘରୋଇ ବଜାରରେ ଆଲୁମିନା ଏବଂ ଆଲୁମିନିୟମର ସର୍ବାଧିକ ଘରୋଇ ବିକ୍ରୟ ରେକର୍ଡ ମଧ୍ୟ ହାସଲ କରିଛି।

ସେହିପରି ନାଲ୍‌କୋ ବୋର୍ଡ ପକ୍ଷରୁ ଗତ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ଶେୟାର ପିଛା ୨.୫୦ ଟଙ୍କା ହିସାବରେ ୪୫୯.୧୬ କୋଟି ଟଙ୍କା ଚୂଡ଼ାନ୍ତ ଲାଭାଂଶ ସୁପାରିସ କରିଛି, ଯାହା ଆଗାମୀ ୪୪ତମ ବାର୍ଷିକ ସାଧାରଣ ବୈଠକରେ ଶେୟାର ଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯିବ। ଏଥି ସହ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ଲାଭାଂଶ ପ୍ରଦାନ ପରିମାଣ ୧୯୨୮.୪୬ କୋଟି ଟଙ୍କା ହେବ। ନାଲ୍‌କୋ ବୋର୍ଡର ସକ୍ଷମ ମାର୍ଗଦର୍ଶନ ତଥା କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଫଳରେ କମ୍ପାନୀ ପ୍ରଥମ ତ୍ରୈମାସିକର ଉଲ୍ଲେଖନୀୟ ପ୍ରଦର୍ଶନ ହାସଲକରିଛି ବୋଲି ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି। ସିଂହ ଆହୁରି ମଧ୍ୟ କହିଛନ୍ତି, କମ୍ପାନୀର ଦୃଢ଼ ଫଳାଫଳ ମୂଲ୍ୟ-ଦକ୍ଷକାର୍ଯ୍ୟ, ଅନୁକୂଳ ଘରୋଇ ବ୍ୟବସାୟିକ ପରିବେଶ ଏବଂ ସାମଗ୍ରିକ ଟେକ୍ନୋ-ଅର୍ଥନୈତିକ ପାରାମିଟରରେ ଉନ୍ନତିର ମିଶ୍ରଣ ଦ୍ୱାରା ସମ୍ଭବ ହୋଇଛି।

ଫଳାଫଳ ସମ୍ବନ୍ଧରେ ନିଜର ମତ ପ୍ରକଟ କରିବା ସହ ସିଂହ କହିଛନ୍ତି, ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ଉଭାହେବା ସାଙ୍ଗକୁ ଆଲୁମିନିୟମ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହାସଲ କରୁଛି। ଏହାର ଚାହିଦା ୯-୧୦% ବୃଦ୍ଧି ପାଇଛି ଏବଂ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ପରିବହନ, ନିର୍ମାଣ ଏବଂ ବୈଦ୍ୟୁତିକ କ୍ଷେତ୍ରଗୁଡ଼ିକ ବଢ଼ଧରଣର ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ଏବଂ ୨୦୩୦ ସୁଦ୍ଧା ଭାରତରେ ଆଲୁମିନିୟମ ବ୍ୟବହାର ବାର୍ଷିକ ୭.୫ଗୁଣ ନିୟୁତ ଟନ ପହଞ୍ଚିବ ବୋଲି ଆକଳନ କରାଯାଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୭।୮

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୭୯ (୭୯.୨୭) ପଏଣ୍ଟ ବୃଦ୍ଧି ଘଟି ୮୦,୬୨୩ (୮୦,୬୨୩.୨୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୨୨ (୨୧.୯୫) ପଏଣ୍ଟ ବଢ଼ି ୨୪,୫୯୬ (୨୪,୫୯୬.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଆନନ୍ଦ ଅଗ୍ରୱାଲ ହିନ୍ଦୁଜା ଗ୍ରୁପ୍‌ର ଗ୍ରୁପ୍-ସଭାପତି

ଭୁବନେଶ୍ୱର,୭।୮


ଆନନ୍ଦ ଅଗ୍ରୱାଲ୍

ହିନ୍ଦୁଜା ଗ୍ରୁପ୍‌ର ଗ୍ରୁପ୍ ସଭାପତି (ଫାଇନାନ୍ସ) ଭାବେ ଆନନ୍ଦ ଅଗ୍ରୱାଲ୍‌ଙ୍କୁ ନିକଟରେ ନିଯୁକ୍ତ କରାଯାଇଛି। ପ୍ରାୟ ତିନି ଦଶନ୍ଧିର ଅଭିଜ୍ଞତା ସହିତ ଅଗ୍ରୱାଲ କୃଷି ଇନ୍‌ପୁଟ୍, ଭିତିଭୂମି (ଶକ୍ତି), ଏଫଏମସିଜି, ଆର୍ଥିକ ସେବା, ସିମେଂଟ୍, ଧାତବ ଓ ବ୍ୟାଙ୍କିଂ ପେମେଂଟ୍ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। କର୍ପୋରେଟ୍ ଫାଇନାନ୍ସ, ଟ୍ରେଜେରି, ମିଶ୍ରଣ ଓ ଅଧିଗ୍ରହଣ, ପୁଞ୍ଜି ରଣନୀତି ଓ ନିବେଶକ ସମ୍ପର୍କରେ ତାଙ୍କର ଗଭୀର ଅଭିଜ୍ଞତା ରହିଛି। ଏ ସମ୍ପର୍କରେ ହିନ୍ଦୁଜା ଗ୍ରୁପ୍‌ର ଗ୍ରୁପ୍ ସଭାପତି (ଏଚ୍ଆର) ଅମିତ ଚିଞ୍ଚୋଲିକର କହିଛନ୍ତି, ଗ୍ରୁପ୍‌ର ବ୍ୟବସାୟ ସମ୍ପ୍ରସାରଣର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରିଥିବାରୁ ଦୃଢ଼ ଆର୍ଥିକ ନେତୃତ୍ୱ ଜରୁରୀ ହୋଇପଡ଼ିଛି। କର୍ପୋରେଟ୍ ଫାଇନାନ୍ସ ଏବଂ ଅଧିଗ୍ରହଣ ଓ ମିଶ୍ରଣରେ ଆନନ୍ଦଙ୍କ ବ୍ୟାପକ ଅଭିଜ୍ଞତା ଥିବାବେଳେ ବୃହତ୍ ଧରଣର ଆର୍ଥିକ ରଣନୀତି ପରିଚାଳନା କରିବା ରେତାଙ୍କ ଅଭିଜ୍ଞତା ଗ୍ରୁପ୍‌ର ଅଭିବୃଦ୍ଧିକୁ ବଢ଼ାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମ ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ପ୍ରତିତାଙ୍କଯୋଗଦାନକୁ ଆମେଚାହିଁରହିଛୁ।

ହିନ୍ଦୁଜା ଗ୍ରୁପ୍‌ର ଗ୍ରୁପ୍ ସଭାପତି (ଫାଇନାନ୍ସ) ଆନନ୍ଦ ଅଗ୍ରୱାଲ୍ କହିଛନ୍ତି, ଆର୍ଥିକ ଫ୍ରେମ୍‌ୱର୍କକୁ ସୁଦୃଢ଼ କରି ଏବଂ ସାରା ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକୁ ସମର୍ଥନ କରି ହିନ୍ଦୁଜା ଗ୍ରୁପ୍‌ର ଅଭିବୃଦ୍ଧିକୁ ବଜାୟ ରଖିବା ପ୍ରତି ଯୋଗଦାନ ଦେବାକୁ ଆମେ ଚାହିଁ ରହିଛୁ। ଆର୍ଥିକ ଦକ୍ଷତାରେ ଉନ୍ନତି ଆଣିବା, ପୁଞ୍ଜି ମୂତୟନ ପାରଦର୍ଶୀ କରିବା ଏବଂ ଗ୍ରୁପ୍‌ର ସମ୍ପ୍ରସାରଣ ଯୋଜନାକୁ ସହାୟତା ପ୍ରଦାନ କରିବା ଉପରେ ମୋର ଗୁରୁତ୍ୱ ରହିଛି।

## ରାଜକୋଷରେ ୨.୧୦ ଲକ୍ଷ କୋଟି ଜମା

ଭୁବନେଶ୍ୱର,୭।୮

ଦେଶର ପ୍ରମୁଖ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗତ ଆର୍ଥିକ ବର୍ଷରେ ବିଭିନ୍ନ ଟିକସ, ଲେଭି, ସ୍ପେକ୍ଟ୍ରମ୍ ଚାର୍ଜ ଏବଂ ଅନ୍ୟାନ୍ୟ ସାମଗ୍ରୀ ବାବଦରେ ସରକାରୀ ରାଜକୋଷରେ ୨,୧୦,୨୬୯ କୋଟି ଟଙ୍କା ଯୋଗଦାନ କରିଛି। ଏହା ପୂର୍ବ ଆର୍ଥିକ ବର୍ଷର ୧,୮୬,୪୪୦ କୋଟି ଟଙ୍କା ଅପେକ୍ଷା ୧୨.୮% ଅଧିକ ରହିଛି। ଏହା ପ୍ରଥମ ଥର ଯେ ଜାତୀୟ ରାଜକୋଷରେ ରିଲାଏନ୍ସର ଅବଦାନ ୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହା ସହ ୨୦୨୦ ଆର୍ଥିକ ବର୍ଷରୁ ୨୦୨୫ ଆର୍ଥିକ ବର୍ଷ ଯାଏଁ ଅର୍ଥାତ୍ ଗତ ୬ ବର୍ଷ ମଧ୍ୟରେ ରିଲାଏନ୍ସ ଜାତୀୟ ରାଜକୋଷରେ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଜମା କରିଛି।

ସୂଚନାଯୋଗ୍ୟ, ରିଲାଏନ୍ସ ହେଉଛି ଦେଶର ଜାତୀୟ ରାଜକୋଷରେ ସର୍ବାଧିକ ଅବଦାନ ଦେଉଥିବା କମ୍ପାନୀ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବାର୍ଷିକ ରିପୋର୍ଟରେ କମ୍ପାନୀ ପକ୍ଷରୁ ଗତ ୧୦ବର୍ଷର ହିସାବ ମଧ୍ୟ ପ୍ରକାଶ କରାଯାଇଛି। ଏହି ରିପୋର୍ଟରେ କୁହାଯାଇଛି କମ୍ପାନୀ ଗତ ୧୦ ବର୍ଷ ମଧ୍ୟରେ ଏହାର ଶେୟାର ହୋଲ୍ଡରମାନଙ୍କୁ ସେମାନଙ୍କ ନିବେଶର ୫ଗୁଣ ମୂଲ୍ୟ ଦେଇଛି। କମ୍ପାନୀର ବଜାର ପୁଞ୍ଜି ଗତ ୧୦ବର୍ଷରେ ୫ ଗୁଣରୁ ଅଧିକ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୧୭,୨୫,୩୭୮ କୋଟି ଟଙ୍କା ହୋଇଛି; ଯାହା ୧୦ବର୍ଷ ପୂର୍ବରୁ ୩୩୮,୭୦୩ କୋଟି ଟଙ୍କା ଥିଲା। କମ୍ପାନୀର ସମନ୍ୱିତ ରାଜସ୍ୱରେ ମଧ୍ୟ ୩.୬୫ ଗୁଣ ବୃଦ୍ଧି ଦେଖାଯାଇଛି। ବାର୍ଷିକ ଶୁଦ୍ଧ ଲାଭ ୨୦୧୫-୧୬ ଆର୍ଥିକ ବର୍ଷରେ ୨୯,୮୬୧ କୋଟି ଟଙ୍କାରୁ ୨.୭୨ ଗୁଣ ବୃଦ୍ଧି ପାଇ ୨୦୨୪-୨୫ରେ ୮୧,୩୦୯ କୋଟି ଟଙ୍କା ହୋଇଛି।

## ନିସ୍ ଶିକ୍ଷାନୁଷ୍ଠାନର ନବାଗତଙ୍କ ସ୍ୱାଗତ ଉତ୍ସବ

ଭୁବନେଶ୍ୱର,୭।୮(ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଇନଷ୍ଟିଚ୍ୟୁଟ ଅଫ୍ ଇନ୍‌ଫରମେଶନ୍ ସାଇନ୍ସ ଆଣ୍ଡ ମ୍ୟାନେଜ୍‌ମେଣ୍ଟର ନୂତନ ଶିକ୍ଷାବର୍ଷ ପାଇଁ ନବାଗତ ବିବିଏ, ବିସିଏ, ବିଏସ୍‌ସି (କମ୍ପ୍ୟୁଟର ସାଇନ୍ସ), ବିଏସ୍‌ସି (ଆଇଟିଏମ୍), +୩ବିଜ୍ଞାନ, କଳା, ବାଣିଜ୍ୟ ଓ ବିଏସ୍‌ସି (ବାୟୋଟେକ୍ନୋଲୋଜିର)ର ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉନ୍ନତମାନର ଶିକ୍ଷାଦାନ ସହିତ ଛାତ୍ରୀଛାତ୍ରମାନେ ସ୍ନାତକ ଶିକ୍ଷା ଗ୍ରହଣ କରି କିପରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ସେ ବିଷୟରେ ମତ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. ସୂର୍ଯ୍ୟନାରାୟଣ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଥିବାବେଳେ ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର୍ ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡ. ଅଜିତ୍ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ କରିବା ପାଇଁ ମନ୍ତବ୍ୟ ଦେଇଥିଲେ। ପରିଶେଷରେ ନବାଗତ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଶପଥ ଗ୍ରହଣ ଉତ୍ସବ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଦୁଗ୍ଧ ଉତ୍ପାଦନ ବଢ଼ାଉଛି କପିଳା ପଶୁ ଆହାର

ଭୁବନେଶ୍ୱର,୭।୮(ଅନୁରାଧା ମହାରଣା)




କାମଧେନୁ କ୍ୟାଟେଲ୍ ଫିଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ପଶୁ ଆହାର ବ୍ରାଣ୍ଡ 'କପିଳା ପଶୁ ଆହାର' ୨୫ତମ ଡିଲର ସମ୍ମିଳନୀ ନିକଟରେ ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଦେଶର ପ୍ରାୟ ୧୦ଟି ଡିଲର, ପ୍ରଗତିଶୀଳ ଡେଏରି ଓ ପଶୁପାଳକମାନେ ଯୋଗଦେଇଥିଲେ। କମ୍ପାନୀର ପ୍ରବନ୍ଧ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ଶିବହରେ, ନିର୍ଦ୍ଦେଶକ ବିଶାଲ ଶିବହରେ, ତରୁ ଶିବହରେ ଏବଂ ବୈଜ୍ଞାନିକ ବିଶେଷଜ୍ଞମାନେ ଦୁଗ୍ଧ ଉତ୍ପାଦନ ଓ ପଶୁ ଆହାର ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ବିଶାଲ ଶିବହରେ କହିଛନ୍ତି, ୨୦୨୩-୨୪ ମସିହାରେ ଭାରତରେ ୨୩.୬ କୋଟି ଟନ୍ ଦୁଗ୍ଧ ଉତ୍ପାଦନ ହୋଇଛି, ଯାହା ଦେଶର ଅର୍ଥନୀତିରେ ୫% ଯୋଗଦାନ ରଖିଛି। କପିଳା ପଶୁ ଆହାରର ବଜାର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି କମ୍ପାନୀ ୨୦୨୪ରେ ଉତ୍ପାଦନ କ୍ଷମତାକୁ ଦୈନିକ ୨୫୦୦ ମେଟ୍ରିକ ଟନ୍‌କୁ ବୃଦ୍ଧି କରିଛି। ଏହାସହ ୨୦୨୫ରେ କପିଳା ପଶୁ ଆହାର ଏକ ନୂଆ ପ୍ରିମିୟମ ରେଞ୍ଜ ମଧ୍ୟ ଲଞ୍ଚ କରିଛି। ଏହା ବ୍ୟତୀତ କମ୍ପାନୀ ଏକ ୫୦୦ ଟନ ପ୍ରତିଦିନ କ୍ଷମତା ବିଶିଷ୍ଟ ସଲ୍‌ଭେଣ୍ଟ ପ୍ଲାଣ୍ଟ ମଧ୍ୟ ଆରମ୍ଭ କରିଛି। ବ୍ରାଣ୍ଡ ଆମ୍ବାସାଡର ଅକ୍ଷୟ କୁମାରଙ୍କ ଫଟୋ ଥିବା କପିଳା ପଶୁ ଆହାରର ନୂଆ ପ୍ୟାକିଂ ମଧ୍ୟ ଲଞ୍ଚ କରାଯାଇଛି। ଏହି ପଶୁ ଆହାରରେ ଶୁଦ୍ଧ ରାଇସ୍ ବ୍ରାନ୍ ତେଲ ବ୍ୟବହାର କରାଯାଇଛି। ପ୍ରଚୁର ପ୍ରୋଟିନ ଗ୍ରହଣ ହେଲେ ପଶୁମାନଙ୍କର ସ୍ତନ ଗ୍ରନ୍ଥି କାର୍ଯ୍ୟ, ପ୍ରଜନନ ଓ ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବିତ ହୁଏ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ପରିପୂର୍ତ୍ତି ଅଭିଯାନ

ଭୁବନେଶ୍ୱର,୭।୮

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ନୂତନ କାର୍ଯ୍ୟକ୍ରମ 'ପରିପୂର୍ତ୍ତି ଅଭିଯାନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଭାରତ ସରକାରଙ୍କ 'ଜନ ସୁରକ୍ଷା' ଯୋଜନାର ପରିପୂର୍ତ୍ତି କାର୍ଯ୍ୟକ୍ରମ ବ୍ୟାଙ୍କର କହ୍ନେଇପୁର ଶାଖା ଆନୁକୂଲ୍ୟରେ କହ୍ନେଇପୁର ପଞ୍ଚାୟତ କାର୍ଯ୍ୟାଳୟଠାରେଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରିଜର୍ଭ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଅନିତା ପଟ୍ଟନାୟକ, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ରାହୁଲ କାନ୍ତ ପ୍ରମୁଖ ଯୋଗଦେଇ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ଅଟଳ ପେନ୍‌ସନ୍ ଯୋଜନାର ଉପାଦେୟତା ବିଷୟରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏତତ୍ ବ୍ୟତୀତ ଅନିତା ପଟ୍ଟନାୟକ, ପୁନଃ କେୱାଇସି ଦ୍ୱାରା ଅଚଳ ହୋଇଥିବା ବ୍ୟାଙ୍କ ଖାତାକୁ ଚଳନ୍ତି କରିବା ଉପରେ ଗୁରୁତ୍ୱାରୂପ ଦେଇଥିଲେ ଏବଂ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟାଙ୍କ କର୍ମଚାରୀମାନଙ୍କୁ ମଧ୍ୟ ଏହି ବିଷୟରେ ପ୍ରାଧାନ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ସେହିଭଳି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସନ୍ଦୀପ କୁମାର ପ୍ରଧାନ, ଗଞ୍ଜାମ ଜିଲ୍ଲାର ଲିଡ୍ ବ୍ୟାଙ୍କ ମ୍ୟାନେଜର ହିମାଞ୍ଚଳ ସାହୁ ଏବଂ କହ୍ନେଇପୁର ସରପଞ୍ଚ ପ୍ରକାଶ ଚନ୍ଦ୍ର ସାସମଲ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକମାନଙ୍କୁ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନାରେ ସାମିଲ ହେବା ନିମନ୍ତେ ଉପଦେଶ ଦେଇଥିଲେ। ଅନ୍ୟାନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କହ୍ନେଇପୁର ଶାଖା ପରିଚାଳକ ଚିନ୍ମୟାନନ୍ଦ ବେହେରା, କେଶପୁର ଶାଖା ପରଚାଳକ ବିଶ୍ୱଜିତ ମହାନ୍ତି, କୋଦଳା ଶାଖା ପରିଚାଳକ ସୁଭ୍ରାଂଶୁ ଆଚାର୍ଯ୍ୟ ଏବଂ ସୌରାଛଚିଣା ଶାଖା ପରିଚାଳକ ଘନଶ୍ୟାମ ବଳ ପ୍ରମୁଖ ଯୋଗ ଦେଇଥିଲେ।

## ବିଓବିର ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ ପ୍ରୋଗ୍ରାମ

ଭୁବନେଶ୍ୱର,୭।୮

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ବହୁ ପ୍ରତୀକ୍ଷିତ ତଥା ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ ପ୍ରୋଗ୍ରାମର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଓବି ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଭୁବନେଶ୍ୱର କ୍ଷେତ୍ରର ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ସତ୍ୟ ରଞ୍ଜନ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରର ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ରାଜୀବ ସିହ୍ନାଙ୍କ ସମେତ ଅଞ୍ଚଳ କାର୍ଯ୍ୟାଳୟ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି ବନ୍ଦୋପାଧ୍ୟାୟ ବ୍ୟାଙ୍କର ବ୍ୟବସାୟିକ ବିକାଶରେ ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ଅବଦାନର ଗୁରୁତ୍ୱ ଉପରେ ଆଲୋକପାତ ସହ ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ଷେତ୍ରୀୟ ମୁଖ୍ୟ ମହାପାତ୍ର ଗ୍ରାହକ ସେବା ମାଧ୍ୟମରେ ଗ୍ରାହକମାନଙ୍କୁ ସନ୍ତୁଷ୍ଟି ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହାୟକ ମହାପ୍ରବନ୍ଧକ ତଥା ଭୁବନେଶ୍ୱର କ୍ଷେତ୍ରର ଏସ୍‌ଏମ୍‌ଇଏଲ୍‌ଏଫ୍ ମୁଖ୍ୟ ବିଜୟ ଶଙ୍କର ଝା ବିଭିନ୍ନ ଉତ୍ପାଦ ସମ୍ବନ୍ଧରେ ଉପସ୍ଥାପନା କରିଥିବା ସହ ଗ୍ରାହକମାନଙ୍କ ସହ ଆଲୋଚନା ଅଧିବେଶନରେ ଯୋଗ ଦେଇଥିଲେ। ପରିଶେଷରେ ଅଞ୍ଚଳ ମୁଖ୍ୟ ବନ୍ଦୋପାଧ୍ୟାୟ ଗ୍ରାହକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଅରୁନ୍ଧତୀ ପାଳିଲା ହସ୍ତତନ୍ତ ଦିବସ



ଭୁବନେଶ୍ୱର,୭।୮(ଅନୁରାଧା ମହାରଣା)

ଅରୁନ୍ଧତୀ ବାନ୍ଧକଳା ପକ୍ଷରୁ ଗୁରୁବାର ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଇଛି। ଦିନକ ପରେ ରାଖୀ ପୂର୍ଣ୍ଣିମା ପଡୁଥିବାରୁ ଏନେଇ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଜନପଥସ୍ଥିତ ଅରୁନ୍ଧତୀ ବାନ୍ଧକଳା ଷ୍ଟୋରରେ ଅନୁଷ୍ଠିତ ଏହି ଉତ୍ସବରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜିର ନିର୍ଦ୍ଦେଶକ ରାଜେଶ ଝା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଅନୁଶ୍ରୀ ଦାଶ ଏବଂ ମୀରା ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତାକରି ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ଅରୁନ୍ଧତୀ ବାନ୍ଧକଳା, ଓଡ଼ିଶା ହସ୍ତତନ୍ତ ଓ ବୁଣାକାର ସମ୍ପ୍ରଦାୟର ସମନ୍ୱିତ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଗ୍ରାହକମାନଙ୍କ ପାଇଁ ସମସ୍ତ ପ୍ରକାର ସମ୍ବଲପୁରୀ ହସ୍ତତନ୍ତ ସୁଲଭ ମୂଲ୍ୟରେ ଯୋଗାଇଆସୁଛି। ସେହିପରି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ମାଇଁ ଷ୍ଟୋରି, ମାଇଁ ଡାଇମଣ୍ଡର ଉନ୍ମୋଚନ କରାଯାଇଥିଲା।

## ଅଧିକ ଋଣ ପାଇବେ ଏସ୍‌ଏଚ୍‌ଜି ମହିଳା



ଭୁବନେଶ୍ୱର,୭।୮(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅଧୀନରେ ଖରିଫଋତୁରେ ଅଧିକରୁ ଅଧିକ ଚାଷୀଙ୍କୁ ନାମାଙ୍କନ କରିବା ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ ରାଷ୍ଟ୍ରୀୟ ଗ୍ରାମୀଣ ଆଜୀବିକା ମିଶନ (ଏନ୍‌ଆର୍‌ଏଲ୍‌ଏମ୍)ରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳା ସଦସ୍ୟମାନଙ୍କୁ ଅଧିକ ଋଣ ପ୍ରଦାନ କରାଯିବ। କେନ୍ଦ୍ରୀୟ କୃଷି ଓ କିଷାନ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ବୁଧବାର ଆୟୋଜିତ ଏକ ବୈଠକରେ ସମସ୍ତ ବ୍ୟାଙ୍କ ଓ ରାଜ୍ୟ ସରକାରଙ୍କ ସହ ଏକ ଭର୍ଚୁଆଲ ବୈଠକକରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଗମ ଅଞ୍ଚଳଗୁଡ଼ିକରେ ମଧ୍ୟ ଧ୍ୟାନରେ ରଖି କାର୍ଯ୍ୟ କରିବା ଦ୍ୱାରା ଉନ୍ନତ ଫଳାଫଳ ହାସଲ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି। ଶିବରାଜ ନିଷ୍ପତ୍ତି ନେଇଛନ୍ତି , ଚଳିତ ଖରିଫ ଋତୁରେ ଫସଲ ବୀମାରେ ଅଧିକରୁ ଅଧିକ ଚାଷୀଙ୍କୁ ସୁରକ୍ଷାକବଚ ଯୋଗାଇବା ପାଇଁ ୧୬ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଦେଶବ୍ୟାପୀ ଏକ ଅଭିଯାନ ଚାଲିବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶିବରାଜ କହିଛନ୍ତି, ଆଜି ଆମେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଏବଂ ତୃତୀୟ ହେବାର ପ୍ରାନ୍ତରେ ଅଛୁ। ଏହି ସଫଳତାରେ କୃଷି ଓ କିଷାନ କଲ୍ୟାଣ ଏବଂ ଗ୍ରାମୀଣ ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିବରାଜ ଆହୁରି କହିଛନ୍ତି ,ଗାଁ ବିନା ଭାରତର ଏବଂ ଚାଷ ବିନା ଆମ ଦେଶର ପରିଚୟ ଅସମ୍ପୂର୍ଣ୍ଣ। କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ ଚାଷୀ ତା'ର ଆତ୍ମା। ଚାଷୀ କଲ୍ୟାଣ, ବିଶେଷକରି ଗରିବ, ଗ୍ରାମୀଣ ଓ ମହିଳାମାନଙ୍କ କଲ୍ୟାଣ ପାଇଁ ମୋଦି ସରକାର ଦୃଢ଼ସଙ୍କଳ୍ପ। ବ୍ୟାଙ୍କଗୁଡ଼ିକୁ ଅଭିନନ୍ଦନ ଜଣାଇ ଶିବରାଜ କହିଛନ୍ତି, ଏନ୍‌ଆର୍‌ଏଲ୍‌ଏମ୍‌ରେ ୯୦.୯୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ରହିଛନ୍ତି, ଯେଉଁଥିରେ ୧୦ କୋଟିରୁ ଅଧିକ ମହିଳା ସଂଯୁକ୍ତ। ଏହି ଗୋଷ୍ଠୀଗୁଡ଼ିକୁ ୧୧ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଆଜି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଶକ୍ତୀକରଣର ଏକ ଆନ୍ଦୋଳନ ହୋଇଛି ଏବଂ ଲକ୍ଷପତି ଦିଦିର ଚର୍ଚ୍ଚା ସର୍ବତ୍ର ଶୁଣାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ୩ କୋଟି ଲକ୍ଷପତି ଦିଦି ସୃଷ୍ଟିର ଲକ୍ଷ୍ୟରେ ଆମେ ୧.୫ କୋଟିର ସଂଖ୍ୟା ଅତିକ୍ରମ କରିଛୁ।

## ଶୈଫାଳିକା ପଣ୍ଡାଙ୍କୁ ଶକ୍ତି ପୁରସ୍କାର

ଭୁବନେଶ୍ୱର,୭।୮



ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା 'ଇମ୍ଫା'ର କର୍ପୋରେଟ ସାମାଜିକ କଲ୍ୟାଣ ଶାଖା ତଥା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡାଙ୍କୁ ଆଉ ଏକ ସମ୍ମାନ 'ଶକ୍ତି ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ନୂଆଦିଲ୍ଲୀର ଦି ଇମ୍ପେରିଆଲରେ ନ୍ୟୁଜ୍ ଏକ୍ସ ଦ୍ୱାରା ଆୟୋଜିତ ୱି ଓମେନ୍ ୱାଣ୍ଟ କନ୍‌କ୍ଲେଭ-୨୦୨୫ ଏବଂ ଶକ୍ତି ସମ୍ମାନ ଉତ୍ସବରେ ଶୈଫାଳିକା ପଣ୍ଡାଙ୍କୁ ଶକ୍ତି ପୁରସ୍କାରରେ ପୁରସ୍କୃତ କରାଯାଇଛି। ଏହା ବ୍ୟତୀତ ଆଜିର ବିଶ୍ୱରେ ଝିଅମାନଙ୍କ ଆତ୍ମବିଶ୍ୱାସୀ ବୃଦ୍ଧିକରିବା ଉପରେ ଧ୍ୟାନ କେନ୍ଦ୍ରିତ ଏକ ପ୍ୟାନେଲରେ ଯୋଗଦେଇ ପଣ୍ଡା କହିଥିଲେ, ଝିଅମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଧ୍ୟାନଦେବା ପରିବର୍ତ୍ତନର ନେତୃତ୍ୱ ନେଉଥିବା ଆତ୍ମବିଶ୍ୱାସୀ ମହିଳାମାନଙ୍କୁ ଗଢ଼ି ତୋଳିବାରେ ବହୁତ ସାହାଯ୍ୟ କରିଥାଏ। ଚଳିତ ବର୍ଷର ୱି ଓମେନ୍ ୱାଣ୍ଟ କନ୍‌କ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ-୨୦୨୫ ସଂସ୍କରଣରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ଏମ୍‌ପି ଡ. ଶଶୀ ଥରୁରଙ୍କ ଦିଗ୍‌ଦର୍ଶନଭରା ଭାଷଣ ଏବଂ ନେତୃତ୍ୱ, ଗଣମାଧ୍ୟମରେ ପ୍ରତିନିଧିତ୍ୱ, ସୁରକ୍ଷା ଏବଂ ନ୍ୟାୟ ଓ ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ଭାରତୀୟ ମହିଳାଙ୍କ ଦୈନନ୍ଦିନ ବାସ୍ତବତା ଭଳି ବିଷୟବସ୍ତୁ ଉପରେ ଚିନ୍ତା ପ୍ରବଣ ପ୍ୟାନେଲ ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲା।

ସେହିଭଳି ଏକତା କପୁର, ଦିୟା ମିର୍ଜା, ଶବାନା ଆଜ୍‌ମୀ, ନିମ୍ରତ କୌର ଏବଂ ଡିଜାଇନର ରିତୁବେରୀଙ୍କ ପରି ସାଂସ୍କୃତିକ ବ୍ୟକ୍ତିତ୍ୱ ସେମାନଙ୍କ ଯାତ୍ରାର ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ।

ଯେତେବେଳେ ପ୍ରିୟଙ୍କା ଚତୁର୍ବେଦୀ, ହର୍‌ସିମ୍ରତ କୌର ବାଦଲ ଏବଂ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସାଧନା ସକ୍ସେନା ନାୟାରଙ୍କ ପରି ରାଜନୈତିକ ସ୍ୱର ପ୍ରଶାସନ ଏବଂ ସାର୍ବଜନୀନ ସେବାର ଦୃଷ୍ଟିକୋଣ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଡ୍ରୋନ୍ ଦିଦି ଏବଂ ଲକ୍ଷପତି ଦିଦିମାନଙ୍କ ସମେତ ତୃଣମୂଳସ୍ତରରେ ପରିବର୍ତ୍ତନକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

# ୨ଦିନିଆ ରିମାଣ୍ଡରେ ଆସିବେ ଜିତନ, ବିଜୟ

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

କଟକ,୭।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ। ରିମାଣ୍ଡରେ ଆସିବାକୁ ଥିବା ଅଭିଯୁକ୍ତଦ୍ୱୟ ହେଲେ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘ ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର। ଅଗଷ୍ଟ ୧୧ ଓ ୧୨ ତାରିଖ ୨ଦିନ ରିମାଣ୍ଡରେ ଉଭୟଙ୍କୁ ଆଣିବା ନିମନ୍ତେ କଟକ ଜେଏମ୍‌ଏଫ୍‌ସି-୩ ଅଦାଲତ ଅନୁମତି ଦେଇଛନ୍ତି। ସୂଚନାନୁସାରେ, କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ କରିବା ନିମନ୍ତେ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ଆଣିବାକୁ କଟକ ଜେଏମ୍‌ଏଫ୍‌ସି ଅଦାଲତରେ ଆବେଦନ କରିଥିଲା। ମାତ୍ର ଅଦାଲତ ୪ ଦିନ ପରିବର୍ତ୍ତେ ୨ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ୨ ଅଭିଯୁକ୍ତ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ କରି ଟଙ୍କା ରୋଜଗାର କରିବାରେ ପ୍ରମୁଖ ଭୂମିକା ନେଇଥିବା କ୍ରାଇମବ୍ରାଞ୍ଚ ତଦନ୍ତରୁ ଜାଣିବାକୁ ପାଇଛି। ସେଥିପାଇଁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ଏହି ୨ଜଣଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ରିମାଣ୍ଡରେ ଆଣିବାକୁ ଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ବୋର୍ଡର ନିଲମ୍ବିତ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ରିମାଣ୍ଡରେ ଆଣିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛି। ଏବେ ମହାନ୍ତିଙ୍କ ଆର୍ଥିକ କାରବାର ଯାଞ୍ଚ ଚାଲିଥିବାରୁ କ୍ରାଇମବ୍ରାଞ୍ଚ ତାହାକୁ ପ୍ରଥମେ ଶେଷ କରିବା ଉପରେ ଗୁରୁତ୍ୱ ଦେଉଛି। ଏହାପରେ ମହାନ୍ତିଙ୍କୁ ରିମାଣ୍ଡରେ ଅଣାଯାଇପାରେ ବୋଲି ଜଣାପଡ଼ିଛି।


ଜିତନ ମହାରଣା


ବିଜୟ କୁମାର ମିଶ୍ର

ଉଲ୍ଲେଖଯୋଗ୍ୟ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ପ୍ରଥମେ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନଙ୍କ ସମେତ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଅନ୍ତର୍ଗତ ଭେଜିପଦରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ(୫୬)ଙ୍କୁ ଗିରଫ କରାଯାଇଥିଲା। ସେ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନଠାରୁ ପ୍ରଶ୍ନପତ୍ର ପାଇବା ସହ ତାକୁ ନିଜ ହାତଲେଖାରେ ନକଲ କରିଥିଲେ। ଅନ୍ୟପକ୍ଷରେ ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘ ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର ଏବଂ କୋରାପୁଟ ଜିଲ୍ଲାର ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ସଭାପତି ସନାତନ ବିଶୋୟୀଙ୍କ ସହ ଅଭିଯୁକ୍ତ ଖମାରୀ ଏହିଅପରାଧିକ ଷଡ଼ଯନ୍ତ୍ରରେ ସାମିଲ ଥିଲେ। ଖମାରୀଙ୍କ ବିରୋଧରେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ରଗୁଡ଼ିକୁ ପୂର୍ବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ବିଫଳ ହୋଇଥିବା ଶିକ୍ଷକମାନଙ୍କୁ ବିକ୍ରି କରିଥିବା କ୍ରାଇମବ୍ରାଞ୍ଚ ତଦନ୍ତରୁ ଜଣାପଡ଼ିଛି। ସେହିପରି ଆର୍ଥିକ କାରବାର ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଖମାରୀ ଶିକ୍ଷକମାନଙ୍କଠାରୁ ଟଙ୍କା ସଂଗ୍ରହ କରିବା ପରେ ଫୋନ ପେ' ମାଧ୍ୟମରେ ବିଜୟ କୁମାର ମିଶ୍ରଙ୍କୁ ୯୯,୦୦୦ ଟଙ୍କା ଟ୍ରାନ୍ସଫର କରିଥିଲେ। କ୍ରାଇମବ୍ରାଞ୍ଚ ଖମାରୀଙ୍କ ମୋବାଇଲ ଫୋନ ଜବତ କରିବା ସହ ହାତଲେଖା ନମୁନା ସଂଗ୍ରହ କରିଥିଲା। ହାତଲେଖା ନମୁନା ପରୀକ୍ଷା ପାଇଁ ହ୍ୟାଣ୍ଡରାଇଟିଂ ବ୍ୟୁରୋ ଏବଂ ସାଇବର ଫୋରେନ୍‌ସିକ ଲ୍ୟାବ୍‌କୁ ପଠାଯିବ ବୋଲି ଡିଆଇଜି ଗଙ୍ଗାଧର ସେତେବେଳେ ସୂଚନା ଦେଇଥିଲେ।

# ୩ ଦୋଷୀଙ୍କୁ ଆଜୀବନ ଜେଲ

## ଦିବ୍ୟାଙ୍ଗ ମହିଳାଙ୍କୁ ଗଣବଳାତ୍କାର ମାମଲା

ବାରିପଦା,୭।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଜିଲ୍ଲା ଓ ଦୌରା ଜଜ୍ କୋର୍ଟରେ ଗୁରୁବାର ଏକ ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁଦୀପ୍ତ କୁମାର ଆଚାର୍ଯ୍ୟ ଏହାର ବିଚାର କରି ୩ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ପ୍ରତ୍ୟେକଙ୍କୁ ୨୦ହଜାର ଟଙ୍କା ଜରିମାନା ଓ ଅନାଦାୟରେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଶିଆଳିଘାଟୀ ଅଞ୍ଚଳର କାହ୍ନୁ ମାରାଣ୍ଡି, ହୁଦାନନ୍ଦ ନାଏକ ଓ ଭୋଲେ ହାଁସଦା। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଅଗଷ୍ଟ ୨୪ରେ ମହାରାଷ୍ଟ୍ରର ଜଣେ ମାନସିକ ବିକୃତ ଦିବ୍ୟାଙ୍ଗ ମହିଳା ବାଟବଣା ହୋଇ ଶିଆଳିଘାଟୀ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଆଶ୍ରୟ ନେଇଥିଲେ। ଅନ୍ଧାରର ସୁଯୋଗ ନେଇ ଅଭିଯୁକ୍ତମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ଏହି ସମୟରେ ଚିତ୍ରଶନରୁ ଫେରୁଥିବା ଛାତ୍ରମାନେ ଟର୍ଚ୍ଚ ମାରି ଘଟଣା ଦେଖି ଗ୍ରାମରେ ଜଣାଇଥିଲେ। ସ୍ଥାନୀୟ ଲୋକେ ପୀଡ଼ିତା ମହିଳାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୨୪/୧୮) ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ସସ୍ମିତା ମହାପାତ୍ର ପରିଚାଳନା କରୁଥିଲେ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରୁ ଡକାୟତି ଘଟଣା

# ୪ କୋର୍ଟ ଚାଲାଣ

ଝାରସୁଗୁଡ଼ା,୭।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଭିକମପାଲି ଗ୍ରାମରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରୁ ଡକାୟତି ଘଟଣାରେ ସମ୍ପୃକ୍ତ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଝାରସୁଗୁଡ଼ା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡ଼ ଗୁଟେମିଲ ଥାନା ଅଞ୍ଚଳର ବୀରେନ୍ଦର ସିଂ(୩୯), ପପୁ ଓରଫ ପ୍ରଭାତ ସିଂ(୪୫), ଝାଡ଼ଖଣ୍ଡ ରାଞ୍ଚିର ଏମ୍‌ଡି ଇସ୍ରାଫିଲ ଆଲମ(୪୨) ଓ ହସନ ଅନ୍‌ସାରୀ(୩୪)। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ପିସ୍ତଲ, ୧୩ଟି ଗୁଳି, ୨ଟି ବାଇକ, ୪୨ ହଜାର ଟଙ୍କା ଓ ୨ଟି ହେଲ୍‌ମେଟ୍ ପୋଲିସ ଜବତ କରିଛି ବୋଲି ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଏବଂ ଝାରସୁଗୁଡ଼ା ଏସ୍‌ପି ସ୍ମିତ୍ ପି. ପରମାର ସୂଚନା ଦେଇଛନ୍ତି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଚାଲିଥିବା କୁହାଯାଇଛି।



ଗିରଫ ୪ ଅଭିଯୁକ୍ତ।


ଜବତ ବନ୍ଧୁକ, ଗୁଳି, ଟଙ୍କା ଓ ଅନ୍ୟ ସାମଗ୍ରୀ।

ସୂଚନା ଅନୁଯାୟୀ, ଗତ ଜୁଲାଇ ୨୧ ତାରିଖ ଅପରାହ୍ନ ପ୍ରାୟ ୧ଟା ୧୫ ମିନିଟ୍‌ରେ ଅଭିଯୁକ୍ତମାନେ ହେଲ୍‌ମେଟ୍ ପିନ୍ଧି ବାଇକ୍‌ରେ ଆସି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟାଙ୍କ ଫାଟକ ନିକଟରେ ଜଗି ରହିଥିବାବେଳେ ଅନ୍ୟମାନେ ବନ୍ଧୁକ ଧରି ଭିତରେ ପଶିଥିଲେ। ସେମାନେ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରିବା ସହ ବ୍ୟାଙ୍କ ଡ୍ରୟରରୁ ୭୪,୯୫୦ ଟଙ୍କା ଏବଂ ୪୪.୬ ଗ୍ରାମ୍‌ର ସୁନାଅଳଙ୍କାର ଲୁଟ୍ କରି ଫେରାର ହୋଇଯାଇଥିଲେ। ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରାରେ ଲୁଟ୍‌ବେଳର ଦୃଶ୍ୟ କଏଦ ହୋଇଥିଲା। ଏନେଇ ଉକ୍ତ ବ୍ୟାଙ୍କର ମ୍ୟାନେଜର ମନୋରଞ୍ଜନ ଜେନା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୨/୨୫) ରୁଜୁ କରିଥିଲା।

# ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା, ସ୍ୱାମୀ ଗିରଫ

ରାୟଗଡ଼ା,୭।୮ (ଆଶିଷ ରଞ୍ଜନ ପଣ୍ଡା)

ପାରିବାରିକ କଳହକୁ ନେଇ ଠେଙ୍ଗାରେ ପିଟି ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅଧୀନ ଗାଜିଗାଁ ପଞ୍ଚାୟତ ଅନ୍ତର୍ଗତ ଗଣ୍ଡାବାଲସା ଗ୍ରାମରେ ବୁଧବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ମହିଳା ହେଲେ ସିନ୍ଧେ କଣ୍ଡାଗରି(୪୫)। ଶେଷଖାଲ ପୋଲିସ ଗୁରୁବାର ଅଭିଯୁକ୍ତ ସ୍ୱାମୀ ବାଲେୟା କଣ୍ଡାଗରି(୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ, କୌଣସି କାରଣକୁ ନେଇ ବାଲେୟା ତାଙ୍କ ସ୍ତ୍ରୀ ସିନ୍ଧେଙ୍କୁ ଠେଙ୍ଗାରେ ପିଟି ମାରି ଦେଇଥିଲେ। ସିନ୍ଧେଙ୍କ ପୁଅ କିରଣ ଡଙ୍ଗରରୁ ଫେରି ମା'ଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ କିରଣ ଶେଷଖାଲ ଥାନାକୁ ସୂଚନା ଦେବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# କ୍ରାଇମ୍‌ବ୍ରାଞ୍ଚ ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

## ଛୁଟିରେ ଗଲେ ଆଇଜି

ବାଲେଶ୍ୱର, ୭।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାର ତଦନ୍ତରୁ ହଟିଛନ୍ତି କ୍ରାଇମ୍‌ବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ଆଇଜି ଏସ୍. ସାଇନି। କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକ ଏଥିରେ ସହଯୋଗ କରିବେ। ଅପରପକ୍ଷରେ ଏସ୍‌ପି ରାଉତରାୟ କହିଛନ୍ତି, ଏହା ଏକ ବ୍ୟବସ୍ଥାଗତ ପ୍ରକ୍ରିୟା। ପ୍ରତ୍ୟେକ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଅନେକ ସତ୍ୟ ଓ ତଥ୍ୟ ହାସଲ କରାଯାଇଛି। ଆଗକୁ ମଧ୍ୟ ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ ଜାରି ରହିବ। ମାମଲାର ସମସ୍ତ ଅଗ୍ରଗତି ରିପୋର୍ଟ ଡିଜିଙ୍କୁ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ତେବେ ହଠାତ୍ ତଦନ୍ତ ଦଳର ମୁଖ୍ୟଙ୍କୁ କାହିଁକି ବଦଳ କରାଗଲା, ସେ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଘଟଣାର ୨୪ ଦିନ ପରେ ଏସ୍‌ପି ରାଉତରାୟଙ୍କ ନିଯୁକ୍ତି ନେଇ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ଡିଏସ୍‌ପିଙ୍କ ନେତୃତ୍ୱରେ ହୋଇଥିବା ତଦନ୍ତକୁ ସେ ଗୁରୁତ୍ୱ ଦେବେ ନା ପୁଣି ଥରେ ପ୍ରଥମରୁ ପ୍ରକ୍ରିୟା ଆରମ୍ଭ କରିବେ। ଘଟଣାର ତଦନ୍ତ ଚାଲିଥିବା ସମୟରେ ଡିଜି ବିନୟତୋଷ ମିଶ୍ର ବାଲେଶ୍ୱର ଆସି ଘଟଣାସ୍ଥଳ ପରିଦର୍ଶନ ସହ ସଂଖ୍ୟାଧିକ ସାକ୍ଷୀ ଓ ବ୍ୟକ୍ତିଙ୍କୁ ଜେରା କରିଥିଲେ। ତଦନ୍ତ ପ୍ରକ୍ରିୟା ଠିକ୍ ଦିଗରେ ଚାଲୁଥିବା ନେଇ ଗଣମାଧ୍ୟମକୁ କହିଥିଲେ। ନିରପେକ୍ଷ ତଦନ୍ତର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହି ଘଟଣାରେ ପୂର୍ବରୁ ଏବ୍‌ଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଗିରଫ କରାଯାଇଥିବା ବେଳେ ତଦନ୍ତକାରୀ ଟିମ୍‌କୁ ମିଳିଥିବା ପ୍ରମାଣ ଆଧାରରେ ଦୁଇ ଛାତ୍ରନେତା ଗିରଫ ହୋଇଛନ୍ତି।

ଏସ୍‌ପିଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ପୁଣିଥରେ ପ୍ରଥମରୁ ତଦନ୍ତ ହୋଇପାରେ ବୋଲି ଅନୁମାନ କରାଯାଉଛି। ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଆଇସିସି ସଦସ୍ୟା, କର୍ମଚାରୀମାନେ ପୁଣି ତଦନ୍ତ ପରିସରଭୁକ୍ତ ହୋଇପାରନ୍ତି। ଏଭଳି ତଦନ୍ତ ପ୍ରକ୍ରିୟା ଦୀର୍ଘ ଦିନ ଧରି ଚାଲିବା ଦ୍ୱାରା କଲେଜ କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ଖୁବ୍‌ଶୀଘ୍ର ଏହି ତଦନ୍ତ ପ୍ରକ୍ରିୟା ସାରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।


ବାଲେଶ୍ୱରରେ କ୍ରାଇମବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟ।


## RAVENSHAW UNIVERSITY
### CUTTACK-753003, ODISHA

No.CAD-1410

**ADVERTISEMENT FOR ENGAGEMENT OF RETIRED PROFESSORS/RETIRED ASSOCIATE PROFESSORS/ ADJUNCT PROFESSOR/ PROFESSOR OF EMERITUS/PROFESSOR OF PRACTICE/ DISTINGUISHED FACULTIES/ GUEST FACULTIES (ASST. PROFESSORS)**

Applications are invited from the eligible candidates to fill up the vacancies against the approved posts as per Order No.4477/HE dated 01.02.2024 and additional faculty positions as per Order No.4478/ HE dated 01.02.2024. Interested candidates are required to apply in the prescribed format along with relevant documents. The application in a sealed envelope must reach the Office of the Registrar on or before 18.08.2025 by 05.00 P.M. For details please visit website: www.ravenshawuniversity.ac.in. Addendum/ Corrigendum if any, shall be published only on the University website.

No.3101/ Date:04.08.2025

OIPR-11008/11/0035/2526 Registrar



## ROGI KALYAN SAMITI, CHC KANAS, PURI- 752017
### DIET TENDER NOTICE

**No.E-294:** Rogi Kalyan Samiti, CHC Kanas, Puri invites tender from the eligible registered diet preparation and catering firm/ agency/SHGs to the indoor patients admitting at CHC Kanas, Puri on annual contract basis. Details of tender paper and term of reference will be available online at https://puri.odisha.gov.in and official website of CHC Kanas https://chckanaspuri.in.The sealed tender should be reached before **2.00 PM on dated 18/08/2025** at the address of **"Superintendent, CHC Kanas, Puri -752017"** by speed post/ regd. Post/by hand. The Tender will be opened before the Diet Committee on 18/08/2025 at 3.00 PM.

**Sd./- Superintendent-cum-Member Secretary**
**Rogi Kalyan Samiti, CHC Kanas, Puri**
**OIPR-10272/11/0001/2526**



## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
### OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-1394

No.-CHEP/TW-132 (Vol.-II)/3016 Date: 06.08.2025

**TENDER CALL NOTICE NO.-CHEP-25/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Contractors / Agencies meeting Eligibility Criteria only for the following work;

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Photocopying of official documents of various sizes of CHEP, Chiplima | Rs.4,720/- (Rs.4,000/- + GST @18%) | Rs.5,13,840.00 / EMD = Rs.5,150.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.08.08.2025 up to 12:30 PM of dtd.19.08.2025.**

OIPR-04006/11/0097/2526 Sd/- C & P Head, CHEP, Chiplima



## NATIONAL HEALTH MISSION
## ZILLA SWASTHYA SAMITI, DEOGARH

Advt. No.1943 Dt.06.08.2025

**Request for Proposal (RFP) for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions in Deogarh district**

**No.E-296** : Sealed proposals as per the prescribed RFP document are invited from interested eligible bidders for operation of the Selection of Agency to undertake Paramedics, Nursing & other Techno Managerial Services at Govt. Health Institutions in Deogarh district. The eligibility criteria, the detail requirement for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions in Deogarh district and the formats for submission of proposals are set forth in the following RFP documents which can be downloaded from the district website https://deogarh.odisha.gov.in.

Interested bidders fulfilling the eligibility criteria may submit their proposal separately (with EMD & documents as set forth in this RFP) to the Office of the Chief District Medical & Public Health Officer, Deogarh. The detail address for submission of proposal is mentioned in the RFP document. The Proposal should reach to the office of the CDM & PHO, Deogarh (by Speed post/ Registered Post only) on or before 30.08.2025 till 05:00PM. The technical proposal shall be opened on 02.09.2025 at 11.00 AM. The date of opening of the financial proposals will be intimated by the CDM & PHO, Deogarh to the bidders only found successful in the technical bid evaluation. Pre-bid meeting scheduled to be held on 13.08.2025 at 11.00 AM at O/o CDM & PHO, Deogarh.

The Authority reserves the right to reject any or all the proposals without assigning any reason thereof.

**Sd./- Dr. Biswamohan Mishra**
**CDM & PHO cum-District Mission Director, Deogarh**

OIPR-10113/11/0013/2526



## GOVERNMENT OF ODISHA
## PANCHAYAT SAMITI, KARLAMUNDA
### E-Procurement Notice

No.i-266

**Bid Identification No. PS-KRLMND-T-1/2025-26**

| | | |
|---|---|---|
| 1 | No. of the Work | : Building Works 3 Nos. |
| 2 | Estimated Cost | : Rs.22.54 Lakh |
| 3 | Class of Contractor | : "C & B" |
| 4 | Period of Completion | : 6 Months |
| 5 | Date and Time of availability of bid document in the portal | : 11.00 hrs. of 04.08.2025 to 17.00 hrs. of 15.08.2025 |
| 6 | Last date/time for receipt of bid in the portal | : 17.00 hour of 15.08.2025 |
| 7 | Name and address of the Officer Inviting Bid | : Block Development Officer, Karlamunda |
| 8 | Date & Venue of Opening of the Single Cover Bid and Technical Bid (Cover 1) | : On 16.08.2025 at 11.00 AM in the Office of the Panchayat Samiti, Karlamunda |

Further details can be seen from the e-Procurement portal https://tendersodisha.gov.in.

**Sd./-**
**Block Development Officer, Karlamunda**

OIPR-19429/11/0004/2526



No.A-471

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER CANAL CIRCLE, BURLA

**e-Procurement Notice No. - ACECCB-03/2025-26**
**Bid Identification No. - ACECCB-03/2025-26**

1 Type of the work : Lining Work
2 No. of works : 1 (One) No.
3 Class of Contractor : "A" & "Special" class
4 Bid Identification No. : ACECCB-03/2025-26
5 Estimated cost : **Rs.957.93 Lakhs (Approx)**
6 Period of completion : 24 (Twenty Four) Calendar Months
7 Date and time of availability of bid documents in the portal : **Dt.12.08.2025 at 11.00 A.M. to Dt.01.09.2025 up to 5.30 P.M.**
8 Last date/time for receipt of bids in the portal : **Dt.01.09.2025 up to 5.30 P.M.**
9 Date of opening of Technical Bid (Cover-I) : **Dt.02.09.2025 at 11.30 A.M.** O/o Additional Chief Engineer, Canal Circle, Burla
10 Date of opening of Financial Bid (Cover-II) : To be intimated later
11 Name and Address of the Officer inviting Bid : Additional Chief Engineer, Canal Circle, Burla-768017 Email Id : aceccburla12@gmail.com

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

**Sd./- ADDITIONAL CHIEF ENGINEER, CANAL CIRCLE, BURLA**

OIPR-32460/11/0017/2526



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୧୬୧ ତା.୩୦.୦୭.୨୫

### ବିଜ୍ଞାପନ

**No.CAD-1396**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ.ଏଚ.ଆଇ.ଜି-୬୪ (HIG-64), ଆଇଗିଣିଆ, ପ୍ରଥମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବଙ୍ଗାଳି ଚରଣ ପଣ୍ଡା, ପିତା-ସ୍ୱ ଲଡୁ କିଶୋର ପଣ୍ଡା, ସା-ଗୁମା, ପୋ-ଫାଶିଗୁଡା, ଥାନା-ଦିଗପହଣ୍ଡି, ଜିଲ୍ଲା-ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ବଙ୍ଗାଳି ଚରଣ ପଣ୍ଡା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁମନ ପୃଷ୍ଟି, ପିତା-ବାପୁଜୀ ପୃଷ୍ଟି, ସା-ପ୍ଲଟ ନଂ.-୧୦୫୪/୧, ଲେନ-୪/ସି, ଶତାବ୍ଦୀ ନଗର, ବରମୁଣ୍ଡା,ପୋ/ଥାନା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0789/2526



## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
### OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-1393

No.-CHEP/TW-121 (Vol.-V)/2881 Date: 30.07.2025

**TENDER CALL NOTICE NO.-CHEP-24/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Service Contractors / Agencies having valid License under Food Safety & Standards Act / Rule issued by Govt. Authority for the following work as mentioned below;

| Description | Cost of Tender Paper (Non-refundable) | Estimated Cost / EMD |
|---|---|---|
| Catering & Caretaking of OHPC Guest House at CHEP, Chiplima | Rs.4,720/- (Rs.4,000/- + GST @18%) | Rs.6,33,169.00 / EMD = Rs.6,340.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.01.08.2025 up to 12:30 PM of dtd.12.08.2025.**

OIPR-04006/11/0096/2526 Sd/- C & P Head, CHEP, Chiplima



## OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK

No.A-468

Letter No. 3194/Dt. 04.08.2025

**GOVERNMENT OF ODISHA e-Procurement Notice**
**Bid Identification No. online SECMID - 09/2025-26**
eemidcuttack@yahoo.co.in

1 Name of work : **Improvement of MIP under Improvement to Tank & MIP scheme in MI Sub-Division Athagarh.**
2 Total Number of work : **01 (One) No.**
3 Estimated cost : **Rs. 43.65 lakhs**
4 Tender paper Cost (Online) : **Rs. 6,000/-**
5 Bid Security (Online) : As per DTCN
6 Period of Completion : As per DTCN
7 Availability of Bid Document : From **08.08.2025, 10.00 A.M. to 21.08.2025, 5.00 P.M.** in website (www.tendersorissa.gov.in)
8 Last date & Time of receipt : **21.08.2025 at 5.00 P.M.** through online Bid
9 Date of opening of Technical Bid documents : **22.08.2025 - at 11.00 A.M.** in the office of the SE, M.I. Division, Cuttack
10 Date of Lottery, if required : **30.08.2025 at 12.00 Noon** in the office of the SE, M.I. Division, Cuttack
11 Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

**Sd./- Superintending Engineer**
**M.I. Division, Cuttack**

OIPR-32121/11/0041/2526



See Career Appointment on every Wednesday & Saturday



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, SUNDARGARH
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No.O-524

**No. Tender Online - RWCCESNG - 07 of 2025-26, Letter No. 1891 / Dtd. 30.07.2025**

### e-Procurement NOTICE

1. Type of the Work : Roads (DMF), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 07 of 2025-26 | 12.08.2025 11:00 A.M. | 25.08.2025 5:00 P.M. | 22.08.2025 5:00 P.M. | 26.08.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

**Sd./- Chief Construction Engineer**
**Rural Works Circle, Sundargarh**

OIPR-25133/11/0057/2526



## ODISHA PUBLIC SERVICE COMMISSION, CUTTACK
### NOTICE
**No. 5636/P.S.C., Dt. 06.08.2025**
(1R-09-24/25) (DR-V)

**Assistant Professor (Stage-I) in Geology**
**(Advertisement No.27 of 2023-24)**

**No.D-167** : It is for information of all concerned that, document verification of 40 (Forty) candidates having **PPSAN** mentioned below for the post of **Assistant Professor (Stage-I) in "Geology"**, pursuant to Advertisement No.27 of 2023-24 shall be held on **13.08.2025 & 14.08.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 13.08.2025 | 10.30 A.M. | P240300755, P240311772, P240312050, P230185520, P230187923, P240297240, P240312930, P230187887, P240297674, P220068417, P240300400, P230143457, P240304870, P240302591 & P230183983 = **15 Candidates** |
| | 2.30 P.M. | P240311784, P230183572, P240305676, P240313290, P230149278, P230184597, P230189775, P240298247, P230185639 & P220016025 = **10 Candidates** |
| 14.08.2025 | 10.30 A.M. | P220050675, P230177832, P240293738, P230147649, P230186330, P230176512, P230184934, P240309298, P230175493, P220028205, P230107600, P230145339, P230163853, P240287053 & P240294573 = **15 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission half an hour before the commencement of verification on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement, Mere participation in the document verification does not reserve any right for selection.

OIPR-12002/11/0288/2526 **Sd./- Secretary**

**ଜନ୍ମଦିନର ଶୁଭେଚ୍ଛା**
ନାମ: ...............................................
ବୟସ: ...............................................
ଜନ୍ମ ତାରିଖ: ...............................................
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ଶୁଭେଚ୍ଛୁକ: ପରିବାରବର୍ଗ

# ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗଜନକ: ବିଜେଡି

ଭୁବନେଶ୍ୱର, ୭।୮(ସୁନିତ୍ ମିଶ୍ର): କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସଦର ଥାନା ଅଞ୍ଚଳର ଜଣେ +୩ କଲେଜ ଛାତ୍ରୀ ବୁଧବାର ଆତ୍ମାହୁତି ଦେବା ଘଟଣାରେ ମହିଳାମାନେ ଅସୁରକ୍ଷିତ ହୋଇଥିବାର ସଦ୍ୟତମ ଉଦାହରଣ। ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଏବଂ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି। ଶଙ୍ଖଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରତାପ ଦେବ କହିଛନ୍ତି, ପୀଡ଼ିତା ଛାତ୍ରୀ ଜଣେ ଯୁବକ ଦ୍ୱାରା ଲଗାତର ବ୍ଲାକ୍‌ମେଲିଂର ଶିକାର ହେଉଥିଲେ। ତାଙ୍କ ବାପାଙ୍କ କହିବାନୁଯାୟୀ ସ୍ଥାନୀୟ ପୋଲିସ ତାଙ୍କ ଅଭିଯୋଗ ଗ୍ରହଣ କରି ନ ଥିଲା, ଯେଉଁଥିପାଇଁ ସେ ବାଧହୋଇ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ପୋଲିସର ଗ୍ଲାଣୁତା ପାଇଁ ଗୋଟିଏ ମୂଲ୍ୟବାନ୍ ଜୀବନ ଚାଲିଗଲା। ପୀଡ଼ିତାଙ୍କ ବାପାଙ୍କ ମନ୍ତବ୍ୟ ଅନୁଯାୟୀ, ବୁଧବାର ଏହି ଘଟଣା ଘଟିବା ପରେ ସେ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। କିନ୍ତୁ ସେ ସୂଚନା ଦେବାର ୪ଘଣ୍ଟା ପରେ ପୋଲିସ ତାଙ୍କ ଘରେ ପହଞ୍ଚିଥିବା ପୋଲିସ ପ୍ରଶାସନର ଗ୍ଲାଣୁତାକୁ ସୂଚାଉଛି।

# ଏସ୍.ସାଇନି ତଦନ୍ତରୁ ଅପସରିବା ସନ୍ଦେହ ସୃଷ୍ଟି କରିଛି: ବିଜେଡି

ଭୁବନେଶ୍ୱର, ୭।୮(ସୁନିତ୍ ମିଶ୍ର)

ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ଦାୟିତ୍ୱରେ ଥିବା ଆଇଜି ଏସ୍. ସାଇନି ହଠାତ୍ ଛୁଟିରେ ଯିବା ଓ ତାଙ୍କ ସ୍ଥାନରେ ଅନ୍ୟ ଅଧିକାରୀଙ୍କୁ ନିଯୁକ୍ତ କରିବା ନିଷ୍ପତ୍ତିକୁ ନେଇ ତଦନ୍ତ ବାଟବଣା ହେବା ସନ୍ଦେହ ବଳୟକୁ ଆସିଛି। ଏବିଭିପିର ୨ ସଦସ୍ୟଙ୍କୁ ଗିରଫର ୨୪ ଘଣ୍ଟା ମଧ୍ୟରେ ସାଇନି ଦାୟିତ୍ୱରୁ ଅପସରିଯିବା ଯୋଗୁ ସମଗ୍ର ରାଜ୍ୟବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏବିଭିପି ଓ ଶାସକ ଦଳର ସମ୍ପୃକ୍ତି ସାର୍ବଜନୀନ ହେବା ଭୟରେ ସରକାରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ପ୍ରଥମରୁ ବାଲେଶ୍ୱର ପୋଲିସକୁ କ୍ଲିନ୍‌ଚିଟ୍ ଦେଇଥିବା କ୍ରାଇମବ୍ରାଞ୍ଚ ଡିଜି ପରବର୍ତ୍ତୀ ସମୟରେ ଆଇଜି ସାଇନିଙ୍କୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ନ୍ୟସ୍ତ କରିଥିଲେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଏବିଭିପିର ସମ୍ପୃକ୍ତି ବାବଦରେ କ୍ରାଇମବ୍ରାଞ୍ଚ ଖୁଲାସା କରିବା ସହ ଏବିଭିପିର ୨ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା। ଏହି ଗିରଫଦାରି ପରେ ଏବିଭିପି ଓ ଭାଜପାର ଅସଲ ଚେହେରା ପଦାକୁ ଆସିଥିଲା। ଏଥିରେ ଆହୁରି କିଛି ଏବିଭିପି ସଦସ୍ୟ ଓ ଭାଜପା ନେତାଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଥିଲା। ତଦନ୍ତ ଆଗକୁ ବଢ଼ିଲେ ଏବିଭିପି ଓ ଭାଜପାର ନେତାଙ୍କ ସମ୍ପୃକ୍ତି ପଦାକୁ ଆସିବାର ଭୟ ଥିବାରୁ ସାଇନିଙ୍କୁ ତଦନ୍ତ ପ୍ରକ୍ରିୟାରୁ ଅନ୍ତର କରାଯାଇଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି, ବିରୋଧୀ ଦଳ ଏବଂ ଗଣମାଧ୍ୟମ ଚାପରେ ଘଟଣାର ୨୨ ଦିନ ପରେ ୨ ଜଣ ଏବିଭିପି କର୍ମକର୍ତ୍ତାଙ୍କୁ ଗତ ୩ ତାରିଖ ରାତିରେ ଗିରଫ କରାଯାଇଥିଲା। ଏହାର ୨୪ ଘଣ୍ଟା ମଧ୍ୟରେ ଏସ୍. ସାଇନି ଛୁଟିରେ ଯାଇଥିଲେ। ଏହାପରେ ସ୍ପଷ୍ଟ ହୋଇଛି, ଘଟଣାରେ ଭାଜପା ବଡ଼ ନେତାଙ୍କ ସମ୍ପୃକ୍ତି ଖୁଲାସା ହେବା ଆଶଙ୍କାରେ ସରକାର ଭୟଭୀତ ହୋଇ ଏଭଳି ଷଡ଼ଯନ୍ତ୍ର କରିଛନ୍ତି ବୋଲି ସେ କହିଛନ୍ତି।

# ପୋଲିସ ତଦନ୍ତ ସନ୍ଦେହରେ: କଂଗ୍ରେସ

**ବଳଙ୍ଗା ଓ ପଟ୍ଟାମୁଣ୍ଡାଇ ପୋଡ଼ି ମାମଲା**

**ଆଜି ଡିଜି କାର୍ଯ୍ୟାଳୟ ଘେରାଉ**

ଭୁବନେଶ୍ୱର, ୭।୮ (ରବିନାରାୟଣ ଜେନା)

ବାଲେଶ୍ୱର, ବଳଙ୍ଗା ଓ ଏବେ ପଟ୍ଟାମୁଣ୍ଡାଇ କାଠିଆପଡ଼ାରେ ଘଟିଥିବା ଛାତ୍ରୀପୋଡ଼ି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ପୋଲିସର ତଦନ୍ତ ସନ୍ଦେହ ଘେରରେ ବୋଲି କଂଗ୍ରେସ ଅଭିଯୋଗ କରିଛି। ଗୁରୁବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଥିଲେ, ନାରୀ ନିର୍ଯାତନା କ୍ଷେତ୍ରରେ ପୂର୍ବ ସରକାରର କୁଖ୍ୟାତି ଯାହାଥିଲା ତାକୁ ଭାଜପା ସରକାର ବଳି ଗଲାଣି । ଅଭିଯୁକ୍ତଙ୍କୁ କାଗଜଡ଼ାକୁ ଟାଣିବାରେ ପୋଲିସ କିମ୍ବା ସରକାର ତତ୍ପରତା ଦେଖାଉ ନାହାନ୍ତି। ପୋଲିସ ତଦନ୍ତ ଆଳରେ ଦିନ ଗଡ଼ାଇ ଚାଲିଛି, ପୀଡ଼ିତା ମୃତ୍ୟୁ ମୁଖରେ ପଡୁଛି, ଅପରାଧୀ ଖୋଲା ଆକାଶ ତଳେ ବୁଲୁଛି। ଏହା ହେଲା ବାସ୍ତବ ଚିତ୍ର।

ଏହି ଅବସରରେ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଥିଲେ, ବଳଙ୍ଗା ଘଟଣାରେ ଆଇନଗତ ଆଧାରରେ ତଦନ୍ତ ହେବା କଥା କିନ୍ତୁ ହୋଇନାହିଁ । ମୃତ୍ୟୁର ତିନିଦିନ ପୂର୍ବରୁ ପୁରୀ ଆରକ୍ଷୀ ଅଧୀକ୍ଷକ ଗଣମାଧ୍ୟମଙ୍କୁ ସୂଚନା ଦେଇ କହିଥିଲେ, ତଦନ୍ତ ସମୟରେ ଆମ ପାଖରେ ଅନେକ ତଥ୍ୟ ଲାଗିଛି । ଘଟଣା ସର୍ବଜନୀନ ହୋଇଥିବା ଯୋଗୁ ଅପରାଧୀଙ୍କୁ ଧରିବା ପାଇଁ ଆହୁରି ସମୟ ନେଉଛୁ । ମାତ୍ର ଛାତ୍ରୀଙ୍କ ମୃତ୍ୟୁ ପରେ ଏହାକୁ ନେଇ ପୋଲିସ ଓ ସରକାରଙ୍କ ପକ୍ଷରୁ ଭିନ୍ନ ମନ୍ତବ୍ୟ ପ୍ରକାଶ ପାଇଥିଲା। ବଳଙ୍ଗା ପୀଡ଼ିତାଙ୍କୁ ପୋଡ଼ି ମାରି ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏସବୁକୁ ନେଇ ଆସନ୍ତାକାଲି ଡିଜି କାର୍ଯ୍ୟାଳୟ ଘେରାଉ କରାଯିବ। ୧୦ରେ ବଳଙ୍ଗା ଠାରୁ ବାୟାବରଠାରୁ ନିମାପଡ଼ା ପର୍ଯ୍ୟନ୍ତ ନାରୀ ନ୍ୟାୟ ପଦଯାତ୍ରା ଏବଂ ନିମାପଡ଼ାରେ ସଭା କରାଯିବ। ସହିତ ୧୪ ତାରିଖ ସକାଳ ୯ଟାରେ ବାଲେଶ୍ୱର ଫକୀର ମୋହନ କଲେଜରୁ ନଗର ପରିକ୍ରମା ଓ ପରେ ସଭା କରାଯିବ ବୋଲି ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି।

**Classified Everyday**
**0674-2580101, 9692975378**



**REAL ESTATE SALE**

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- 7735922768. D-1572

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

Need IDCO Land at Mancheswar and Rasulgarh area within @5000sqft- @10,000sqft. 7008398175. D-1592

**LOST**

ମୁଁ ଶ୍ରୀମତୀ ନିଶାମଣି ମହାପାତ୍ର, ସ୍ୱାମୀ- ନାରାୟଣ ମହାପାତ୍ର, ଜଣାଉଅଛି କି ମୋର ORIGINAL ବିକ୍ରୟ କବଲା ଯାହାର ନଂ.- 11122204113 DATE ଏବଂ ORIGINAL ଜମି ପଟ୍ଟା ଯାହା Hi-tech ଛକଠାରୁ Champati Petrol Pump ମଧ୍ୟରେ ହଜିଯାଇଅଛି। ଯଦି କୌଣସି ବ୍ୟକ୍ତି ଏହାର ଦୁରୁପଯୋଗ କରେ ମୁଁ ଦାୟୀ ରହିବି ନାହିଁ। D-76302

**AFFIDAVIT**

By virtue of an affidavit sworn before the Executive Magistrate, Sadar, Sundargarh, No.-1142, date 06.08.2025, I, Thanasundar Kalser, R/o. Village/ P.O.- Ranpur, Via- Subdega, P.S.- Talsara, Dist.- Sundargarh, Odisha-770014 declare that in order to correct my Aadhaar Card henceforth I shall be known as Thanasundar Kalser instead of Manoj Kalser for all purposes.
Thanasundar Kalser D-1587

By virtue of an affidavit sworn before the Executive Magistrate, Boudh, No.-1086, date 29.07.25, I Sunil Barik, R/o. Village/ P.O.- Ramagarh, P.S./ Dist.- Boudh, Odisha, PIN- 762013 declare that I have changed my son's name from Ritesh Barik to Hitesh Barik. Henceforth, he shall be known as Hitesh Barik for all purposes.
Sunil Barik D-1594

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୁ ଆରମ୍ଭ ଟ୪୨୦/- ରୁ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Jasmin Ayiraa Das, D/o- Tularam Harijan, resident of Sanaolama, Dist.- Nabarangpur, Odisha, born on 26.06.2002 have changed my name from Jasmini Harijan to Jasmin Ayiraa Das as per affidavit dated 06.08.2025 before Executive Magistrate, Umerkote. Henceforth, I shall be known as Jasmin Ayiraa Das. D-1595

By virtue of an affidavit Sl No.- 658 sworn before THE EXECUTIVE MAGISTRATE MORADA, dated 06.06.2025, I, RAMRAI TUDU, AT/P.O.- SANMUNDHABANI, DIST.- MAYURBHANJ, PIN-757018 declare that I have changed my name from RAMARAYA TUDU to RAMRAI TUDU. Henceforth, I shall be known as RAMRAI TUDU for all purposes. D-1589

I, Sulu Maharana, D/o- Banamali Maharana, R/o MIG-2-318, Kalinga Vihar, Phase-II, Chhend, Rourkela-769015, Sundargarh, Odisha- 769015 have changed my name to Pramila Maharana for all purposes. D-1596

I, Das Naik(39), S/o Damba Naik, Res/ Vill- Singipur, P.O.- Kadua, P.S.- Jagannath Prasad, Dist.- Ganjam declared by this affidavit No.- 500/ 05.08.25 that now onwards I shall be known as Dasarathi Naik new name for all future purposes. D- 1586

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦରେ ଦେୟକୁ ନିମ୍ନରେ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ କରିବା ପରେ ରସିଦ୍ Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

Letter No.-1570,
Date 06.08.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନଂ.-୪, (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.), ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନରେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ୪ର୍ଥ ମହଲା, ୟୁନିଟ୍-୫, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର-୮୭୧/୨୦୨୪

ମଲ୍ଲି ନାୟକ ଏବଂ ଅନ୍ୟମାନେ ....ବାଦୀମାନେ

ବନାମ

ସୁନା ଦେଈ ଏବଂ ଅନ୍ୟମାନେ ....ପ୍ରତିବାଦୀମାନେ

ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଆଦେଶ ନଂ. ୫ ଏବଂ ନିୟମ ୨୦ (୧-କ) ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ନିମ୍ନଲିଖିତ ପ୍ରତିବାଦୀ ନଂ.-୧କ ଅବଗତି ନିମନ୍ତେ ନୋଟିସ ଦିଆଯାଉଛି କି ଧାର୍ଯ୍ୟ ତାରିଖ ଦିନ ଉପରଲିଖିତ ଅଦାଲତରେ ପ୍ରତିବାଦୀ ନଂ.-୧କ ଉତ୍ତରାଧିକାରୀ କିମ୍ବା ଓକିଲ (ଆରକାସନେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବେ-

ପ୍ରାପ୍ତେଷୁ ଙ୍କ ନାମ ଓ ଠିକଣା- ପ୍ରତିବାଦୀ ନଂ.-୧, ସୁନା ଦେଈ, ସ୍ୱାମୀ- ଯୋଗୀ ନନ୍ଦ, ସା/ପୋ-ଘାଟିକିଆ, ଥାନା- ଭରତପୁର, ଜିଲ୍ଲା-ଖୋର୍ଦ୍ଧା।

ଏତଦ୍ୱାରା ପ୍ରତିବାଦୀ ନଂ.-୧କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ବୃତ୍ତାନ୍ତ ପ୍ରଜାଶାସନ ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ପ୍ରତିବାଦୀ ନଂ.-୧କର ବିଭିନ୍ନ କାରଣ ଦର୍ଶାଇ ନୋଟିସ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନଂ.-୩, ୟୁନିଟ୍-୫, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୮।୦୯।୨୦୨୫ରିଖ ଦିବା ୧୦.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା ନଂ.-୫୦, ମୌଜା- ଘାଟିକିଆ

ସାବକ

ଖାତା ନମ୍ବର- ୩୦୫, ପ୍ଲଟ୍ ନମ୍ବର- ୪୬୦, କିସମ- ଶାରଦ-୩, ରକବା- ଏ୦.୫୦୫ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା ନଂ.-୫୦, ମୌଜା- ଘାଟିକିଆ

ଖାତା ନମ୍ବର- ୧୮୦୮, ପ୍ଲଟ୍ ନମ୍ବର- ୪୭୪୫, କିସମ- ଶା.ଅ.ସେ-୩, ରକବା- ଏ୦.୧୭୩ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୫୭୦

Letter No.-1408,
Date- 24.07.2025

ମାନ୍ୟବର ଆଡିସିନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ (ଭା.ପ୍ର.ସେ.) ଆଡିସିନାଲ ରିଭିଜନ କୋର୍ଟ ନଂ ୪ଙ୍କ ଅଦାଲତ, ଭୁବନେଶ୍ୱର

ଓ. ଏସ୍.ଏସ୍. ନମ୍ବର-୩୩/୨୦୨୨

ସବିତା ଶର୍ମା ....ବାଦୀମାନେ

ବନାମ

କଲେକ୍ଟର ଓଗେର ... ପ୍ରତିବାଦୀମାନେ

ପ୍ରାପ୍ତେଷୁ

୭. ସରୋଜିନୀ ଦାସ, ସ୍ୱାମୀ- ଦିଲ୍ଲୀପ କୁମାର ଦାସ, ଗ୍ରାମ- ଶେରପୁର, ଜିଲ୍ଲା- ଯାଜପୁର, ବର୍ତ୍ତମାନ ଗ୍ରାମ-ସମେଇଗାଡ଼ିଆ, ସୋମନାଥ କ୍ଲବ ପାଖ, ପୋଷ୍ଟ- ରସୁଲଗଡ଼, ଥାନା-ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା।

ନୋଟିସ

ସିପିସି ଅର୍ଡର ୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଧାରା-୧୫ (ଖ) ମୁତାବକ ମାନ୍ୟବର ଆଡିସିନାଲ କମିଶନର, ଆଡିସିନାଲ ରିଭିଜନ କୋର୍ଟ ନଂ ୪ଙ୍କ ଅଦାଲତରେ ବାଦୀ ଶ୍ରୀମତୀ ସବିତା ଶର୍ମା ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୭ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦି ନଂ ୭ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ କେସର ଶୁଣାଣି ମାନ୍ୟବର ଆଡିସିନାଲ ରିଭିଜନ କୋର୍ଟ ନଂ ୪ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା୦୮।୦୯।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା-ଗୋଡ଼ିକଣ୍ଡ, ସାବିକ ଖାତା ନମ୍ବର- ୮୧୮, ପ୍ଲଟ୍ ନମ୍ବର- ୩୧୩୫, ଏରିଆ- ଏ୦.୧୨(୧୨୦)ଡି, ଅନୁରୂପ ବର୍ତ୍ତମାନ ଜରିପ ହାଲ୍ ଖାତା ନମ୍ବର ୩୧୬୮, ପ୍ଲଟ୍ ନମ୍ବର- ୫୩୭୮, ଏରିଆ-ଏ୦.୧୨୦ ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ୭ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ କୋର୍ଟରେ ଉପସ୍ଥିତ ରହି ମୋକଦ୍ଦମାରେ ତଦ୍ବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ସ୍ୱା./- ଆଡିସିନାଲ ରିଭିଜନ କୋର୍ଟ ନଂ. ୪ ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୭୫୮୪

ମାନ୍ୟବର ମେମ୍ବର, ବୋର୍ଡ, ଅଫ୍ ରେଭିନ୍ୟୁ, ଶ୍ରୀ ଦେଓରଞ୍ଜନ କୁମାର ସିଂ, ଆଇ.ଏ.ଏସ୍. ଙ୍କ ଅଦାଲତ, ଓଡ଼ିଶା, କଟକ
କ୍ୟାମ୍ପ କୋର୍ଟ, କେଶରୀ ନଗର, ୟୁନିଟ୍-୫, ଭୁବନେଶ୍ୱର
ଓ.ଏସ୍.ଏସ୍.କେସ୍ ନଂ.- ୧୫/୨୦୧୯

ଶ୍ରୀମତୀ ଦେବଯାନୀ ଦାସ ....ବାଦୀ/ଦରଖାସ୍ତକାରୀ

ବନାମ

ଶ୍ରୀମତୀ ଊର୍ମିଳା ହରିଚନ୍ଦନ ଓଗେରମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ:

୧. ଶକୁନ୍ତଳା ଶତପଥୀ, ସ୍ୱାମୀ: ରାମଚନ୍ଦ୍ର ଦାସ, ସା: ଖଇରାପଡ଼ା, ଥାନା: ଗଞ୍ଜାପୁର, ଜିଲ୍ଲା: ଗଞ୍ଜାମ ......ପ୍ରତିବାଦୀ ନଂ.୨୧
୨. ସୁବାସିନୀ ବାରିକ, ସ୍ୱାମୀ: ଗୁରୁମୂର୍ତ୍ତି ବାରିକ, ସା: ସାନଡୋଡୋଙ୍ଗା, ଥାନା: ଗଞ୍ଜାପୁର, ଜିଲ୍ଲା: ଗଞ୍ଜାମ ......ପ୍ରତିବାଦୀ ନଂ.୨୨
୩. ଦେବପ୍ରସାଦ ମିଶ୍ର, ପିତା: ବିଶ୍ୱନାଥ ମିଶ୍ର, ସା: ବନମାଳୀପୁର, ପୋ/ଥାନା/ଜିଲ୍ଲା: କଟକ ......ପ୍ରତିବାଦୀ ନଂ.୨୩
୪. ରଶ୍ମିରେଖା ଷଡ଼ଙ୍ଗୀ, ସ୍ୱାମୀ: ବିଜୁଦତ୍ତ ଷଡ଼ଙ୍ଗୀ,ସା: ପରମହଂସ, ଥାନା: କଟକ ସଦର, ଜିଲ୍ଲା- କଟକ .....ପ୍ରତିବାଦୀ ନଂ.୨୩(କ)
୫. ଅନନ୍ତ କୁମାର ପୃଷ୍ଟି, ପିତା: ଅର୍ଜୁନ ପୃଷ୍ଟି, ସା: ବେଗୁନିଆ, ଥାନା: ବସ୍ତା, ଜିଲ୍ଲା- ବାଲେଶ୍ୱର ......ପ୍ରତିବାଦୀ ନଂ.୨୮
୬. ଅଞ୍ଜଳି ରାଉତ, ସ୍ୱାମୀ: ନାରାୟଣ ରାଉତ, ସା: ବିଶ୍ରାମପୁର, ପୋ: ଓରାଲି, ଥାନା: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ ......ପ୍ରତିବାଦୀ ନଂ.୨୯
୭. ଅଞ୍ଜନା ଓଝା, ସ୍ୱାମୀ: ଶରତ ଚନ୍ଦ୍ର ଓଝା, ସା: ବରୀ, ଅତୁଙ୍ଗବାଡ଼, ଥାନା: ବିଞ୍ଝାରପୁର, ଜିଲ୍ଲା: ଯାଜପୁର ......ପ୍ରତିବାଦୀ ନଂ.୩୦
୮. ସୌମ୍ୟରଞ୍ଜନ ସାହୁ, ପିତା: ବ୍ରହ୍ମାନନ୍ଦ ସାହୁ, ସା: ରଗଡ଼ି, ଥାନା: ବାଙ୍କୀ, ଜିଲ୍ଲା: କଟକ ......ପ୍ରତିବାଦୀ ନଂ.୩୫

ନୋଟିସ

ସି.ପି.ସି ଅର୍ଡର-୫, ରୁଲ୍-୨୦ ମୁତାବକ

ବାଦୀ ଶ୍ରୀମତୀ ଦେବଯାନୀ ଦାସଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮, ଧାରା- ୧୫(ଖ) ମୁତାବକ ମାନ୍ୟବର ମେମ୍ବର, ବୋର୍ଡ ଅଫ୍ ରେଭିନ୍ୟୁ ଓଡ଼ିଶା, କଟକ, କ୍ୟାମ୍ପକୋର୍ଟ, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀଙ୍କ ଖରିଦ୍ ଦାଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଓ.ଏସ୍.ଏସ୍ . କେସ୍ ନଂ.- ୧୫/୨୦୧୯ ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.- ୨୧,୨୨,୨୩, ୨୩(କ),୨୮, ୨୯, ୩୦ ଓ ୩୫ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ପ୍ରତିବାଦୀମାନଙ୍କ ଠିକ୍ ଠିକଣା ନଥିବାର ତଥା ଉକ୍ତ ନୋଟିସ୍‌କୁ କିଛି ଗ୍ରହଣ ନକରିବାରୁ ତାହା ଜାରି ହୋଇନପାରି ଫେରସ୍ତ ଆସିଛି। ସେମାନଙ୍କୁ ତଥା ସେମାନଙ୍କର ସଠିକ୍ ଠିକଣା ବହୁ ଚେଷ୍ଟା କରି ମିଳିପାରିଲା ନାହିଁ।

ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.- ୨୧,୨୨,୨୩,୨୩(କ),୨୮,୨୯, ୩୦ ଓ ୩୫ଙ୍କୁ ସେମାନଙ୍କ ଅବଗତି ନିମନ୍ତେ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ମେମ୍ବର, ବୋର୍ଡ ଅଫ୍ ରେଭିନ୍ୟୁ, ଓଡ଼ିଶା, କଟକ, ତା- ୧୬।୧୦।୨୦୨୫ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ମୌଜା- ପଥରଗଡ଼ିଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା। ସାବିକ ଖାତା ନଂ.- ୧୦୫(ଏକଶହ ପାଞ୍ଚ), ପ୍ଲଟ୍ ନଂ.- ୫୮୭ (ପାଞ୍ଚଶହ ସତାଅଶୀ), ଆଂଶିକ, କିସମ: ବରଡ଼ା- ଦୁଇ କିସ୍ମ ଏକର ଏ୦.୦୪୦ଡି(ଅଠଚାଳିଶ ଡିସିମିଲ୍) ସମୁଦାୟ ଏ୦.୩୫୫ଡି (ତିନିଶହ ପଞ୍ଚଚାଳିଶ ଡିସିମିଲ୍) (ଭେଣ୍ଡର କ୍ରୟ କରିଥିବା ଅଂଶ) ସମୁଦାୟ ସମୁଦାୟ ଏରିଆ ଏ ୧.୭୨୫ ଡିସିମିଲ୍ (ଏକ ଏକର ସାତଶହ ପଚିଶ ଡିସିମିଲ୍) ( ସବ୍ ପ୍ଲଟ୍ ନଂ- ୩)

ହାଲ୍ ଖାତା ନଂ.- ୧୫୫୬ ହାଲ୍ ପ୍ଲଟ୍ ନଂ.- ୨୭୮୯, ଏରିଆ ଏ୦.୦୪୮ଡି (ଅଠଚାଳିଶ ଡିସିମିଲ୍) ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ଏହି ତଫସିଲ୍ ବର୍ଣ୍ଣିତ ସଂପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍ବିର କରିବେ, ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଫଏସଲା କରାଯିବ।

ସଦସ୍ୟ ରାଜସ୍ୱ ପର୍ଷଦ, କଟକଙ୍କ ଆଦେଶକ୍ରମେ
ସ୍ୱା./- ଅନୁସଚିବ (ବିଚାର)
ବୋର୍ଡ, ଅଫ୍ ରେଭିନ୍ୟୁ, ଓଡ଼ିଶା, କଟକ
ଧ-୧୫୮୮

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଉଲ୍ଲାସ ଚନ୍ଦ୍ର ବାରିକ**

(ଅବସରପ୍ରାପ୍ତ ରେଳବାଇ କର୍ମଚାରୀ)
ଧରାବତରଣ: ତା୧୮।୦୭।୧୯୩୭
ତିରୋଧାନ: ତା୦୮।୦୮।୨୦୨୪
ବିଜୁଆଶା ଗ୍ରାମ, ଜଟଣୀ, ଖୋର୍ଦ୍ଧା

ବିଗତ ବର୍ଷଗୁଡ଼ିକ କାଳ ଆପଣଙ୍କ ସ୍ନେହ, ସ୍ମୃତି ଓ ଆଶୀର୍ବାଦ ଆମ ସହ ରହିଛି। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୭୫୮୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଡ. ପ୍ରଭାତ କୁମାର ସାହୁ**

ବରିଷ୍ଠ ବୈଜ୍ଞାନିକ ଓ ଲେଖକ
ଆବିର୍ଭାବ: ୨୦.୧୧.୧୯୪୫
ତିରୋଧାନ: ୨୯.୦୭.୨୦୨୫

ଆପଣ ଆମକୁ ଶୋକ ସାଗରରେ ଭସାଇ ଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଦୟା ଓ ଆଦର୍ଶ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ପୁଷ୍ପଲତା ସାହୁ, ଗୌତମ ପ୍ରିୟଦର୍ଶୀ, ଅମ୍ପିତା, ଆରିୟା, ଆଭା ଓ ପରିବାରବର୍ଗ
ଧ-୭୫୮୬

# ନୂଆ ଚାମ୍ପିୟନ


ସତ୍ୟରଞ୍ଜନ ପଟ୍ଟନାୟକ

ସେଦିନ ଥିଲା ୨୦୦୫ ମସିହା ଡିସେମ୍ବର ୯ ତାରିଖ ଶୁକ୍ରବାର। ମହାରାଷ୍ଟ୍ରର ନାଗପୁରରେ ଏକ ମରାଠୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ଆଜିର ମହିଳା ବିଶ୍ୱକପ୍ ଚର୍ଚ୍ଚିତ ଚେସ୍ ବିଜେତା ଦିବ୍ୟା ଦେଶମୁଖ। ପିତା ଜିତେନ୍ଦ୍ର ଓ ମା' ନମ୍ରତା ପ୍ରତିଷ୍ଠିତ ଡାକ୍ତର ହୋଇଥିଲେ ବି ନିଜର ସମ୍ମାନଜନକ ବୃତ୍ତିକୁ ପଛରେ ରଖି ପିଲାଟିବେଳୁ ଦିବ୍ୟାଙ୍କୁ ଚେସ୍‌ର ଦିବ୍ୟଜ୍ଞାନ ପ୍ରଦାନ କରିଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ସମ୍ମାନଜନକ ବିଶ୍ୱ ଜୁନିୟର ବାଳିକା ଚାମ୍ପିୟନ ହୋଇଥିବା ଦିବ୍ୟା ଦେଶମୁଖ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ୨୦୨୫ ଫିଡେ ମହିଳା ବିଶ୍ୱକପ୍‌ର ଏକ ସଂଘର୍ଷପୂର୍ଣ୍ଣ ଟାଇବ୍ରେକରେ ନିଜ ଦେଶର ଅଭିଜ୍ଞ ଗ୍ରାଣ୍ଡମାଷ୍ଟର ତଥା ଚଳିତ ବର୍ଷର ବିଶ୍ୱ ମହିଳା ରାପିଡ ଚେସ୍ ଚାମ୍ପିୟନ କୋନେରୁ ହମ୍ପିଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ପରାସ୍ତ କରି ଭାରତୀୟ ମହିଳା ଚେସ୍ ଇତିହାସକୁ ପୁନଃଲେଖନ କରିଛନ୍ତି।

୧୯ ବର୍ଷୀୟା ଦିବ୍ୟା କ୍ଲାସିକାଲ ଗେମ୍ସରେ ପ୍ରଥମ ଦୁଇ ବାଜିକୁ ବିନା ହାର ଜିତ୍‌ରେ  କଳା ଦାନରେ ଥରେ ଓ ଧଳା ଦାନରେ ଥରେ ଡ୍ର ରଖିବା ଫଳରେ ଗେମ୍ ଟାଇବ୍ରେକରକୁ ଯାଇଥିଲା। ଏହି ଟାଇବ୍ରେକରେ ଦିବ୍ୟା ପ୍ରଥମ ବାଜି ଧଳା ଦାନରେ ଡ୍ର କରି ଅନ୍ତିମ ବାଜିରେ କଳା ଦାନରେ ଏଣ୍ଡ ଗେମ୍‌ରେ ଦମଦାର ବିଜୟ ହାସଲ କରି ୨.୫-୧.୫ ସ୍କୋର ସହିତ ୩୮ ବର୍ଷୀୟା ହମ୍ପିଙ୍କୁ ପଛରେ ପକାଇ ଏହି ପ୍ରତିଷ୍ଠିତ ଟୁର୍ନାମେଣ୍ଟ ଜିତିବାରେ ପ୍ରଥମ ଭାରତୀୟ ମହିଳା ହୋଇଥିଲେ।

ମହିଳା ଚେସ୍ ବିଶ୍ୱକପ୍ ୨୦୨୫ରେ ଦେଶମୁଖଙ୍କୁ ୧୫ତମ ସିଡ୍ କରାଯାଇଥିଲା। ସେ ଚତୁର୍ଥ ରାଉଣ୍ଡରେ ଦ୍ୱିତୀୟ ସିଡ୍ ଝୁ ଜିନରଙ୍କୁ, କ୍ୱାର୍ଟର ଫାଇନାଲରେ ୧୦ମ ସିଡ୍ ହାରିକା ଦ୍ରୋଣାଭାଲିଙ୍କୁ ଏବଂ ସେମିଫାଇନାଲରେ ତୃତୀୟ ସିଡ୍ ଟାନ୍ ଝୋଙ୍ଗିଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ ସେ ଟାଇବ୍ରେକରେ ଚତୁର୍ଥ ସିଡ୍ ତଥା ତାଙ୍କଠାରୁ ବୟସରେ ଦୁଇଗୁଣା ବଡ଼ କୋନେରୁ ହମ୍ପିଙ୍କୁ ଏକ ସଂଘର୍ଷପୂର୍ଣ୍ଣ ବାଜିରେ ଏଣ୍ଡ ଗେମ୍‌ରେ ପରାସ୍ତ କରି ଟୁର୍ନାମେଣ୍ଟ ଜିତିଥିଲେ। ଏହି ବିଜୟ ସହିତ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ଅର୍ଜନ କରିଥିଲେ। ଯାହା ସାଧାରଣ ତିନୋଟି ମାନଦଣ୍ଡ ଆବଶ୍ୟକ ନ କରି ସିଧାସଳଖ ବିଶ୍ୱକପ୍ ବିଜେତାଙ୍କୁ ପ୍ରଦାନ କରାଯାଏ। ସେ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର ଏବଂ ଚତୁର୍ଥ ଭାରତୀୟ ମହିଳା ଗ୍ରାଣ୍ଡମାଷ୍ଟର ହୋଇଥିଲେ। ଏହା ସହିତ ସେ ବିଶ୍ୱ ମହିଳା କ୍ୟାଣ୍ଡିଡେଟ ଟୁର୍ନାମେଣ୍ଟ ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏହି ଐତିହାସିକ ବିଜୟ ସହିତ ଦେଶମୁଖ ୫୦,୦୦୦ ଡଲାରର (ପ୍ରାୟ ୪୪ଲକ୍ଷ) ବିଜେତା ପୁରସ୍କାର ରାଶି ପାଇବା ସହ ଏକ ବ୍ୟକ୍ତିଗତ ମାଇଲଖୁଣ୍ଟ ମଧ୍ୟ ହାସଲ କରିଥିଲେ ତାଙ୍କର ଗ୍ରାଣ୍ଡମାଷ୍ଟର ଟାଇଟଲ ଅର୍ଜନ କରି। ହମ୍ପି, ଆର୍. ବୈଶାଳୀ ଏବଂ ହାରିକା ଦ୍ରୋଣାଭାଲିଙ୍କ ପରେ ୮୮ତମ ଭାରତୀୟ ଏବଂ କେବଳ ଚତୁର୍ଥ ଭାରତୀୟ ମହିଳା ଭାବେ ସେ ଏପରି କୃତିତ୍ୱ ଲାଭ କରିଛନ୍ତି।

ଦିବ୍ୟା ହେଉଛନ୍ତି ଭାବନ୍ସ ଭଗବାନ ଦାସ ପୁରୋହିତ ବିଦ୍ୟା ମନ୍ଦିରର ଜଣେ ଛାତ୍ରୀ। ସେ କମ୍ ବୟସରୁ ଚେସ୍ ଖେଳିବା ଆରମ୍ଭ କରିଥିଲେ। ଖେଳ ପ୍ରତି ଏକ ଅଦମ୍ୟ ଇଚ୍ଛା ଯୋଗୁ ସେ ଶୀଘ୍ର  ଶୀର୍ଷ ସ୍ଥାନ ପାଇଥିଲେ। ଦିବ୍ୟା ପୂର୍ବରୁ ୨୦୨୧ରେ ୨୧ ତମ ମହିଳା ଗ୍ରାଣ୍ଡମାଷ୍ଟର (WGM) ଏବଂ ଅନ୍ତର୍ଜାତୀୟ ମାଷ୍ଟର (IM) ଉପାଧି ହାସଲ କରିଥିଲେ ଏବଂ ବିଶ୍ୱକପ୍ ବିଜୟ ପୂର୍ବରୁ ଏକ ପ୍ରଭାବଶାଳୀ ସ୍ୱତନ୍ତ୍ର ପ୍ରସ୍ତୁତି ବ୍ୟକ୍ତିଗତ କୋଚ ଏନ୍. ଶ୍ରୀନାଥଙ୍କ ସହ କରିଥିଲେ। ସେ ୨୦୨୨ ମହିଳା ଭାରତୀୟ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ ଏବଂ ୨୦୨୧ରେ ଭାରତର ୨୧ତମ ମହିଳା ଗ୍ରାଣ୍ଡମାଷ୍ଟର ମୁକୁଟ ପିନ୍ଧିଥିଲେ। ସେ ୨୦୨୦ ଫିଡେ ଅନ୍‌ଲାଇନ୍ ଅଲିମ୍ପିଆଡ୍‌ରେ ଭାରତର ସ୍ୱର୍ଣ୍ଣ ପଦକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ୨୦୨୨ ଚେସ୍ ଅଲିମ୍ପିଆଡ୍‌ରେ ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୨୩ରେ ଦିବ୍ୟା ଏସୀୟ ମହିଳା ଚେସ୍ ଚାମ୍ପିୟନଶିପ୍ ଏବଂ ଟାଟା ଷ୍ଟିଲ୍ ଇଣ୍ଡିଆ ରାପିଡ୍ ଡିଭିଜନ ଜିତିବା ପଥରେ ହାରିକା ଦ୍ରୋଣାଭାଲି ଏବଂ କୋନେରୁ ହମ୍ପି ଭଳି ଉଚ୍ଚମାନର ଭାରତୀୟ ଖେଳାଳିଙ୍କୁ ପରାସ୍ତ କରି ଚେସ୍ ଜଗତକୁ ଚକିତ କରିଥିଲେ। ତାଙ୍କର ବିଜୟ ଧାରା ୨୦୨୪ ମସିହାରେ ଜାରି ରହିଥିଲା। ମେ' ମାସରେ ଶାରଜା ଚ୍ୟାଲେଞ୍ଜର୍ସ ଏବଂ ଜୁନ୍ ମାସରେ ଫିଡେ ବିଶ୍ୱ ୨୦ ବର୍ଷରୁ କମ୍ ବାଳିକା ଚାମ୍ପିୟନଶିପ୍‌ରେ ଏକ ଅବିଶ୍ୱସନୀୟ ୧୧ ରାଉଣ୍ଡରୁ ୧୦ ପଏଣ୍ଟ ସ୍କୋର କରି ଟାଇଟଲ ହାସଲ କରିଥିଲେ।


ଦିବ୍ୟା ଦେଶମୁଖ

ଲଣ୍ଡନରେ ଅନୁଷ୍ଠିତ ୨୦୨୫ ବିଶ୍ୱ ରାପିଡ୍ ଏବଂ ବ୍ଲିଜ୍ ଦଳଗତ ଚାମ୍ପିୟନଶିପ୍‌ରେ ସେ ଏକ ରୋମାଞ୍ଚକର ଏଣ୍ଡ ଗେମ୍ ଖେଳରେ ୭୪ଥର ଗୋଟି ଚାଳନା କରି ବିଶ୍ୱର ନମ୍ବର-୧ ହୌ ୟିଫାନଙ୍କୁ (ଚୀନ୍) ପରାସ୍ତ କରି ତାଙ୍କ ସଫଳ କ୍ୟାରିୟରରେ ଆଉ ଏକ ଫର୍ଦ୍ଦ ଯୋଡ଼ିଥିଲେ।

ବିଶ୍ୱକପ୍ ବିଜୟ ପରେ ପରେ ନିଜର ଲୁହକୁ ପ୍ରତିହତ କରି ଦିବ୍ୟା ତୁରନ୍ତ ତାଙ୍କ ମା'ଙ୍କ ସହିତ ବିଜୟ ମୁହୂର୍ତ୍ତ ପାଳନ କରିଥିଲେ। ଅଶ୍ରୁଭରା ନୟନରେ ନିଜ ମା'ଙ୍କ ପଣତକାନିରେ ନିଜର ଆନନ୍ଦର ଲୁହକୁ ଚାପି ମା'ଙ୍କୁ ଜାବୁଡି ଧରିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଛାଇ ହୋଇଯାଇଥିଲା। ପରେ ପ୍ରଥମ ଉତ୍ତରରେ କହିଥିଲେ ''ମୋ ମାଆ ମୋର ସବୁଠାରୁ ବଡ଼ ସମର୍ଥକ। ମୁଁ ଭାବୁନାହିଁ ଯେ ତାଙ୍କ ବିନା ମୁଁ ଏତେ ଦୂର ଆସିଥାନ୍ତି। ଏହା ପ୍ରକୃତରେ ଭଲ ଲାଗୁଛି ଯେ ସେ ଭଲ ଏବଂ ଖରାପ ସମୟରେ ସବୁବେଳେ ମୋତେ ଉତ୍ସାହିତ କରି ଆସିଛନ୍ତି''। ଭାବପ୍ରବଣ ଚାମ୍ପିୟନ୍ ଆହୁରି ମଧ୍ୟ କହିଥିଲେ, ''ମୋ ପାଇଁ ଏହା ଜିତିବା ନିହାତି ଆବଶ୍ୟକ ଥିଲା। ଆହୁରି ଭଲ କରିବା ପାଇଁ ମୋତେ ସମୟ ଆବଶ୍ୟକ। ମୁଁ ଏପରି ଭାବରେ ଜିଏମ୍ ଟାଇଟଲ୍ ପାଇବା ସମ୍ଭବତଃ ଭାଗ୍ୟରେ ଥିଲା। ଏହି ଟୁର୍ନାମେଣ୍ଟ ପୂର୍ବରୁ ମୋର ଜିଏମ୍ ଟାଇଟଲ ପାଇଁ ଗୋଟିଏ ମାନଦଣ୍ଡ ମଧ୍ୟ ନ ଥିଲା। ତେଣୁ ଏହା ନିଶ୍ଚିତ ଭାବରେ ବହୁତ ଅର୍ଥ ରଖେ। ଆହୁରି ବହୁତ କିଛି ହାସଲ କରିବାକୁ ଅଛି। ମୁଁ ଆଶା କରୁଛି ଏହା କେବଳ ଆରମ୍ଭ ମାତ୍ର''।


ମା'ଙ୍କ ସହ ଦିବ୍ୟା

**ଜର୍ଜିଆର ବାଟୁମିଠାରେ ଅନୁଷ୍ଠିତ ଫିଡେ ମହିଳା ବିଶ୍ୱକପ୍‌ରେ ଚାମ୍ପିୟନ ହୋଇ ଭାରତୀୟ ଚେସ୍‌ରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛନ୍ତି ଦିବ୍ୟା ଦେଶମୁଖ। ଫାଇନାଲରେ ସେ ଯେ କେବଳ ନିଜ ଆଦର୍ଶ ଖେଳାଳି କୋନେରୁ ହମ୍ପିଙ୍କୁ ହରାଇ ବଡ଼ ସଫଳତା ହାସଲ କରିଛନ୍ତି ତା ନୁହେଁ ବିନା ନର୍ମରେ ହାସଲ କରିଛନ୍ତି ଗ୍ରାଣ୍ଡମାଷ୍ଟର ଟାଇଟଲ...**

ବିଶ୍ୱକପ୍ ବିଜୟ ପରେ ଦିବ୍ୟାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ, ବାଚସ୍ପତି, ୫ଥର ବିଶ୍ୱ ଚେସ ଚାମ୍ପିୟନ ଆନନ୍ଦଙ୍କ ପର୍ଯ୍ୟନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୋଦି ତାଙ୍କ ବିଜୟକୁ 'ଭାରତୀୟ ଚେସ୍ ପାଇଁ ଏକ ଅଦ୍ଭୁତ ଦିନ' ବୋଲି କହିଥିଲେ, ଯେତେବେଳେ ରାହୁଲ କହିଥିଲେ, 'ସେ ଏକ ଅସାଧାରଣ ସଫଳତା ହାସଲ କରିଛନ୍ତି' । ଦିବ୍ୟା ଦେଶମୁଖ ଏବଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହମ୍ପି କୋନେରୁଙ୍କୁ ଉଲ୍ଲେଖ କରି ସେ କହିଥିଲେ, 'ଦୁଇ ଭାରତୀୟ ମହିଳା। ଏକ ବିଶ୍ୱ ମଞ୍ଚ। ଗର୍ବରେ ଝଲସୁଥିବା ଏକ ଦେଶ।' ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ସମେତ ଅନେକ ଅଭିନେତା, ବ୍ୟବସାୟୀ ଏବଂ କ୍ରୀଡା ତାରକା ମଧ୍ୟ ତାଙ୍କୁ ଏତେ କମ୍ ବୟସରେ ବଡ଼ ବିଜୟ ପାଇଁ ଶୁଭକାମନା କରିଥିଲେ। କିମ୍ବଦନ୍ତୀ କ୍ରିକେଟର ତେନ୍ଦୁଲକର କହିଥିଲେ ''ଏକ ସର୍ବଭାରତୀୟ ଫାଇନାଲ୍। ଏକ ଐତିହାସିକ ବିଜୟ। ଭାରତର ପ୍ରଥମ ମହିଳା ବିଶ୍ୱକପ୍ ଚାମ୍ପିୟନ୍ ଏବଂ ନୂତନ ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖଙ୍କୁ ଅଭିନନ୍ଦନ। ଏକ ରୋମାଞ୍ଚକର ପ୍ରତିଯୋଗିତା ପାଇଁ କୋନେରୁ ହମ୍ପିଙ୍କୁ ପୂର୍ଣ୍ଣ ଶ୍ରେୟ।'' ତେନ୍ଦୁଲକର X ରେ ପୋଷ୍ଟ କରିଥିଲେ, ଯେତେବେଳେ ଅଭିନେତା ଜ୍ୟାକି ଶ୍ରଫ୍ ତାଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, ମାତ୍ର ୧୯ ବର୍ଷ ବୟସରେ ଚାମ୍ପିୟନ୍ ଏବଂ ଗ୍ରାଣ୍ଡମାଷ୍ଟର ଭାରତକୁ ଗର୍ବିତ କରୁଛନ୍ତି। ମହିନ୍ଦ୍ରା ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ତାଙ୍କ ମାଆଙ୍କୁ ପ୍ରଶଂସା କରି କହିଥିଲେ, 'ଗ୍ରାଣ୍ଡମାଷ୍ଟରଙ୍କ ପଛରେ ଜଣେ ଯତ୍ନବାନ ମା' ଅଛନ୍ତି... ସବୁବେଳ ପରି, ଅନେକ ଷ୍ଟାରଙ୍କ ପଛରେ ଅଗଣିତ ନାୟକ' । ବିଜୟ କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ – ଏହା ଭାରତୀୟ ଚେସ୍ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ଏବଂ ଯୁବ ପ୍ରତିଭାମାନଙ୍କ ପରବର୍ତ୍ତୀ ପିଢ଼ି ପାଇଁ ଏକ ଆଲୋକବର୍ତ୍ତିକା। ପାର୍ଲାମେଣ୍ଟରେ ବାଚସ୍ପତି ଓମ୍ ବିର୍ଲା ପ୍ରାୟ ୭ ମିନିଟ ଧରି ତାଙ୍କ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟ ସଦସ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ମହାରାଷ୍ଟ୍ର ସରକାର ୫ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ।

୨୦୨୨ରେ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ଏମ୍‌ପିଏଲ୍ ୪୭ତମ ଜାତୀୟ ମହିଳା ଚେସ୍‌ରେ ଚାମ୍ପିୟନ ହୋଇ ସେ ୫.୫ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲେ। ସବୁଠାରୁ କୌତୂହଳପ୍ରଦ କଥା ହେଲା ଦିବ୍ୟାଙ୍କ ଆଦର୍ଶ ଖେଳାଳି ହେଉଛନ୍ତି କୋନେରୁ ହମ୍ପି। ବିଶ୍ୱ ମଞ୍ଚର ମହା ମୁକାବିଲାରେ ସେ ନିଜ ଆଦର୍ଶ ଖେଳାଳିଙ୍କୁ ହରାଇ ହାସଲ କରିଛନ୍ତି କ୍ୟାରିୟରର ସବୁଠାରୁ ବଡ଼ ସଫଳତା। ତାଙ୍କର ଏହି ପ୍ରଦର୍ଶନ ସହ ଭାରତୀୟ ଚେସ୍ ଇତିହାସରେ ଆରମ୍ଭ ହୋଇଛି ସ୍ୱର୍ଣ୍ଣିମ ଅଧ୍ୟାୟ।

## ଗୁରୁ-ଶିଷ୍ୟ ପରମ୍ପରାର ବଳିଷ୍ଠ ଉଦାହରଣ

ଜର୍ଜିଆର ବାଟୁମିରୁ ଫେରିବା ପରେ ନାଗପୁର ରୋଡ୍‌ଶୋ'ରେ ଦିବ୍ୟା ତାଙ୍କର ପ୍ରଥମ ପ୍ରଶିକ୍ଷକ ରାହୁଲ ଜୋଶୀଙ୍କ ଏକ ଫ୍ରେମ୍ ଫଟୋ ଧରିଥିଲେ। ଯାହାଙ୍କର କିଛି ବର୍ଷ ପୂର୍ବେ ଦେହାନ୍ତ ହୋଇଯାଇଛି। କେବଳ ସେତିକି ନୁହେଁ ଦିବ୍ୟା ତାଙ୍କର ଗ୍ରାଣ୍ଡମାଷ୍ଟର ଉପାଧି ମଧ୍ୟ ଏହି ପ୍ରଥମ କୋଚ୍‌ଙ୍କୁ ଉତ୍ସର୍ଗ କରିଥିଲେ। କାରଣ ଦିବ୍ୟାଙ୍କ ପ୍ରତିଭାରେ ପ୍ରଥମ ବିଶ୍ୱାସୀ ଥିଲେ ଜୋଶୀ। ସେ ଏପରି ଜଣେ ବ୍ୟକ୍ତି ଯିଏକି ତାଙ୍କ ମାତାପିତା ଏବଂ ଦିବ୍ୟାଙ୍କୁ ବିଶ୍ୱାସ କରାଇଥିଲେ ଯେ ସେ ଶ୍ରେଷ୍ଠମାନଙ୍କ ମଧ୍ୟରୁ ଜଣେ ହୋଇପାରିବେ। ଏତେବଡ଼ ସଫଳତା ପାଇବା ଖୁସିରେ ଉଲ୍ଲସିତ ଥିଲେ ମଧ୍ୟ ଦିବ୍ୟା ନିଜ ପ୍ରଥମ ଗୁରୁଙ୍କୁ ଭୁଲି ନ ଥିଲେ। ଉପଯୁକ୍ତ ସମ୍ମାନ ଜଣାଇ ଗୁରୁ ଶିଷ୍ୟ ପରମ୍ପରାର ବଳିଷ୍ଠ ଉଦାହରଣ ସୃଷ୍ଟି କରିଥିଲେ।



ଫାଇନାଲ ଅବସରରେ କୋନେରୁ ହମ୍ପି ଓ ଦିବ୍ୟା ଦେଶମୁଖ।

# ଚିତ୍ତାକର୍ଷକ ଟେଷ୍ଟ ସିରିଜ


ନିର୍ମଳ କୁମାର ମିଶ୍ର

**ଭାରତୀୟ କ୍ରିକେଟ ଦଳର ଇଂଲଣ୍ଡ ଗସ୍ତ ଶେଷ ହୋଇଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରି ୫ ମ୍ୟାଚ ବିଶିଷ୍ଟ ସିରିଜକୁ ସ୍ମରଣୀୟ କରିଛି...**

ଟିମ ଇଣ୍ଡିଆର ଶେଷ ହେଲା ଇଂଲଣ୍ଡ ଗସ୍ତ। ଯୁବ ଅଧିନାୟକ ଗିଲଙ୍କ ନେତୃତ୍ୱରେ ଭାରତୀୟ ଦଳ ଆଶାଠାରୁ ଅଧିକ ସଫଳତା ଲାଭକରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ବିରାଟ କୋହଲି, ରୋହିତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ଶାମିଙ୍କ ପରି ଅଭିଜ୍ଞ ଖେଳାଳି ଦଳରେ ନ ଥିବାରୁ ଅନେକ ଆଶଙ୍କା ପ୍ରକାଶ ପାଇଥିଲା। ମାତ୍ର ଦଳଗତ ପ୍ରଦର୍ଶନ ସହାୟତାରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୨ରେ ଡ୍ର' ରଖିବାରେ ସକ୍ଷମ ହୋଇଛି।

ବର୍ମିଂହାମରେ ପ୍ରଥମ ଟେଷ୍ଟକୁ ଭାରତ ୫ଉଇକେଟରେ ହାରିବା ପରେ ପ୍ରଦର୍ଶନକୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ ଆରମ୍ଭ ହୋଇଥିଲା। ମାତ୍ର ଏଜବାଷ୍ଟନ ଟେଷ୍ଟରେ ଭାରତ ୩୩୬ ରନରେ ବିଜୟ ହାସଲ କରିବା ପରେ ଗିଲଙ୍କ ନେତୃତ୍ୱକୁ ସମସ୍ତେ ପ୍ରଶଂସା କରିଥିଲେ। କ୍ରିକେଟର ମକ୍କା ରୂପେ ପରିଚିତ ଐତିହାସିକ ଲର୍ଡ୍ସ ଟେଷ୍ଟରେ ଏକ ସହଜ ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ଖରାପ ବ୍ୟାଟିଂକରି ମାତ୍ର ୨୨ ରନ୍‌ରେ ହାରିବାରୁ ସିରିଜରେ ୧-୨ରେ ପଛରେ ରହିଥିଲା। ପରବର୍ତ୍ତୀ ମାଞ୍ଚେଷ୍ଟର ଟେଷ୍ଟରେ ଦୁଇ ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଇଂଲଣ୍ଡକୁ ଦେଇଥିଲେ ଦୃଢ଼ ଜବାବ। ଉଭୟ ବ୍ୟାଟର୍ସଙ୍କ ଶତକୀୟ ଇନିଂସ ଭାରତକୁ ଏକ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲା। ଓଭାଲରେ ଅନୁଷ୍ଠିତ ସିରିଜର ପଞ୍ଚମ ତଥା ଅନ୍ତିମ ଟେଷ୍ଟରେ୍ ଦମଦାର ପ୍ରଦର୍ଶନ ମାଧ୍ୟମରେ ଭାରତ ଏକ କଷ୍ଟ ସାଧ୍ୟ ଓ ଅସମ୍ଭବ ବିଜୟ ଦ୍ୱାରା ସିରିଜକୁ ୨-୨ରେ ବରାବର କଲା। ନିଜର ସମ୍ମାନ ରକ୍ଷା କଲା ଯୁବ ଗିଲ ବାହିନି।

ସଂପୂର୍ଣ୍ଣ ସିରିଜ ବେଶ ରୋମାଞ୍ଚକ ଓ ରେକର୍ଡ ଭରା ରହିଥିଲା। ଭାରତ ଏକ ସ୍ୱତନ୍ତ୍ର ରଣନୀତି ନେଇ ଏହି ସିରିଜ ଖେଳିଥିଲା। ସାଇ ସୁଦର୍ଶନ ଓ କରୁଣ ନାୟାର, ନିତିଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁର ପ୍ରଦର୍ଶନରେ ସ୍ଥିରତା ନ ରଖି ନିରାଶ କରିଥିଲେ। ଆଘାତ ଜନିତ ସମସ୍ୟା ଭାରତ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଜୋ ରୁଟ, ହାରୀ ବ୍ରୁକ, ଜେମି ସ୍ମିଥ, ବେନ ଡକେଟ୍, ଓଲି ଗୋପ, ଜ୍ୟାକ କ୍ରଲି ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଭଲ ଫର୍ମରେ ଥିବାରୁ ଇଂଲଣ୍ଡ ବାଜ୍ ବଲ କ୍ରିକେଟ ମାଧ୍ୟମରେ ଭୟ ସୃଷ୍ଟି କରିଥିଲା। ପ୍ରଥମ ଥର ପାଇଁ ଖେଳାଯାଇଥିବା ୫ଟି ଯାକ ଟେଷ୍ଟର ଫଳାଫଳ ୫ମ ଦିନରେ ହିଁ ମିଳିଥିଲା। ସିରିଜରେ ମୋଟ ୭୧୮୭ ରନ୍ ସଂଗୃହୀତ ହୋଇଥିବାବେଳେ ୨୧ଟି ଶତକ ହାସଲ ହୋଇଥିଲା। ଭାରତ ପକ୍ଷରୁ ୧୨ଟି ଏବଂ ଇଂଲଣ୍ଡ ବ୍ୟାଟର୍ସ ମାନେ ୯ଟି ଶତକ ହାସଲ କରିଥିଲେ। ଶୁଭମନ ଗିଲ୍, ଲୋକେଶ ରାହୁଲ, ରାହୁଲ, ରିଷଭ ପନ୍ତ, ଯଶଶ୍ୱୀ ଜୟସ୍ୱାଲ ଓ ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ପ୍ରମୁଖ ଚମତ୍କାର ବ୍ୟାଟିଂ କରି ବ୍ୟକ୍ତିଗତ ୪ଶହରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ଏହା ପୂର୍ବରୁ କୌଣସି ଟେଷ୍ଟ ସିରିଜରେ ୫ଜଣ ବ୍ୟାଟର୍ସ ୪୦୦ ରନ୍ କରି ନ ଥିଲେ। ଯାହାକି ଏକ ରେକର୍ଡ। ସଂପୂର୍ଣ୍ଣ ସିରିଜର ୧୦ଟି ଇନିଂସରେ ଭାରତ ରେକର୍ଡ ୩୮୦୯ ରନ ସଂଗ୍ରହ କରଥିଲା। ଭାରତ ପକ୍ଷରୁ ଅଧିନାୟକ ଶୁଭମନ ଗିଲ ସର୍ବାଧିକ ୭୫୪ରନ କରିଥିବାବେଳେ ଲୋକେଶ ରାହୁଲ ୫ ଟେଷ୍ଟରୁ ୫୩୨, ରବୀନ୍ଦ୍ର ଜାଡେଜା ୫ଟି ଟେଷ୍ଟରୁ ୫୧୬, ରିଷଭ ପନ୍ତ ୪ ମ୍ୟାଚରୁ ୪୭୯, ଯଶଶ୍ୱୀ ଜୟସ୍ୱାଲ ୪୧୧ ରନ କରିଥିଲେ। ଇଂଲଣ୍ଡ ଷ୍ଟାର ବ୍ୟାଟର ଜୋ ରୁଟ୍ ୫୩୭ ରନ ସ୍କୋର କରିଥିଲେ।


ଓଭାଲରେ ବିଜୟ ପରେ ଉଲ୍ଲସିତ ଭାରତୀୟ ଦଳ

ସେହିପରି ବୋଲିଂରେ ଓଭାଲ ଟେଷ୍ଟ ମ୍ୟାଚର ହିରୋ ପୋଷ୍ଟର ବୟ ମହମ୍ମଦ ସିରାଜ ସଂପୂର୍ଣ୍ଣ ସିରିଜରେ ୫ ଟେଷ୍ଟରୁ ୨୩ଟି ଉଇକେଟ ନେଇଥିବା ବେଳେ ସାଥି ବୋଲର ପ୍ରସିଦ୍ଧ କ୍ରିଷ୍ଣା ୧୪, ଯଶପ୍ରୀତ ବୁମରା ୧୪ ଏବଂ ଆକାଶ ଦୀପ ୧୩ଟି ଉଇକେଟ ନେଇଥିଲେ। ଇଂଲଣ୍ଡ ପକ୍ଷରୁ ଯୁବ ପେସ୍ ବୋଲର ଜୋଶ୍ ଟଙ୍ଗ ସର୍ବାଧିକ ୧୯ଟି ଉଇକେଟ ନେଇଥିଲେ। ଉଭୟ ଦଳର ସ୍ପିନରମାନେ ମାତ୍ର ୨୭ଟି ଉଇକେଟ ପାଇଥିଲେ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା କୌଣସି ଟେଷ୍ଟ ସିରିଜରେ ଭାରତ ସର୍ବାଧିକ ୮ଥର ୩୫୦ରୁ ଅଧିକ ରନ ସଂଗ୍ରହ କରିଛି। ଯାହାକି ଏକ ରେକର୍ଡ। ଏକ ଚମତ୍କାର ଟେଷ୍ଟ ସିରିଜର ପରିସମାପ୍ତି ଘଟିଛି। ଟି୨୦ର ଲୋକପ୍ରିୟତା ସତ୍ତ୍ୱେ ଚଳିତ ଟେଷ୍ଟ ସିରିଜ ପ୍ରମାଣ କରିଛି ଯେ ଏବେବି ଟେଷ୍ଟ କ୍ରିକେଟର ଲୋକପ୍ରିୟତା ଓ ରୋମାଞ୍ଚ ରହିଛି। ଅଧିକାଂଶ ଟେଷ୍ଟରୁ ଫଳାଫଳ ମିଳୁଥିବାରୁ ରେଡ ଚେରୀ ଫର୍ମାଟକୁ ଦର୍ଶକମାନେ ବହୁ ସଂଖ୍ୟାରେ ଉପଭୋଗ କରିବା ଖୁସିର କଥା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଟେବୁଲରେ ଇଂଲଣ୍ଡକୁ ପଛରେ ପକାଇ ଭାରତ ଏବେ ତୃତୀୟ ସ୍ଥାନକୁ ଉଠିଛି। ଆଗକୁ କିଛି ପରିବର୍ତ୍ତନ ସହ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ସେଥିରୁ ମଧ୍ୟ ଭଲ ଫଳାଫଳ ଆଶା କରାଯାଉଛି।

## ସଫଳତା

ସିରାଜ ମ୍ୟାଜିକ ସ୍ପେଲ ବଳରେ
ଓଭାଲଠି ଟେଷ୍ଟ ଜିତି
ସିରିଜକୁ ଦୁଇ-ଦୁଇ ରଖି ଟିମ
ରଚିଅଛି ନୂଆ କୀର୍ତ୍ତି
ଏ ସଫଳତାରୁ ଅତି
ହୃଦୟରୁ ୱିସ୍ ଘେନ ଗିଲ୍ ସେନା
କୁଣ୍ଢେ ମୋଟ ଫ୍ୟାନ ଛାତି।

ପଇଁତିରିଶ ବର୍ଷ ବ୍ୟବଧାନ ପରେ
ଜାତୀୟ ସୁଇମିଂରୁ ସୁନା
ପଦକ ପାଇଛି ଓଡ଼ିଶାର ସାଇ
ସ୍ୱରୂପ ସ୍ୱାଇଁଙ୍କୁ ଅନା
ବ୍ୟାକ୍ ଷ୍ଟ୍ରୋକ ହିରୋ ସିନା
ଗତ ରାଜ୍ୟ ପ୍ରତିଯୋଗିତାରେ ଆଠ
ସୁନା ପାଇଥିଲା ଜିନା।

ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର ଇଭେଣ୍ଟ
ରାଜଧାନୀ ରଙ୍ଗା ରଙ୍ଗ
ସତର ଦେଶରୁ ଏକଶ'ଷାଠିଏ
ଆଥଲେଟ ନେବେ ଭାଗ
ଫିଟନେସ ଥିଲେ ବାଗ
କ୍ରୀଡା ଜ୍ଞାନ ବଳେ ଶ୍ରାବଣୀ କୁହେ ସେ
ସଫଳତା ପାଏ ଆଗ।

–ସୁବାସ ଚନ୍ଦ୍ର ପ୍ରଧାନ

# 'ୱାର୍ଲ୍ଡ କଣ୍ଟିନେଣ୍ଟାଲ ସୁଯୋଗ ଆଣିଛି'

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପାଇଁ କଳିଙ୍ଗ ଷ୍ଟାଡିୟମରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦେଶ ବିଦେଶର ଆଥ୍‌ଲେଟ୍‌ମାନେ ଭୁବନେଶ୍ୱରରେ ପହଞ୍ଚି କଳିଙ୍ଗରେ ଟ୍ରେନିଂ ଆରମ୍ଭ କରିଛନ୍ତି। ଆମ ରାଜ୍ୟର ପ୍ରତିଭାସମ୍ପନ୍ନ ଆଥ୍‌ଲେଟ୍ ଲାଲୁ ପ୍ରସାଦ ଭୋଇ ମଧ୍ୟ ଟ୍ରେନିଂକୁ ଜୋରଦାର କରିଛନ୍ତି। ସେ ୧୦୦ ଓ ୨୦୦ ମିଟରରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ ବହୁତ ବଡ଼ ଗେମ୍। ହୋମ୍ ଗ୍ରାଉଣ୍ଡରେ ହେବାକୁ ଯାଉଥିବାରୁ ସେ ବହୁତ ଉତ୍ସାହିତ ଅଛନ୍ତି। ''ଦେଖିବାକୁ ଗଲେ ୱାର୍ଲ୍ଡ କଣ୍ଟିନେଣ୍ଟାଲ ରାଜ୍ୟ ଆଥ୍‌ଲେଟ୍‌ଙ୍କ ପାଇଁ ବଡ଼ ସୁଯୋଗ ଆଣିଛି। ଏପରି ଏକ ବଡ଼ ପ୍ଲାଟଫର୍ମରେ ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ପାଇବା ବହୁତ ବଡ଼ କଥା। ମୁଁ ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଲକ୍ଷ୍ୟ ରଖିଛି'' ବୋଲି କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ଅବସରରେ ପ୍ରକାଶ କରିଛନ୍ତି ଲାଲୁ ପ୍ରସାଦ। ୧୦୦ ମିଟରରେ ତାଙ୍କର ଶ୍ରେଷ୍ଠ ଟାଇମିଂ ୧୦.୩୪ ଓ ୨୦୦ ମିଟରରେ ୨୧.୨୩ ସେକେଣ୍ଡ ରହିଛି। ଆଗକୁ ଏସିଆନ ଗେମ୍ସ ସହିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ବିଶ୍ୱ ଚାମ୍ପିୟନଶିପ୍ ଏବଂ ଅଲିମ୍ପିକ୍ସ ଆଦି ବଡ଼ ଇଭେଣ୍ଟରେ ଭାଗ ନେବାକୁ ଲକ୍ଷ୍ୟ ଥିବାରୁ ୧୦ରୁ କମ୍ ସେକେଣ୍ଡ ମଧ୍ୟରେ ରେସ୍ ଫିନିଶ୍ କରିବାକୁ ହେବ ବୋଲି ସେ ଅନୁଭବ କରୁଛନ୍ତି। ଓଡ଼ିଶାର ପାଣି ପବନ ସହିତ ସେ ଅଭ୍ୟସ୍ତ ଥିବାରୁ ଆଗାମୀ ପ୍ରତିଯୋଗିତାରେ ଭଲ କରିବେ ବୋଲି ଆଶା ରଖିଛନ୍ତି। ତାରକା ଆଥଲେଟ୍‌ଙ୍କ ସହ ରେସ୍ କରି ସେ ଅନେକ ଅନୁଭୂତି ମଧ୍ୟ ଲାଭ କରିପାରିବେ ବୋଲି କହିଛନ୍ତି।



ଲାଲୁ ପ୍ରସାଦ ଭୋଇ

## ପ୍ରସ୍ତୁତି ଭଲ ରହିଛି

କ୍ୟାରିୟର ଆରମ୍ଭରେ ମୋ ପାଇଁ ସେମିତି କେହି ଟ୍ରେନର ନ ଥିଲେ। ପିଇଟି ଶିକ୍ଷକଙ୍କ ନିର୍ଦ୍ଦେଶରେ ଖେଳୁଥିଲି। କିଟ୍‌କୁ ଆସିବାପରେ ତ୍ରିନାଥ ସାର୍ ମୋତେ ଗାଇଡ୍ କରିଥିଲେ। ରିଲାଏନ୍ସ ଫାଉଣ୍ଡେଶନରେ ଯୋଗଦେଇଥିବାରୁ ମୁମ୍ବାଇରେ ଥିବା ମୁଖ୍ୟ ସେଣ୍ଟରରେ ରୋହିତ ମାନେଙ୍କଠାରୁ ଏବେ ସେ ଟ୍ରେନିଂ ନେଉଛି। ତେବେ ଜର୍ମାନୀ ପ୍ରତିଯୋଗିତା ପରେ ମୁଁ ଏଠାକୁ ଆସି କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ କରୁଛି ବୋଲି ପ୍ରକାଶ କରିଛନ୍ତି।

## କିଟ୍‌ରେ ପଢୁଥିବାରୁ ବିଶ୍ୱସ୍ତରରେ ପଦକ ପାଇପାରିଲି

ନିକଟରେ ଆମେ ୟୁରୋପ ଯାଇ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗ ନେଇଥିଲୁ। ଇଭେଣ୍ଟର ବହୁ ପୂର୍ବରୁ ଯାଇ ସେଠାକାର ପାଗ, ପରିବେଶ ଏବଂ ଖାଦ୍ୟପେୟ ସହିତ ଖାପ ଖୁଆଇଥିବାରୁ ପଦକ ଜିତିବା ସମ୍ଭବ ହେଲା। ମୁଁ କିଟ୍ ବିଶ୍ୱବିଦ୍ୟାଳୟରେ ଏମ୍.କମ୍ କରୁଛି। ପଢ଼ାପଢ଼ି ଠିକ୍ ଚାଲିଛି। କିଟ୍ ଓ କିସ୍ ଆମକୁ ପଢ଼ା ସହ ଖେଳପାଇଁ ବହୁତ ସାହାଯ୍ୟ କରୁଛନ୍ତି। ଆର୍ଥିକ ସହାୟତା ମଧ୍ୟ ଦେଉଛନ୍ତି। କିଟ୍‌ରେ ପଢୁଥିବାରୁ ହିଁ ମୁଁ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗନେଇ ପଦକ ଜିତିପାରିଲି। ୨୦୨୭ରେ ମଧ୍ୟ ମୁଁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିବା ନେଇ ଆଶା ରଖିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପିଲାମାନଙ୍କ ପଢ଼ା ସହ ଖେଳ ପାଇଁ ବହୁତ କିଛି କରୁଛନ୍ତି। ପୂର୍ବରୁ କେବଳ କଳିଙ୍ଗ ଷ୍ଟାଡିୟମରେ ସିନ୍ଥେଟିକ୍ ଟ୍ରାକ୍ ଥିଲା। ଏବେ କିଟ୍ ପରିସରରେ ମଧ୍ୟ ସିନ୍ଥେଟିକ୍ ଟ୍ରାକ୍ ଉପଲବ୍ଧ। ତେଣୁ ପିଲାମାନେ ସେହି ଟ୍ରାକ୍‌ରେ ଟ୍ରେନିଂ କରି ପାରୁଛନ୍ତି। ପ୍ରତିଦ୍ୱନ୍ଦ୍ୱିତା ସବୁ ସିନ୍ଥେଟିକ୍ ଟ୍ରାକ୍‌ରେ ହେଉଥିବାରୁ ସେଥିରେ ଟ୍ରେନିଂ କରିବା ବହୁ ଉପାଦେୟ ହୋଇପାରିବ। ମୁଁ ସେଥିରେ ମଧ୍ୟ ୨-୩ ମାସ ଟ୍ରେନିଂ କରିଥିଲି। ସେଠାରେ ବହୁତ ଭଲ କୋଚ୍ ଅଛନ୍ତି ବୋଲି କିସ୍‌ର ଆଦିବାସୀ ଛାତ୍ର ଲାଲୁ ପ୍ରକାଶ କରିଛନ୍ତି।

## ଫୁଟ୍‌ବଲରୁ ଆଥ୍‌ଲେଟିକ୍ସ

ମା' ଗୋଲାପ ଭୋଇ ଓ ବାପା କାର୍ତ୍ତିକ ଭୋଇଙ୍କ ତୃତୀୟ ସନ୍ତାନ ଲାଲୁ ପ୍ରସାଦଙ୍କ ଘର କଳାହାଣ୍ଡି ଜିଲାର ଆଶ୍ରମପଡ଼ା ଗ୍ରାମରେ। ସେମାନେ ଦୁଇ ଭାଇ, ଦୁଇ ଭଉଣୀ। ହେଲେ ତାଙ୍କ ବ୍ୟତୀତ ଆଉ କେହି ଖେଳ ସମ୍ପର୍କରେ ବିଶେଷ ଜ୍ଞାତ ନାହାନ୍ତି। ପିଲାଦିନେ ଲାଲୁ ଖେଳ ବିଷୟରେ ବିଶେଷ କିଛି ଜାଣି ନ ଥିବାରୁ ଅନ୍ୟ ପିଲାଙ୍କ ପରି ଫୁଟ୍‌ବଲ, କ୍ରିକେଟ ସହ ଅନ୍ୟ ଖେଳ ମଧ୍ୟ ଖେଳୁଥିଲେ। ସ୍କୁଲରେ ପଢୁଥିବାବେଳେ ଲଙ୍ଗ୍‌ଜମ୍ପରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମାତ୍ର ଫୁଟ୍‌ବଲ ଖେଳୁଥିବାବେଳେ ଦ୍ରୁତଗତିରେ ଦୌଡୁଥିବାରୁ ସ୍କୁଲ୍‌ର ପିଇଟି ଶିକ୍ଷକଙ୍କ ପରାମର୍ଶ କ୍ରମେ ସ୍ପ୍ରିଣ୍ଟକୁ ଆପଣେଇଥିଲେ। ସ୍କୁଲ ଓ ଯୁକ୍ତ୨ରେ ଏଥିରୁ ଭଲ ଫଳାଫଳ ମିଳି ନ ଥିଲା। ତେବେ କୋଭିଡ୍ ଟାଇମ୍‌ରେ ଜୁନିୟର ନ୍ୟାଶନାଲ ଟ୍ରାଏଲରେ ଭଲ ପ୍ରଦର୍ଶନ କରି ଯୋଗ୍ୟତା ହାସଲ କରିବା ପରେ ତାଙ୍କର ପେସାଦାର ସ୍ପ୍ରିଣ୍ଟ ଜୀବନ ଆରମ୍ଭ ହୋଇଥିଲା। ଗାଁରେ ବିଶେଷ ସୁଯୋଗ ନ ଥିବାରୁ ଘର ଲୋକଙ୍କ ପରାମର୍ଶ କ୍ରମେ ମୁଁ ଭୁବନେଶ୍ୱର ଆସି କିସ୍‌ରେ ପଢ଼ିଥିଲି। ସେଠାରେ ମୋ ଖେଳ ଜୀବନ ଉପଯୁକ୍ତ ଦିଶା ପାଇଥିଲା। କିମ୍ବଦନ୍ତୀ ଆଥ୍‌ଲେଟ୍ ଜାମାଇକାର ଉସେନ ବୋଲ୍ଟ ମୋର ଆଦର୍ଶ ଆଥ୍‌ଲେଟ୍ ବୋଲି ଲାଲୁ କହିଛନ୍ତି।

## ଜର୍ମାନୀରେ ପଦକ ବିଜୟର ସ୍ମୃତି ଅବିସ୍ମରଣୀୟ

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୪x୧୦୦ ମିଟର ରିଲେ ଇଭେଣ୍ଟରେ କିଏ କେଉଁ ନମ୍ବରରେ ଦୌଡ଼ିବ ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା। ସେଠାକାର ସ୍ମୃତିକୁ ମନେପକାଇ ଲାଲୁ କହିଛନ୍ତି ଯେ, ''ଜେମ୍ସ ଓ ମାର୍ଟିନ ସାର୍‌ଙ୍କ ନିଷ୍ପତ୍ତି ଅନୁସାରେ ମୁଁ ପ୍ରଥମେ ରେସ୍ କରିଥିଲି। ଦ୍ୱିତୀୟରେ ଅନିମେଶ କୁଜୁର, ତୃତୀୟରେ ମଣିକାନ୍ତ ହବ୍ଲିଦାର ଓ ଚତୁର୍ଥ ତଥା ଅନ୍ତିମରେ ଡି.ଏମ.ଜୟରାମ ଦୌଡ଼ିଥିଲେ। ମୁଁ ପ୍ରଥମେ ରେସ୍ କରିଥିବାରୁ ସବୁଯାକ ଚାପ ମୋ ଉପରେ ଥିଲା। କାରଣ ରେସ୍ ଆରମ୍ଭ ଭଲ ନ ହେଲେ ସବୁକିଛି ଖରାପ ହୋଇ ଯାଇଥାନ୍ତା। ତେଣୁ ମୁଁ ବହୁତ ନର୍ଭସ ଥିଲି। ଅନିମେଶକୁ ବାଟନ ଦେବାବେଳେ 'ଭାଗ୍, ଭାଗ୍ ଅନିମେଶ' ବୋଲି ଜୋରରେ ଚିତ୍କାର କରିଥିଲି। ମୋ ପରବର୍ତ୍ତୀ ୩ଜଣଙ୍କ ରେସ୍‌କୁ ମୁଁ ଦେଖୁଥିଲି। ରୌପ୍ୟ ଓ ବ୍ରୋଞ୍ଜ ପାଇଁ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଆମର କଡ଼ା ଟକ୍କର ହୋଇଥିଲା। ଭାରତ ପାଇଁ ପଦକ ଜିତିବାର ସ୍ୱପ୍ନ ଏତେ ଥିଲା ଯେ ମୁଁ ବହୁ ଚାପକୁ ଆସି ଯାଇଥିଲି। ଶେଷରେ ଜୟରାମ ସହିତ ଅଷ୍ଟ୍ରେଲିଆ ରନର ପାଖାପାଖି ସମାନ ସମୟରେ ରେସ୍ ଫିନିଶ୍ କଲେ। ଦକ୍ଷିଣ କୋରିଆ ପ୍ରଥମ ଓ ଦକ୍ଷିଣ ଆଫ୍ରିକା ଦ୍ୱିତୀୟରେ ଥିବା ସ୍କ୍ରିନରେ ଦର୍ଶାଯାଇଥିଲା। ମାତ୍ର ତୃତୀୟ ସ୍ଥାନଲାଗି ଘୋଷଣାରେ ବିଳମ୍ବ ହେଲା। ପଦକ ସମ୍ଭବତଃ ହାତରୁ ଖସିଗଲା ବୋଲି ମୋ ମନରେ ଭୟ ଆସି ଯାଇଥିଲା। ମାତ୍ର ପ୍ରତୀକ୍ଷାର ଅନ୍ତ ଘଟି ଶେଷରେ ତୃତୀୟ ସ୍ଥାନରେ ଯେତେବେଳେ ଭାରତ ନାମ ଆସିଲା ଆମେ ସମସ୍ତେ ଦୌଡ଼ି ଯାଇ ଜୟରାମଙ୍କୁ ଜାବୋଡ଼ି ଧରି ଖୁସି ମନାଇଥିଲୁ। କହିବାକୁ ଗଲେ ସେ ସମୟର ସ୍ମୃତି ଜୀବନରେ କେବେ ଭୁଲି ହେବନି। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ରିଲେ ଇଭେଣ୍ଟରେ ଭାରତ ପାଇଁ ଏହା ପ୍ରଥମ ପଦକ ଥିଲା''।

## ଆଗକୁ ଆହୁରି ଆଥ୍‌ଲେଟ୍ ସାମ୍ନାକୁ ଆସିବେ

ଜର୍ମାନୀରେ ବ୍ରୋଞ୍ଜ ପଦକ ହାସଲ ପାଇଁ ମୋ ପରିବାର, ଓଡ଼ିଶା ସରକାର, ରିଲାଏନ୍ସ ଫାଉଣ୍ଡେଶନ, କିଟ୍-କିସ୍ ଏବଂ ବନ୍ଧୁମାନଙ୍କୁ ଶ୍ରେୟ ଦେବି। ରାଜ୍ୟ ସରକାର ଓ ରିଲାଏନ୍ସ ଏଚ୍‌ପିସିରେ ବହୁତ ସୁବିଧା ସୁଯୋଗ ମିଳୁଛି। ରିଲାଏନ୍ସରେ ଯେପରି ପ୍ରୋଜେକ୍ଟ ପ୍ରସ୍ତୁତ ହୋଇଛି ଆଗାମୀ ଦିନରେ ଆହୁରି ବହୁତ ଭଲ ଆଥଲେଟ୍ ସାମ୍ନାକୁ ଆସିବେ ବୋଲି ସେ କହିଛନ୍ତି।



ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳରେ ଲାଲୁ ପ୍ରସାଦ ଭୋଇ (ବାମ)।

# ଆଉ ଏକ ସ୍ୱର୍ଣ୍ଣ ଜିତିଲେ ସାଇ ସ୍ୱରୂପ



ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ସହ ସାଇ ସ୍ୱରୂପ ସ୍ୱାଇଁ।

### ଜାତୀୟ ଜୁନିୟର ଆକ୍ୱାଟିକ୍ସ

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

ଓଡ଼ିଶାର ପ୍ରତିଭାସମ୍ପନ୍ନ ସୁଇମିଂ ସେନ୍‌ସେଶନ ସାଇ ସ୍ୱରୂପ ସ୍ୱାଇଁ ଅହମଦାବାଦ୍‌ର ନାରାୟଣପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ୫୧ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ରେକର୍ଡ ପରେ ରେକର୍ଡ କରି ଚାଲିଛନ୍ତି। ଗୁରୁବାର ଅନୁଷ୍ଠିତ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ସେ ୧:୧୦.୬୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କର୍ଣ୍ଣାଟକର ରେୟାଂଶ କାନ୍ତି ୱାଇ. ୧:୧୨.୦୧ ଓ କେରଳର ଅଭିଜିତ ପି.ପି. ୧:୧୩.୮୦ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଏହାକୁ ମିଶାଇ ସାଇ ସ୍ୱରୂପ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବରୁ ସେ ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ୨:୩୧.୫୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଏବଂ ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ ଇଭେଣ୍ଟରେ ୩୨.୯୫ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରକାଶଯୋଗ୍ୟ, ପୂର୍ବରୁ ୧୯୯୦ରେ ରଙ୍ଗନିଧି ସେଠ୍ ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ଜିତିଥିଲେ। ଦୀର୍ଘ ୩୫ ବର୍ଷ ବ୍ୟବଧାନରେ ଜାତୀୟ ସୁଇମିଂରୁ ପ୍ରଥମେ ବ୍ରୋଞ୍ଜ ପଦକ ଜିତି ଚର୍ଚ୍ଚାରେ ରହିଥିବା ସାଇ ସ୍ୱରୂପ ଏବେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସାଇ ସ୍ୱରୂପଙ୍କ ମା' ରୁନୁ ସ୍ୱାଇଁ ରାଜ୍ୟ ଗୋଇନ୍ଦା ବିଭାଗରେ ଡିଏସ୍‌ପି ଏବଂ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ରାଜ୍ୟ ପୋଲିସର ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ। ସାଇ ସ୍ୱରୂପ କୋଚ୍ ଯୁର୍ବେଶ ଦୁବେ ଓ ଡଗଲାସ ଏଗରଙ୍କ ମାର୍ଗଦର୍ଶନରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଇନସ୍ପାୟାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସରେ ପ୍ରଶିକ୍ଷଣ ନେଇଥିଲେ।

# ଗିଲ୍ ଉତ୍ତରାଞ୍ଚଳ ଅଧିନାୟକ

ନୂଆଦିଲ୍ଲୀ, ୭।୮ (ପି.ଟି.)

ଆସନ୍ତା ୨୮ ତାରିଖରୁ ଆରମ୍ଭ ହେଉଥିବା ଦୁଲୀପ ଟ୍ରଫି ପାଇଁ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲଙ୍କୁ ଗୁରୁବାର ଉତ୍ତରାଞ୍ଚଳ ଦଳର ଅଧିନାୟକ କରାଯାଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିନ ଉତ୍ତରାଞ୍ଚଳ ତା'ର ପ୍ରଥମ ମ୍ୟାଚ୍‌ରେ ପୂର୍ବାଞ୍ଚଳକୁ ଭେଟିବ ଏବଂ ଫାଇନାଲ ମ୍ୟାଚ୍ ସେପ୍ଟେମ୍ବର ୧୧ ତାରିଖରେ ଖେଳାଯିବ। ସେପ୍ଟେମ୍ବର ୧୦ ତାରିଖରୁ ଆରମ୍ଭ ହେବ।

# ଭେଲାମାଲ ବିଦ୍ୟାଳୟ ଜିତିଲା ସ୍ୱର୍ଣ୍ଣ



ପୁରସ୍କାର ସହ ଚେନ୍ନାଇର ଭେଲାମାଲ ବିଦ୍ୟାଳୟ ଦଳ।

### ବିଶ୍ୱ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍

ନୂଆଦିଲ୍ଲୀ, ୭।୮ (ପି.ଟି.)

ଚେନ୍ନାଇର ଭେଲାମାଲ ବିଦ୍ୟାଳୟ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଭର୍ଜିନିଆରେ ଅନୁଷ୍ଠିତ ବିଶ୍ୱ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ବର୍ତ୍ତମାନର ସର୍ବକନିଷ୍ଠ ବିଶ୍ୱଚାମ୍ପିୟନ ଡି. ଗୁକେଶ ଓ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦଙ୍କ ଭଳି ଚେସ୍ ଖେଳାଳି ଏହି ବିଦ୍ୟାଳୟରେ ପାଠ ପଢ଼ିଛନ୍ତି। ଭେଲାମାଲ ସ୍କୁଲ ସମସ୍ତ ୮ଟି ଗେମ୍‌ରୁ ୧୬ ପଏଣ୍ଟ ଅର୍ଜନ କରିପାରିଥିଲା। ଭେଲାମାଲ ସ୍କୁଲ ବର୍ଷ ବର୍ଷ ଧରି ବହୁ ଗ୍ରାଣ୍ଡମାଷ୍ଟର୍ସ ସୃଷ୍ଟି କରିଆସୁଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଏସ୍‌ପି ସେଥୁରମଣ ମେଣ୍ଡନ୍‌କା, କେ. ପ୍ରିୟଦର୍ଶନ, ବି. ଅଧିବନ, ବିଷ୍ଣୁ ପ୍ରସନ୍ନା, ବିକାଶ ଏନ୍‌ଆର, ବିଗ୍ନେନ ଏନ୍‌ଆର, ଏମ୍. କାର୍ତ୍ତିକେୟନ, ସି. ଅରବିନ୍ଦ, କାର୍ତ୍ତିକ ଭେଙ୍କଟରମଣ, ଭି. ପ୍ରଣବ, ଏସ୍. ଭରଥ, ଅର୍ଜୁନ କଲ୍ୟାଣ, ପି. କାର୍ତ୍ତିକେୟନ ଓ ଏନ୍ ଶ୍ରୀନାଥ। ସ୍କୁଲ ମହିଳା ଗ୍ରାଣ୍ଡମାଷ୍ଟରମାନଙ୍କ ମଧ୍ୟରେ ରହିଛନ୍ତି ପ୍ରଜ୍ଞାନନ୍ଦଙ୍କ ଭଉଣୀ ଆର. ବୈଶାଳୀ, ବର୍ଷିନୀ ଏସ୍, ଆର୍. ରକ୍ଷିତା ଓ ବି. ସବିତା ଶ୍ରୀ।

# ଓ.ପି. ଜିନ୍ଦଲ ଫୁଟ୍‌ବଲ କପ୍ ଉଦ୍‌ଘାଟିତ

ଅନୁଗୋଳ,୭।୮ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ କଦମ୍ବ ପଡ଼ିଆରେ ଓ.ପି. ଜିନ୍ଦଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ପୌର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିନ୍ଦଲ ଷ୍ଟିଲ୍ ସଭାପତି ଅତୁଲ ଦୁବେ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ, ଅନୁଗୋଳ କ୍ରିକେଟ ଆସୋସିଏଶନ ସମ୍ପାଦକ ସାଗର ନାଥ ମିଶ୍ର, ଜିଲା କ୍ରୀଡ଼ା ସଂସଦ ସଦସ୍ୟ ଅଧିବକ୍ତା ସୁଦୀପ୍ତ ଦେବତା ଓ ରୁଚିର କୁମାର ଦାସ, ଜିନ୍ଦଲ ଫାଉଣ୍ଡେଶନର ସହକାରୀ ମହାସଚିବ ସୁଶ୍ରୀ ମୈତ୍ରେୟୀ ମିଶ୍ର ଏବଂ ଜିନ୍ଦଲ ଷ୍ଟିଲ୍‌ର ସିଏସ୍‌ଆର୍ ଜିଏମ୍ ଜୟନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ୧୨ଟି ଟିମ୍ ଭାଗ ନେଇଛନ୍ତି। ଆସନ୍ତା ୧୮ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚରେ ଆଠମଲ୍ଲିକ ଟିମ୍‌କୁ ପେନାଲ୍‌ଟି ସୁଟଆଉଟ ୪-୨ରେ ପରାସ୍ତ କରି ଝାରସୁଗୁଡ଼ା ଟିମ୍ ବିଜୟୀ ହୋଇଛି। ଝାରସୁଗୁଡ଼ା ଟିମ୍‌ର ରାମ ହାଁସଦା ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



ଅତିଥି ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ଆଇଏସ୍‌ଏଲ୍‌କୁ ନେଇ ଅନିଶ୍ଚିତତା ଜାରି

### ସେପ୍ଟେମ୍ବରରେ ସୁପର କପ୍ ହୋଇପାରେ

ନୂଆଦିଲ୍ଲୀ,୭।୮ (ପି.ଟି.)

ଚଳିତ ବର୍ଷ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)କୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଜାରି ରହିଛି। ଏ ସମ୍ପର୍କରେ ଆଇଏସ୍‌ଏଲ୍ କ୍ଲବର ପ୍ରତିନିଧି ଓ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ମଧ୍ୟରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଏଆଇଏଫ୍‌ଏଫ୍ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ମାସର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରୁ ସୁପର କପ୍ ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି। 'ଆଇଏସ୍‌ଏଲ୍ କ୍ଲବଗୁଡ଼ିକୁ ଯଥେଷ୍ଟ ପରିମାଣର ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ପ୍ରଦାନ କରିବା ପାଇଁ ଏଆଇଏଫ୍‌ଏଫ୍ ପକ୍ଷରୁ ସେପ୍ଟେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରୁ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏଆଇଏଫ୍‌ଏଫ୍ ଓ ସମସ୍ତ ୧୩ ଆଇଏସ୍‌ଏଲ୍ କ୍ଲବ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମିଳିତ ଭାବେ ନିଷ୍ପତ୍ତି ନେବେ। ଆମେ ପୁଣି ଥରେ ୭ରୁ ୧୦ ଦିନରେ ବସିବୁ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ନେବୁ ବୋଲି ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଆମେ ଏବେ ବି ଚଳିତ ସିଜନରେ ଆଇଏସ୍‌ଏଲ୍ ଆୟୋଜନ କରିବାକୁ ଆଶା ରଖିଛୁ। ଯଦିଓ ଏହା ବିଳମ୍ବରେ ହୋଇପାରେ, କିନ୍ତୁ ଆମେ ଏହାକୁ ଭିନ୍ନ ଫର୍ମାଟ ସହିତ ଅନ୍ୟ କିଛି ପରିବର୍ତ୍ତନ ସହ ଆୟୋଜନ କରିପାରୁ। ଏ ପର୍ଯ୍ୟନ୍ତ ଏ ସମ୍ପର୍କରେ ନିଷ୍ପତ୍ତି ହୋଇ ନାହିଁ। ସାଧାରଣତଃ, ସୁପର କପ୍ ସିଜନ ଶେଷରେ ହୋଇଥାଏ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ